

ଆସିବନି ତେରେନାମ୍-୨

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-129 ◆WEDNESDAY ◆5 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୯ ◆ବୁଧବାର ◆୫ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




## ଛତିଶଗଡ଼ରେ ଭୟଙ୍କର ଟ୍ରେନ ଦୁର୍ଘଟଣା

### ମାଲଗାଡ଼ିକୁ ଧକ୍କା ଦେଲା ପାସେଞ୍ଜର ଟ୍ରେନ୍

# ୧୦ ମୃତ, ୨୦ ଆହତ

■ **ବିଳାସପୁର, ୪।୧୧ (ଏଜେନ୍ସି):** ଛତିଶଗଡ଼ର ବିଳାସପୁର ନିକଟରେ ଆଜି ଏକ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୧୦ ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଟ୍ରେନର ଇଞ୍ଜିନ ମାଲଗାଡ଼ି ଉପରେ ଚଢ଼ିଯାଇଥିବା ବେଳେ ଏହାପଛକୁ ଲାଗି ରହିଥିବା କୋଚିଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୬ କୁହାଯାଉଥିବା ବେଳେ ୧୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଅନେକ ଟ୍ରେନ ଚଳାଚଳକୁ ବାତିଲ କରି ଦିଆଯାଇଛି। ଅଟକି ରହିଥିବା ଯାତ୍ରୀମାନଙ୍କୁ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଉଛି।

ବିଳାସପୁର-କଟନି ସେକସନ୍ ଅନ୍ତର୍ଗତ ଗଟୌରା ଷ୍ଟେସନ ନିକଟରେ ଆଜି ଅପରାହ୍ଣ ୪ଟାରେ ଏକ ଯାତ୍ରୀବାହୀ (ମେମୁ) ଟ୍ରେନ ଠିଆ ହୋଇଥିବା ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଯାତ୍ରୀବାହୀ ଟ୍ରେନର ଅନେକ ବଗି ଲାଇନଚ୍ୟୁତ ହୋଇଯାଇଛି। ଆଉ ଗୋଟିଏ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ିଯାଇଛି। ଦୁର୍ଘଟଣାରେ ମୃତାହତଙ୍କ ମଧ୍ୟରେ ଅନେକ ଶିଶୁ ଓ ମହିଳା ଯାତ୍ରୀ ରହିଛନ୍ତି। ଓଲଟି ପଡ଼ିଥିବା କୋଚ୍ ଭିତରେ ଅନେକ ଯାତ୍ରୀ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି।

ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ, ରେଳବାଇ ଏବଂ ଏନ୍‌ଡିଆରଏଫ ସହିତ ଅନ୍ୟ ଟିମ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ଅବଶେଷ ତଳୁ ଜୀବନ ଖୋଜୁଛନ୍ତି। ବଗି ଗୁଡ଼ିକୁ ଫସି ରହିଥିବାରୁ ତାହାକୁ ଗ୍ୟାସ୍ କଟରରେ କାଟି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି। ସିଡି ମାଧ୍ୟମରେ ଯାତ୍ରୀ ଏବଂ ଶିଶୁଙ୍କୁ ଟ୍ରେନ ଭିତରୁ ଉଦ୍ଧାର କରି ତଳକୁ ଅଣାଯାଉଛି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ▶ପୃଷ୍ଠା-୭

# ସ୍ୱାସ୍ଥ୍ୟସେବାରେ ନୂଆପଡ଼ାକୁ ପ୍ରତାରଣା

## ସ୍ୱାସ୍ଥ୍ୟବୀମା ଯୋଜନାରେ ନାହିଁ ଜିଲ୍ଲାର ଗୋଟିଏ ବି ଘରୋଇ ହସ୍‌ପିଟାଲ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ନିର୍ଦ୍ଦେଶନାମା ଜିଲ୍ଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇ ଦେଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆପଡ଼ା ଜିଲ୍ଲାରେ ଏହି ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଉପଲବ୍ଧ ନାହିଁ। ଯୋଜନା ଅଧିନରେ ନୂଆପଡ଼ାରେ ଜିଲ୍ଲା ଏପରିକି ପଡ଼ୋଶୀ ରାୟପୁରରେ ଗୋଟିଏ ହେଲେ ବି ବେସରକାରୀ ଅନୁବନ୍ଧିତ ହସ୍ପିଟାଲ ନ ଥିବା ଜଣାପଡ଼ିଛି। ରାଜ୍ୟସାରା ଅନ୍ୟ ଜିଲ୍ଲାମାନଙ୍କରେ ଲୋକେ ଦେୟମୁକ୍ତ ବୀମା ଚିକିତ୍ସା ସୁବିଧା ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନୂଆପଡ଼ାବାସୀଙ୍କୁ ଏଥିରୁ କାହିଁକି ବଞ୍ଚିତ ରଖିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଅକ୍ଟୋବର ୧୦ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସଚିବ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ସହ ଭିସି ଯୋଗେ ଏକ ବୈଠକ କରିଥିଲେ। ବୈଠକରେ ଉପ ନିର୍ବାଚନରେ ନିୟୋଜିତ ହେବାକୁ ଥିବା କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଚିକିତ୍ସା ସୁବିଧା ଯୋଗାଇ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ବୈଠକରେ ସ୍ୱାସ୍ଥ୍ୟ ସଚିବ ନୂଆପଡ଼ା କିମ୍ବା ପଡ଼ୋଶୀ ରାୟପୁରରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଅଧୀନରେ କୌଣସି ଘରୋଇ ହସ୍ପିଟାଲ ସହବନ୍ଧିତ ହୋଇ ନ ଥିବା ସୂଚନା ଦେଇଥିଲେ। ଯାହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତାବ୍ୟକ୍ତ କରିବା ସହ ଉପ ନିର୍ବାଚନ ସମୟରେ ନୂଆପଡ଼ାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ କର୍ମଚାରୀ, ପୁଲିସ ଏବଂ ସିଏପିଏଫ ଜବାନଙ୍କ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।




### ରାୟପୁରରେ ବି 'ଆୟୁଷ୍ମାନ' ସେବା ପାଇପାରୁ ନାହାନ୍ତି ଜିଲ୍ଲାବାସୀ

### ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଖୋଲିଲା ଗୁମର

ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲରେ ଉପଲବ୍ଧ ଥିଲା। ଫଳସ୍ୱରୂପ ଗ୍ରାମାଞ୍ଚଳର ଗରିବ ଲୋକେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇ ପାରୁଥିଲେ। ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ବିଏସକେୱାଇକୁ ବନ୍ଦ କରିଦେବା ସହ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ମାତ୍ର ଏହି ଯୋଜନା କାର୍ଯ୍ୟକାରୀ ହେବା ସହ ନୂଆପଡ଼ା ଜିଲ୍ଲାର ସମସ୍ତ ଘରୋଇ ହସ୍ପିଟାଲ ଯୋଜନା ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଏପରିକି ପଡ଼ୋଶୀ ରାୟପୁରରେ ମଧ୍ୟ କୌଣସି ଘରୋଇ ▶ପୃଷ୍ଠା-୭

# ଆଜିଠୁ ଐତିହାସିକ ବାଲିଯାତ୍ରା

## କଟକ ମହାନଦୀ ତଟରେ ଜମିବ ମୁକ୍ତାକାଶ ମେଳା

**କଟକ, ୪।୧୧(ସମିସ):** ଉତ୍କଳୀୟ ପରମ୍ପରାର ମୂକସାକ୍ଷୀ, ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟର ଅମଳିନ ସ୍ୱାକ୍ଷର ବହନ କରୁଥିବା ଐତିହାସିକ କଟକ ବାଲିଯାତ୍ରା ବୁଧବାର ଉଦ୍‌ଘାଟିତ ହେବ। ମହାନଦୀ ତଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରୁ ୮ ଦିନ ଧରି ଚାଲିବ ଏହି ମୁକ୍ତାକାଶ ମହାବାଣିଜ୍ୟ ମେଳା। ଲକ୍ଷଲକ୍ଷ ଲୋକଙ୍କ ପାଦ ପଡ଼ିବ ମେଳା ପଡ଼ିଆରେ। ଶହେରୁ କୋଟିରୁ ଅଧିକ ଟଙ୍କାର ବେପାର ବଣିଜ୍ୟ ହେବ। ବେପାରୀମାନେ ମେଳା ପଡ଼ିଆରେ ଷ୍ଟଲ୍ ବାନ୍ଧି ସାରିଥିବା ବେଳେ ପୁଲିସ ଓ ପ୍ରଶାସନର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।




ବୁଧବାର ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବରେଣ୍ୟ ବ୍ୟକ୍ତିବିଶେଷ, ରାଜନେତାଙ୍କ ସମେତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍. କୃଷ୍ଣମୂର୍ତ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏଥର ବାଲିଯାତ୍ରା କେବଳ ତଳପଡ଼ିଆରେ ଆୟୋଜନ ହେଉଛି। ଉପର ପଡ଼ିଆରେ ମେଳା ଆୟୋଜନ ହେବ ବୋଲି ପୂର୍ବରୁ ପ୍ରଶାସନ ଘୋଷଣା କରିଥିଲେ ହେଁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବ୍ୟବସ୍ଥା ଗ୍ରହଣ ହୋଇ ପାରିଲା ନାହିଁ। ଏଣୁ, ତଳପଡ଼ିଆରେ ହେବାକୁ ଥିବା ୧୬୫୪ ଷ୍ଟଲ ବାଲିଯାତ୍ରାର ଆକର୍ଷଣକୁ ବଜାୟ ରଖିବ। ଚଳିତଥର ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ▶ପୃଷ୍ଠା-୭

## ମାଲକାନଗିରିରେ ପୁଣି ଲଜ୍ଜା

# ନାବାଳିକାଙ୍କୁ ମଦ ପିଆଇ ଦୁଷ୍କର୍ମ

■ **ମାଲକାନଗିରି, ୪।୧୧ (ସମିସ):** ମାଲକାନଗିରି ଜିଲ୍ଲାରେ ପୁଣି ଲଜ୍ଜା। ଜଙ୍ଗଲ ଭିତରେ ଜଣେ ନାବାଳିକାକୁ ଜୋରଜବରଦସ୍ତ ମଦ ପିଆଇ ଦୁଷ୍କର୍ମ କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୂଚନାନୁଯାୟୀ, ପଦ୍ମଗିରି ଅଞ୍ଚଳରେ ଜଣେ ୧୬ବର୍ଷୀୟା ନାବାଳିକା ନିଜ ସାଙ୍ଗ ସହ ସଦର ବ୍ଲକ୍ ଅନ୍ତର୍ଗତ ଯଦୁଗୁଡ଼ା ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବୁ ବାରୋଇ ନାମକ ଜଣେ ଯୁବକ ସେମାନଙ୍କର ଦେଖା ହୋଇଥିଲା। ନାବାଳିକାଙ୍କ ସାଙ୍ଗକୁ ଦେବୁ ଆଗରୁ ଚିହ୍ନି ଥିବାରୁ ସେ ନିଜ ବାଇକ୍‌ରେ ଦୁହିଁଙ୍କୁ ଘରେ ଛାଡ଼ିଦେବ ବୋଲି କହିଥିଲା। ଦେବୁ କଥାରେ ଭରସା କରି ନାବାଳିକା ନିଜ ସାଙ୍ଗ ସହ ତା' ବାଇକ୍‌ରେ ବସିଥିଲେ। କିନ୍ତୁ, ଦେବୁ ବୁଲାଇନେବା ବାହାନରେ ସେମାନଙ୍କୁ ନିକଟସ୍ଥ ଏକ ଜଙ୍ଗଲ ଭିତରକୁ ନେଇଯାଇଥିଲା। ସେଠାରେ ଦେବୁ ସାଙ୍ଗରେ ଆଣିଥିବା ମଦ ପିଇବା ସହ ଦୁଇ ନାବାଳିକାଙ୍କୁ ଯାଚିଥିଲା। କିନ୍ତୁ ପୀଡ଼ିତାଜଣଙ୍କ ରାଜି ନ ହେବାରୁ ତାଙ୍କୁ ଜୋରଜବରଦସ୍ତି ପିଆଇ ଦେଇଥିଲା। ଏଥିରେ ନାବାଳିକାର ସାଙ୍ଗ ଦେବୁକୁ ସହଯୋଗ କରିଥିଲେ। ପୀଡ଼ିତାଜଣଙ୍କ ନିଶାସକ୍ତ ହେବା ପରେ ଦେବୁ ତାଙ୍କୁ ସେଠାରେ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ▶ପୃଷ୍ଠା-୭



# ଖସୁଛି ପାରଦ, ଆସୁଛି ଶୀତ

## ଫୁଲବାଣୀ, କୋରାପୁଟରେ ୧୫ ଡିଗ୍ରୀ

■ **ଭୁବନେଶ୍ୱର, ୪।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୨-୩ ଡିଗ୍ରୀ ତାପମାତ୍ରା କମିଥିବା ବେଳେ ଆଗକୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ତାପମାତ୍ରା ହ୍ରାସ ହେବା କାରଣରୁ ଗତ ୨୪ ଘଣ୍ଟାରେ ଫୁଲବାଣୀ, କୋରାପୁଟ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ସେହିପରି କେନ୍ଦୁଝର ଓ ଝାରସୁଗୁଡ଼ାରେ ତାପମାତ୍ରା ୧୭ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ଓ ଅନୁଗୁଳରେ ତାପମାତ୍ରା ୧୮ ଏବଂ ବାରପଦା ଓ ସୁନ୍ଦରଗଡ଼ରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ▶ପୃଷ୍ଠା-୭

## ବିଜେପିରେ 'ହାରୁ ଘୋଡ଼ା' ନିଆଁ

# ବସନ୍ତ ଖପ୍ପା, ଦଳରେ ଫାଟ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କ ପ୍ରାର୍ଥିତ୍ୱକୁ ଏବେ ବି ବସନ୍ତ ଏବଂ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଖୋଲା ହୃଦୟରେ ଗ୍ରହଣ କରୁ ନ ଥିବା ଚର୍ଚ୍ଚା ହେଉଛି। ଉଭୟ ପିତା-ପୁତ୍ରଙ୍କୁ ବିଭିନ୍ନ ଉପାୟରେ ବୁଝାସୁଝା କରି ବିଜେପି ନେତୃତ୍ୱ ନିର୍ବାଚନ ପରିଚାଳନା କରୁଥିବା ସମୟରେ ବସନ୍ତ ଓ ତାଙ୍କ ଅସନ୍ତୁଷ୍ଟ ସମର୍ଥକ ଶିବିରରେ ନିଆଁ ଲଗାଇଛନ୍ତି ବିଜେପିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା। ବିଜେପି ଜିତିବା ଘୋଡାକୁ ବାଜିରେ ଲଗାଏ। ହାରିବା ଘୋଡାକୁ ପାଖକୁ ଯାଏ ନାହିଁ କି ବାଜିରେ ଲଗାଏ ନାହିଁ। ବସନ୍ତଙ୍କର କ୍ରେଜ ନାହିଁ ବୋଲି ଉଲ୍ଲେଖ କରି ପରୋକ୍ଷରେ ସେଥିପାଇଁ ଦଳ ତାଙ୍କୁ ଟିକଟ ଦେଲାନାହିଁ ବୋଲି କହିଛନ୍ତି । ପଦ୍ମଲୋଚନଙ୍କ ପ୍ରତିକ୍ରିୟା ନୂଆପଡ଼ା

### ହାରିବା ଘୋଡ଼ାରେ ବିଜେପି ବାଜି ଲଗାଏ ନାହିଁ

### ବସନ୍ତଙ୍କ କ୍ରେଜ୍ ନାହିଁ, ତେଣୁ ଟିକଟ ମିଳିଲାନାହିଁ

ବିଜେପିରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ବସନ୍ତ ଏବଂ ତାଙ୍କ ସମର୍ଥକ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ଦଳର ଜଣେ ପୁରୁଖା ନେତା, ପୂର୍ବ ରାଜ୍ୟ ସଭାପତି, ସାଂସଦ ତଥା ନୂଆପଡ଼ାର ଦୁଇଥର ବିଧାୟକଙ୍କୁ ହାରିବା ଘୋଡ଼ା ଉଲ୍ଲେଖ କରି ପଦ୍ମଲୋଚନ ନୂଆପଡ଼ା ବିଜେପି ଶିବିରକୁ ଫାଳଫାଳ କରି ଦେଇଥିବା କର୍ମୀମାନେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ପଦ୍ମଲୋଚନ କହିଥିଲେ ଯେ ଯିଏ ଜିତିବ ତାକୁ ପ୍ରାର୍ଥୀ କରାଯିବ। କଣ ମାନେ ଅଛି ବସନ୍ତ ପଣ୍ଡା ପୁଅକୁ ଟିକେଟ ଦିଆଯିବ। ଦଳ ଯାହାକୁ ନିଷ୍ପତ୍ତି ନେବ ତାକୁ ସମସ୍ତେ ଗ୍ରହଣ କରିବ। ଦଳ ସବୁବେଳେ ଚିନ୍ତା କରେ କାହାକୁ ପ୍ରାର୍ଥୀ କଲେ କିଏ ଜିତିବ। ସେହି ଅନୁସାରେ ପ୍ରାର୍ଥୀ ଚୟନ ହୋଇଥାଏ। କେଉଁ ଭଳି ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧ କ୍ଷେତ୍ରକୁ ▶ପୃଷ୍ଠା-୭

# ଅକାଳ ମୃତ୍ୟୁ ରୋକିବାକୁ ଅଜବ ପ୍ରଥା

## ବାହ୍ୟଜଗତରୁ ନିଜକୁ ବିଚ୍ଛିନ୍ନ କଲେ ଗ୍ରାମବାସୀ





■ **ନାରାୟଣପାଟଣା, ୪।୧୧ (ସମିସ):** ଅନ୍ଧବିଶ୍ୱାସ ଓ କୁ-ପ୍ରଥା ଦୂର ପାଇଁ ସରକାର ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ଦେଖିବାକୁ ମିଳୁନି। ଏକାବଂଶରେ ବିବାହ କଲେ ନବଦମ୍ପତିଙ୍କ ବେକରେ ଜୁଆଳି ପକାଇ ହଳ କରାଇବା ଭଳି ଆଦିବାସୀ ପରମ୍ପରାକୁ ନେଇ ନିକଟ ଅତୀତରେ ଚର୍ଚ୍ଚାକୁ ଆସିଥିବା ନାରାୟଣପାଟଣା ବ୍ଲକ୍‌ରେ ପୁଣି ଏକ ବିଚିତ୍ର ପ୍ରଥା ଦେଖିବାକୁ ମିଳିଛି। ଗାଁରେ ଅକାଳ ମୃତ୍ୟୁ ରୋକିବା ପାଇଁ ଗ୍ରାମବାସୀ ନିଜକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରି ରଖିଛନ୍ତି। ନା ନିଜେ ବାହାରକୁ ପାଦ କାଢୁଛନ୍ତି ନା ବାହାର ଲୋକଙ୍କୁ ଗାଁରେ ପୂରାଇ ଦେଉଛନ୍ତି। ଏପରିକି, ଗାଁକୁ ପ୍ରବେଶ ନକରିବାକୁ ପ୍ରବେଶ ପଥରେ ବଡ଼ବଡ଼ ▶ପୃଷ୍ଠା-୭

### ରାସ୍ତାରେ ବାଡ଼; ଲାଗିଲା ପ୍ରବେଶ ନିଷେଧ ଫଳକ

### ବାହାର ଲୋକଙ୍କୁ ୮ ଦିନ ଗାଁ ମନା

# ଅଚଳ ହେଲା ଓଡ଼ିଶା ଲୋକାୟୁକ୍ତ

## ଦେଢ଼ ବର୍ଷ ହେଲା ଅଧ୍ୟକ୍ଷ ନାହାନ୍ତି; ସବୁ ସଦସ୍ୟ ପଦ ଖାଲି

■ **ଭୁବନେଶ୍ୱର, ୪।୧୧ (ସମିସ):** ଦନ୍ତହୀନ ହୋଇ ପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେବ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି ଓ ଅନ୍ୟ ୫ଟି ସଦସ୍ୟ ପଦରେ ମଧ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ଷାଧିକ ସମୟ ହେଲା କୌଣସି ଅଭିଯୋଗର ଶୁଣାଣି ହୋଇନାହିଁ। ଅପରପକ୍ଷରେ ଗତବର୍ଷ ଫେବୃଆରୀରେ ନୂତନ ନିଯୁକ୍ତି ପାଇଁ ପ୍ରକାଶ ପାଇଥିଲା। ହେଲେ ବିଜେପି ସରକାରକୁ ଆସିବା ପରେ ନୂତନ ନିଯୁକ୍ତି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି। ୧୬ ମାସ ହେବ ସରକାର ଆଉ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ରାଜ୍ୟରେ ଦୁର୍ନୀତି ବଢ଼ିବା ସହ ଲୋକାୟୁକ୍ତରେ ମଧ୍ୟ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଲୋକାୟୁକ୍ତର ଅଧ୍ୟକ୍ଷ ଭାବେ ଜଷ୍ଟିସ ଅଜିତ ସିଂଙ୍କ କାର୍ଯ୍ୟକାଳ ୨୦୨୪ ମସିହା ଫେବୃଆରୀ ୧୯ ତାରିଖରେ ସରିଛି। ୩ଜଣ ସଦସ୍ୟଙ୍କ ମଧ୍ୟରୁ ଜଷ୍ଟିସ୍ ବିଜୟ କୁମାର ନାୟକ (ଜୁଡିସିଆଲ୍)ଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୦ ଓ ଡ. ଦେବବ୍ରତ ସ୍ୱାଇଁଙ୍କ କାର୍ଯ୍ୟକାଳ ଏପ୍ରିଲ୍ ୪ରେ ଶେଷ ହୋଇଛି। ଅନ୍ୟତମ ସଦସ୍ୟ ଡ. ଆରପି ଶର୍ମାଙ୍କର କାର୍ଯ୍ୟକାଳ ଅଗଷ୍ଟ ୮ ତାରିଖରୁ ଶେଷ ହେଲାଣି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିବାକୁ ୨୧ ମାସ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ ସରିବାକୁ ୧୫ମାସ ବିତିଥିଲେ ମଧ୍ୟ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ଦିଆଯିବ, ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ।




### ଶୁଣାଣି ବନ୍ଦ; ବିଚାର ଅପେକ୍ଷାରେ ୮୦୦ରୁ ଅଧିକ ମାମଲା

### ଦୁର୍ନୀତିର ପୃଷ୍ଠପୋଷକତା ଯୋଗୁଁ ନୂତନ ନିଯୁକ୍ତି ବନ୍ଦ ଅଭିଯୋଗ

ରାଜ୍ୟରେ ଦୁର୍ନୀତି ରୋକିବା ପାଇଁ ତତ୍କାଳୀନ ବିଜେଡି ସରକାର ଲୋକାୟୁକ୍ତ ନିଯୁକ୍ତିକୁ ତ୍ୱରାନ୍ୱିତ କରିଥିଲେ। ଏଥିପାଇଁ ଗତବର୍ଷ ଫେବୃଆରୀ ୨୮ ତାରିଖରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ସମେତ ୫ଜଣ ସଦସ୍ୟଙ୍କୁ ନିଯୁକ୍ତି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଗ୍ରହୀ ପ୍ରାର୍ଥୀମାନେ ମାର୍ଚ୍ଚ ୧ରୁ ୧୧ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନ ପତ୍ରକୁ ଯାଞ୍ଚ କରିବା ପାଇଁ ସର୍ଚ୍ଚ କମିଟି ମଧ୍ୟ ଗଠନ କରାଯାଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି ଗୋପାଳ ▶ପୃଷ୍ଠା-୭

# ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର ଆରମ୍ଭ

ନୂଆଦିଲ୍ଲୀ.କୋଲକାତା, ୪।୧୧(ଏଜେନ୍ସି): ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବାକୁ ଯାଉଛି ସେଗୁଡ଼ିକ ମଧ୍ୟରେ ରହିଛି ପଶ୍ଚିମ ବଙ୍ଗ, ତାମିଲନାଡୁ, ଗୁଜରାଟ, ଉତ୍ତର ପ୍ରଦେଶ, କେରଳ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଲକ୍ଷଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ। ଆଜିଠାରୁ ଅଧିକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ

### ■ ଏସ୍‌ଆଇଆର ବିରୋଧରେ ମମତାଙ୍କ ପଦଯାତ୍ରା

ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ମମତା କୋଲକାତାରେ ପଦଯାତ୍ରା ବାହାର କରିଛନ୍ତି। ଏହିକ୍ରମରେ ଆୟୋଜିତ ୩.୮ କିମି ଦୈର୍ଘ୍ୟର ପଦଯାତ୍ରାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମହାସଚିବ ଅଭିଷେକ ବାନାର୍ଜୀ ଓ ବହୁ ସଂଖ୍ୟାରେ ଦଳ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏସ୍‌ଆଇଆର୍ ନେଇ ଟିଏମ୍‌ସିର ଅଭିଯୋଗ ରହିଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ ଓ ଏଥିରେ ବିଜେପିକୁ ସୁହାଇବା ଭଳି କାର୍ଯ୍ୟ କରାଯାଉଛି। ବିଜେପି ଓ ନିର୍ବାଚନ କମିଶନ ମିଳିତ ଭାବେ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଉଛନ୍ତି ବୋଲି ଟିଏମ୍‌ସି ଅଭିଯୋଗ କରିଛି।

## ଅପରେସନ ସିନ୍ଦୂର ପରେ ପ୍ରଥମ ପାକିସ୍ତାନ ଗଲେ ଭାରତୀୟ ଶିଖ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତୀୟ ଶିଖ ଶ୍ରଦ୍ଧାଳୁ ପାକିସ୍ତାନ ଗସ୍ତ କରିଛନ୍ତି। ଏଥିସହ ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଭାରତୀୟ ନାଗରିକ ସୀମା ପାର କରି ପାକିସ୍ତାନ ଯାଇଛନ୍ତି। ଶ୍ରଦ୍ଧାଳୁମାନେ ଗୁରୁ ନାନକଙ୍କ ଜନ୍ମସ୍ଥାନ ନନ୍‌କାନା ସାହିବ୍‌ରେ ଏକାଠି ହେବେ। ନନ୍‌କାନା ସାହିବ ଲୋହୋରଠାରୁ ସଡ଼କ ପଥରେ ଗଲେ ୮୦ କିମି ଦୂରରେ ପଡ଼ିବ। ଶ୍ରଦ୍ଧାଳୁମାନେ ଗୁରୁଦ୍ୱାର ପଞ୍ଜା ସାହିବ ହାସନ ଅବଦଲ, ଗୁରୁଦ୍ୱାର ସଚା ସୌଦା ଫାରୁକାବାଦ୍ ଓ ଗୁରୁଦ୍ୱାର ଦରବାର ସାହିବ କର୍ତ୍ତାରପୁର ଭଳି ତୀର୍ଥ ସ୍ଥଳି ପରିଦର୍ଶନ କରିବା ପରେ ଆସନ୍ତା ୧୩ରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ। କର୍ତ୍ତାପୁରରେ ଗୁରୁ ନାନକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଗୁରୁ ନାନକଙ୍କ ୫୫୬ତମ ଜନ୍ମଦିବସ ପାଳନ ପାଇଁ ୧୦ ଦିନିଆ ଉତ୍ସବରେ ଯୋଗ ଦେବାକୁ ପାକିସ୍ତାନ ସରକାର ୨, ୧୫୦ ଜଣ ଶିଖ ଶ୍ରଦ୍ଧାଳୁଙ୍କୁ ଭିସା ପ୍ରଦାନ କରିଛି। ଶିଖ ଶ୍ରଦ୍ଧାଳୁଙ୍କୁ ସୀମା ସେପଟେ ପାକିସ୍ତାନ ଅଧିକାରୀମାନେ ଫୁଲ ମାଳା ଦେଇ ସ୍ୱାଗତ କରିଥିଲେ।

## ପାକିସ୍ତାନ, ଇରାନରୁ ଆଉ ୧୬ ହଜାର ଆଫଗାନ ବିଦା

କାବୁଲ, ୪।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ଗୋଟିଏ ଦିନରେ ୧୬, ୨୪୨ ଜଣ ଆଫଗାନ ଶରଣାର୍ଥୀଙ୍କୁ ବିଦା କରିଛି ବୋଲି ତାଲିବାନ ଉପ ମୁଖପାତ୍ର ହାମଦୁଲ୍ଲା ଫିତରତ ମଙ୍ଗଳବାର କହିଛନ୍ତି। ଶରଣାର୍ଥୀଙ୍କ ସମେତ ୨, ୯୬୩ ଆଫଗାନ ପରିବାରକୁ ମଧ୍ୟ ବିଦା କରଯାଇଛି। କାନ୍ଦାହରର ଦେଇ ଏମାନ ଆଫଗାନିସ୍ତାନରେ ପ୍ରବେଶ କରିଛନ୍ତି। ୨, ୧୬୧ ପରିବାରର ୧୧, ୭୭୨ ଲୋକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଛି। ଟେଲିକମ୍ୟୁନିକେସନ କମ୍ପାନୀଗୁଡିକ ଘରକୁ ଫେରିଥିବା ଏହି ଶରଣାର୍ଥୀଙ୍କୁ ୨, ୯୫୮ ସିମ୍‌କାର୍ଡ ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି। ତାଲିବାନ ଶାସନକୁ ଆସିବା ପରେ ପାକିସ୍ତାନ, ଇରାନ ଓ ଅନ୍ୟ ପଡୋସୀ ଦେଶମାନଙ୍କରେ ଥିବା ଆଫଗାନ ଶରଣାର୍ଥୀଙ୍କୁ ସେଠାରୁ ନିଜ ଦେଶକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ହେବା କାରଣରୁ ପାକିସ୍ତାନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆଫଗାନଙ୍କୁ ନିଜ ମାଟିରୁ ବାହର କରିବାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି।

# ମୋତେ ଏଡ଼ାଇବାକୁ ଉଦ୍ୟମ କରୁଛି କେନ୍ଦ୍ର: ଜଷ୍ଟିସ ଗଭାଇ



### ଟ୍ରିବ୍ୟୁନାଲ ଆଇନର ବିଚାର ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ରର ରାତିଅଧିଆ ଆବେଦନକୁ ଅଗ୍ରାହ୍ୟ କଲେ ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ, ୩।୧୧: ଟ୍ରିବ୍ୟୁନାଲ ସଂସ୍କାର ଆଇନକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି ଚାଲିଥିବା ବେଳେ ଏହି ମାମଲାକୁ ପାଞ୍ଚ ଜଣିଆ ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ର ସରକାରଙ୍କ ଅନୁରୋଧ ନେଇ ବିରକ୍ତି ପ୍ରକାଶ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ। ସେ କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ସହିତ କେନ୍ଦ୍ର ସରକାରଙ୍କ ଏଭଳି ଖେଳ ତାଙ୍କୁ ବିସ୍ମିତ କରିଛି। କେନ୍ଦ୍ର ଏଭଳି ରଣନୀତି ଗ୍ରହଣ କରିବ ବୋଲି ଆମେ ଆଶା କରିନଥିଲୁ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ରାତି ଅଧିଆ ପିଟିସନ ଭିନ୍ନ ସୂଚନା ଦେଉଛି। ମୁଁ ଖୁବଶୀଘ୍ର ଅବସର ।।ନେବାକୁ ଯାଉଛି। ଯାହା ଲାଗୁଛି ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋ ବେଞ୍ଚକୁ ଏଡ଼ାଇବା ଲାଗି ଏଭଳି ପଦକ୍ଷେପ ନେଉଛି। ସେ ସରକାରଙ୍କ ସେହି ଆବେଦନକୁ ଖାରଜ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

ପ୍ରଧାନ ବିଚାରପତି କହିଲେ ଯେ ମାମଲାର ଶୁଣାଣି ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଉପସ୍ଥିତ ରହିଲେ। କିନ୍ତୁ କେବେହେଲେ ସମ୍ବିଧାନ ବେଞ୍ଚ କଥା ଉଠାଇନଥିଲେ। ଅନ୍ୟପକ୍ଷରେ ବିଦେଶ ଗସ୍ତରେ ଯାଉଥିବାରୁ ଶୁଣାଣିକୁ ସ୍ଥଗିତ ରଖିବା ଲାଗି ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀ ଅନୁରୋଧ କରିଥିଲେ। ତାଙ୍କର ଅନୁରୋଧକୁ ରକ୍ଷା କରି କୋର୍ଟ ଶୁଣାଣି ସ୍ଥଗିତ ରଖିଲେ। ସେ ଫେରିବା ପରେ ଶୁଣାଣି ଆରମ୍ଭ ହେବାକୁ ଯାଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ପିଟିସନରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ସେମାନେ ମୋ ବେଞ୍ଚକୁ ଏଡ଼ାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଭେଙ୍କଟରମଣୀ କହିଥିଲେ ଯେ କେନ୍ଦ୍ର ସରକାର କିମ୍ବା ତାଙ୍କର ଏଭଳି କୌଣସି ଉଦ୍ଦେଶ୍ୟ ନାହିଁ। ସେ କହିଲେ ଯେ ଏହି ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାର ବିଚାର ସମ୍ବିଧାନ ବେଞ୍ଚ କରିବା ଉଚିତ। ତାଙ୍କର ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ପ୍ରଧାନ ବିଚାରପତି କହିଲେ ଯେ ଆଗରୁ ଏହି ପ୍ରଶ୍ନ ଉଠାନଯାଇ ଶେଷ ମୁହୂର୍ତ୍ତରେ, ତାହା ପୁଣି ରାତିଅଧରେ ପିଟିସନ ଦାଖଲ କରାଯାଇଛି। ସରକାରଙ୍କ ଏଭଳି ଯୁକ୍ତି ଆମକୁ ସନ୍ତୁଷ୍ଟ କରିପାରୁ ନାହିଁ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ବେଞ୍ଚ ଉଚିତ ମନେକଲେ ଏହାକୁ ସମ୍ବିଧାନ ବେଞ୍ଚକୁ ପଠାଇପାରିବେ। କିନ୍ତୁ କେନ୍ଦ୍ର ସରକାର ଏଥିପାଇଁ ଯେଉଁ କୌଶଳ ଆପଣାଇଲେ, ତାହା ଗ୍ରହଣୀୟ ନୁହେଁ।

ଏହାପରେ ଆଟର୍ଣ୍ଣି ଜେନେରାଲ ଏହି ମାମଲା ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେ କହିଥିଲେ ବିଭିନ୍ନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ପାଇଁ ନୂଆ ଆଇନ ଜରିଆରେ ଯେଉଁ ବ୍ୟବସ୍ଥା କରାଯାଇଛି, ସେଥିରେ କିଛି ଭୁଲ ନାହିଁ।

# ବିହାରରେ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

### ଲଲନ ସିଂହଙ୍କ ବିରୋଧରେ ଏତଲା - କେନ୍ଦ୍ରମନ୍ତ୍ରୀଙ୍କ ବୋହୂଙ୍କ ଗାଡ଼ିରୁ ମଦ ଜବତ

ପାଟନା, ୪।୧୧ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ସନ୍ଧ୍ୟା ୫ଟାରେ ପ୍ରଚାର ଥମିଛି। ନେତାମନ୍ତ୍ରୀମାନେ ପ୍ରତ୍ୟକ୍ଷ ପ୍ରଚାରପ୍ରସାର ଛାଡ଼ି ଏବେ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିଛନ୍ତି। ୧୨୧ ଆସନରେ ଗୁରୁବାର ହେବାକୁ ଥିବା ମତଦାନ ପାଇଁ ଏହା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଆଜି ଦିନ ସାରା କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ପକ୍ଷରୁ ବିଭିନ୍ନ ସ୍ଥାନରେ ରାଲି କରାଯାଇଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

ପ୍ରଚାରର ଶେଷ ଦିନରେ କେନ୍ଦ୍ରମନ୍ତ୍ରୀ ଲଲନ ସିଂହଙ୍କ ବିରୋଧରେ ନିର୍ବାଚନ କମିଶନ ଏତଲା ଦେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନ୍‌ଝୀଙ୍କ ବୋହୂ ତଥା ରାଜ୍ୟମନ୍ତ୍ରୀ ଡ. ସନ୍ତୋଷ କୁମାରଙ୍କ ପତ୍ନୀ ତଥା ହାମ୍ ପ୍ରାର୍ଥୀ ଦୀପା କୁମାରୀଙ୍କ ପ୍ରଚାର ଗାଡ଼ିରୁ ୧୭ ପେଟି ମଦ ଜବତ କରାଯାଇଛି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତିନୋଟି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ୫ଟି, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ରାଲି ସହିତ ରୋଡ ସୋ' ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତିନୋଟି ରାଲି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲରେ ବିଜେପିର ମହିଳା କର୍ମୀଙ୍କ ସହ କଥା ହୋଇଛନ୍ତି।

ଆଜି ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ସରକାର ଗଠନ କଲେ ଜାନୁଆରୀ ୧୪ରେ 'ମାଇ ବହିନ ମାନ ଯୋଜନା' ଅଧିନରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୩୦ ହଜାର ଟଙ୍କା ଲେଖାଏଁ ପଠାଯିବ। ୫ ବର୍ଷକୁ ମୋଟ ଦେଢ଼ ଲକ୍ଷ ଟଙ୍କା ଦିଆଯିବ। ରାଜ୍ୟର ଜିବୀକା ଦିଦିଙ୍କୁ ସ୍ଥାୟୀ କରି ୩୦ ହଜାର ଟଙ୍କା ଦରମା ଦିଆଯିବ। ସେହିପରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନକୁ ନେଇ ଇସି କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ରାଜୀବ ରଞ୍ଜନ ଓରଫ ଲଲନ ସିଂହଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି। ସୂଚନା ଅନୁଯାୟୀ ଲଲନ ସୋମବାର ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଗିରଫ ଜେଡିୟୁ ନେତା ତଥା ବାହୁବଳୀ ଅନନ୍ତ ସିଂହଙ୍କ ପାଇଁ ମୋକାମାରେ ନିର୍ବାଚନ ପ୍ରଚାର କରୁଥିଲେ। ଏହି ସମୟରେ ସେ ଲୋକଙ୍କୁ ସମ୍ବୋଧନ କରି କହିଥିଲେ ଯେ ନିର୍ବାଚନ ଦିନ ଏଠାକାର କିଛି ନେତାଙ୍କୁ ଘରୁ ବାହାରିବାକୁ ନ ଦେଇ ବନ୍ଦୀ କରି ରଖ। ଯଦି ଗୋଡ଼ହାତ ଯୋଡ଼ନ୍ତି ତେବେ ସାଙ୍ଗରେ ନେଇ ଭୋଟ ଦେଇ ଆଣ ଏବଂ ଘରେ ବସାଇ ଦିଅ। ଆରଜେଡି ପକ୍ଷରୁ ଏହାର ଭିଡିଓ ସେୟାର କରାଯାଇଥିଲା। ଗରିବଙ୍କୁ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ରୋକୁଥିବା କୁହାଯାଇଥିଲା। ଇସି ଏହାକୁ ନେଇ ଲଲନ ସିଂହଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ। ତେବେ ଏହି ଭିଡିଓକୁ କାଣ୍ଟଛାଣ୍ଟ କରାଯାଇଛି ବୋଲି ଜେଡିୟୁ ପକ୍ଷରୁ କୁହାଯାଇଛି।

### ୧୦% ଲୋକ ସେନାକୁ ନିୟନ୍ତ୍ରଣ କରୁଛନ୍ତି: ରାହୁଲ

ପାଟନା, ୩।୧୧: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଔରଙ୍ଗାବାଦର କୁଟମ୍ବାରେ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କ ପାଇଁ ନିର୍ବାଚନ ପ୍ରଚାର କରି ବିବାଦୀୟ ଟିପ୍ପଣୀ ଦେଇଛନ୍ତି। ଦେଶର ୧୦ ପ୍ରତିଶତ ଲୋକଙ୍କ ନିୟନ୍ତ୍ରଣରେ ଭାରତୀୟ ସେନା ରହିଛି ବୋଲି ସେ କହିଛନ୍ତି। ସେ ଉଚ୍ଚ ଜାତିକୁ ନେଇ ଏହି ଟିପ୍ପଣୀ ଦେଇଛନ୍ତି। ରାହୁଲ କହିଥିଲେ ଯେ ଦେଶର ୯୦% ଲୋକ ଦଳିତ, ମହାଦଳିତ, ପଛୁଆବର୍ଗ, ଅତି ପଛୁଆ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟର। ଯଦି ଭାରତର ୫୦୦ ସବୁଠୁ ବଡ଼ କମ୍ପାନୀଙ୍କୁ ଦେଖିବେ ତେବେ ସେଥିରେ ପଛୁଆ କିମ୍ବା ଦଳିତ ବର୍ଗର କେହି ବ୍ୟକ୍ତି ନ ଥିବେ। ସେମାନେ ଶୀର୍ଷ ୧୦ ପ୍ରତିଶତରୁ ଆସନ୍ତି। ସବୁ ଚାକିରି ତାଙ୍କ ପାଖକୁ ଯାଉଛି। ଦେଶର ସଶସ୍ତ୍ର ବାହିନୀ ମଧ୍ୟ ତାଙ୍କ ନିୟନ୍ତ୍ରଣରେ ରହିଛି। କେଉଁଥିରେ ବି ଏହି ୯୦% ଜନସଂଖ୍ୟାକୁ ପ୍ରତିନିଧିତ୍ୱ ମିଳିବ ନାହିଁ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରି ରାହୁଲ କହିଛନ୍ତି ଯେ ନୀତୀଶ ୨୦ ବର୍ଷ ହେଲା ସରକାର ଚଳାଉଛନ୍ତି, କିନ୍ତୁ ସେ ଚାଲିପାରୁ ନାହାନ୍ତି।

କୋଏମ୍ବାଟୁର ଗଣଦୁଷ୍କର୍ମ ମାମଲା

## ଏନ୍‌କାଉଣ୍ଟର ପରେ ୩ ଅଭିଯୁକ୍ତ ଗିରଫ

କୋଏମ୍ବାଟୁର, ୪।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁରରେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପୁଲିସ ସୋମବାର ରାତିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କୁ ଏନ୍‌କାଉଣ୍ଟର କରାଯିବା ପରେ ହିଁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ସିସିଟିଭି ଫୁଟେଜକୁ ଯାଞ୍ଚ୍ କରାଯାଇଥିଲା। ୩ ଅଭିଯୁକ୍ତ ଭେଲିକିନାରୁରେ ଏକ ଶୂନଶାନ ସ୍ଥାନରେ ଲୁଚି ରହିଥିବାର ପୁଲିସ ସୂଚନା ପାଇଥିଲା। ବିଳମ୍ବିତ ରାତିରେ ପୁଲିସ ୩ ଜଣଙ୍କୁ ଘେରାଉ କରିଥିଲା। ୩ ଜଣ ପଳାଇବାକୁ ଚେଷ୍ଟା କରିଥିଲେ ଓ ପୁଲିସ ଦଳ ଉପରେ ଆକ୍ରମଣ କରିଥିଲେ। ଫଳରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା ଓ ୩ ଜଣ ଗୋଡରେ ଗୁଳି ଲାଗିଥିଲା। କୋଏମ୍ବାଟୁର ସରକାରୀ ହସ୍ପିଟାଲରେ ଅଭିଯୁକ୍ତଙ୍କ ଚିକିତ୍ସା କରାଯାଉଛି। ୩ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ନାମ ହେଉଛି ଗୁଣା, ସତୀଶ ଓ କାର୍ତ୍ତିକ ବୋଲି ପୁଲିସ କହିଛି।

ନଭେମ୍ବର ୨ରେ କୋଏମ୍ବାଟୁର ବିମାନ ବନ୍ଦର ନିକଟରେ ରାତି ପାଖାପାଖି ୧୧ଟାରେ ପ୍ରଥମବର୍ଷ ପିଜି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ପୀଡିତା ଏକ ପୁରୁଷ ବନ୍ଧୁଙ୍କ ସହିତ କାର୍‌ରେ ବସି କଥା ହେଉଥିବା ବେଳେ ୩ ଅଭିଯୁକ୍ତ ଗାଡିରେ ଆସିଥିଲେ। ପୁରୁଷ ବନ୍ଧୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ସେମାନେ ଛାତ୍ରୀଙ୍କୁ ଅପହରଣ କରି ଶୂନଶାନ୍ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ପୁରୁଷ ବନ୍ଧୁ ପୁଲିସକୁ ସୂଚନା ଦେଇଥିଲେ। ରାତିରେ ହିଁ ପୁଲିସ ପୀଡିତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଠାବ କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ଏହି ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଓ ଶାସକ ଦଳ ପରସ୍ପରକୁ ଦୋଷ ଦେଉଛନ୍ତି।

## ଆଝାରୁଦ୍ଦିନଙ୍କୁ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟ

ହାଇଦରାବାଦ୍, ୪।୧୧(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କୁ ତେଲଙ୍ଗାନା ରାଜ୍ୟ ସରକରାଙ୍କ କ୍ୟାବିନେଟ୍‌ରେ ସଂଖ୍ୟାଲଘୁ କଲ୍ୟାଣ ଓ ସାର୍ବଜନିକ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି। ରାଜ୍ୟପାଳ ଜିଷ୍ଣୁ ଦେବ ଶର୍ମା ତାଙ୍କୁ ମଙ୍ଗଳବାର ଏହି ପୋର୍ଟଫୋଲିଓ ପ୍ରଦାନ କରିଛନ୍ତି। ପୂର୍ବରୁ ଅନୁସୂଚିତ ଜାତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅଦଲୁରି ଲକ୍ଷ୍ମଣ କୁମାର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱରେ ଥିଲେ। ସେହିପରି ସାର୍ବଜନିକ ଉଦ୍ୟୋଗ ବିଭାଗକୁ ନିଜେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ହାତରେ ରଖିଥିଲେ। ୪ ଦିନ ତଳେ ଆଝାରୁଦ୍ଦିନଙ୍କୁ ରାଜ୍ୟ କ୍ୟାବିନେଟ୍‌ରେ ସାମିଲ କରାଯାଇଥିଲା ଓ ଅକ୍ଟୋବର ୩୧ରେ ରାଜଭବନରେ ରାଜ୍ୟପାଳ ତାଙ୍କୁ ଶପଥ ପାଠ କରାଇଥିଲେ। ରେବନ୍ତ ରେଡ୍ଡୀଙ୍କ କ୍ୟାବିନେଟ୍‌ରେ ୬୨ ବର୍ଷୀୟ ଆଝାରୁଦ୍ଦିନ ପ୍ରଥମ ମୁସଲମାନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଅଗଷ୍ଟରେ ରାଜ୍ୟ କ୍ୟାବିନେଟ ଆଝାରୁଦ୍ଦିନଙ୍କୁ ରାଜ୍ୟପାଳଙ୍କ କୋଟାରେ ବିଧାନ ପରିଷଦ (ଏମ୍‌ଏଲ୍‌ସି)କୁ ମନୋନୀତ କରିବାକୁ ନିଷ୍ପତ୍ତି ନେଇଥିଲା। ନଭେମ୍ବର ୧୧ରେ ଜୁବଲି ହିଲ୍ସରେ ଉପ- ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ମୁସ୍‌ଲିମ ଭୋଟ୍‌କୁ ଦୃଷ୍ଟିରେ ରଖି ରେବନ୍ତ ସରକାର ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି ବୋଲି ଅନୁମାନ କରାଯାଉଛି। ଜୁବଲି ହିଲ୍ସରେ ୩୦ ପ୍ରତିଶତ ମୁସ୍‌ଲିମ ନାଗରିକ ରହୁଛନ୍ତି। ଏଥିସହ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କ ସହ ମୋଟ୍ ୧୮ ଜଣ ମନ୍ତ୍ରୀ ସାମିଲ ହୋଇଛନ୍ତି। ୨୦୨୩ରେ ଆଝାରୁଦ୍ଦିନ ଜୁବଲି ହିଲ୍ସରେ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।

# ଦୁଇ ଡାକ୍ତରଙ୍କ କଳା କାରନାମା

## ତୁମ ପାଇଁ ପତ୍ନୀଙ୍କୁ ମାରିଛି

### ହତ୍ୟା ପରେ ୪-୫ ମହିଳାଙ୍କୁ ଡାକ୍ତରଙ୍କ ମେସେଜ୍

ବେଙ୍ଗାଲୁରୁ, ୪।୧୧(ଏଜେନ୍ସି): ବେଙ୍ଗାଲୁରୁରେ ପତ୍ନୀ ଡା କୃତୀକା ରେଡ୍ଡୀଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ଡା ମହେନ୍ଦ୍ର ରେଡ୍ଡୀ ଜିଏସ୍‌ଙ୍କୁ ନେଇ ପୁଲିସ ମଙ୍ଗଳବାର ଚକିତ କଲା ଭଳି ସୂଚନା ପ୍ରଦାନ କରିଛି। ପତ୍ନୀଙ୍କୁ ହତ୍ୟା କରିବାର କେତୋଟି ସପ୍ତାହ ପରେ ମହେନ୍ଦ୍ର ୪ରୁ ୫ ଜଣ ମହିଳାଙ୍କୁ ମେସେଜ ଦେଇଥିଲେ। ମୁଁ ତୁମ ପାଇଁ ମୋ ପତ୍ନୀଙ୍କୁ ହତ୍ୟା କରିଛି ବୋଲି ସେ ଏହି ମେସେଜରେ ଉଲ୍ଲେଖ କରିଥିଲେ। ସେ ଏକ ପେମେଣ୍ଟ ଆପ୍‌ର ଟ୍ରାନଜାକସନ ନୋଟ୍ସ ସେକ୍‌ସନର ବ୍ୟବହାର କରି ଏହି ମେସେଜ ପଠାଇଥିଲା। ଏହି ମହିଳାଙ୍କ ମଧ୍ୟରେ ଜଣେ ମେଡିକାଲ ପେସାଦାର ସାମିଲ ଥିଲେ ଓ ସେ ପୂର୍ବରୁ ମହେନ୍ଦ୍ରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ପୁଲିସ ମହେନ୍ଦ୍ରଙ୍କ ଫୋନ୍ ଓ ଲାପଟପ ଜବତ କରିଛି। ଡାଟାର ଫରେନସିକ ଯାଞ୍ଚ ପରେ ଏହି ମେସେଜ ସାମ୍ନାକୁ ଆସିଥିଲା। ପତ୍ନୀଙ୍କୁ ହତ୍ୟା କରିବା ପରେ ସେ ଏହି ମହିଳାମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିଥିଲା ବୋଲି ପୁଲିସ କହିଛି। ଏହି ମହିଳାମାନଙ୍କୁ ସେ ପୂର୍ବରୁ ଜାଣିଥିଲା। ମହେନ୍ଦ୍ର ଏବେ ନିଜ ଜାଲରେ ନିଜେ ଫସିଯାଇଛନ୍ତି।



ବିବାହର ୧୧ ମାସ ପରେ ମହେନ୍ଦ୍ର କୃତୀକାଙ୍କୁ ହତ୍ୟା କରିଥିଲା। ମହେନ୍ଦ୍ରଙ୍କ ପତ୍ନୀ କୃତ୍ତିକା ଡର୍ମୋଟୋଲିଜଷ୍ଟ ଥିଲେ। ୨୦୨୪ ମେ ୨୬ରେ ଦୁହେଁ ବିବାହ କରିଥିଲେ। ଦୁହେଁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିଲେ। କିନ୍ତୁ ଗତ ଏପ୍ରିଲ ୨୩ରେ କୃତ୍ତିକା ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ। ଏହାର ୬ ମାସ ପରେ ଅକ୍ଟୋବର ୧୫ରେ ଆନାସ୍ଥାନିଆ ଓଭରଡୋଜ ଦେଇ ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ ମହେନ୍ଦ୍ରଙ୍କୁ ଗିରଫ କରିଥିଲା। ଦୁହେଁ ବେଙ୍ଗାଲୁରୁ ଗୁଞ୍ଜୁରରେ ରହୁଥିଲେ। ଗତ ଏପ୍ରିଲ ୨୧ରେ କୃତ୍ତିକା ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ମହେନ୍ଦ୍ର କାନୁଲା ଦେଇ ତାଙ୍କ ପାଦରେ ଇଞ୍ଜେକସନ ମାଧ୍ୟମରେ କିଛି ଔଷଧ ଦେଇଥିଲେ। ତା'ପର ଦିନ ମହେନ୍ଦ୍ର କୃତ୍ତିକାଙ୍କୁ ତାଙ୍କ ପିତାମାତାଙ୍କ ଘରେ ଛାଡି ଦେଇଥିଲେ। କିନ୍ତୁ ପାଦରେ ଯନ୍ତ୍ରଣା ହେବା କାରଣରୁ ସେ କାନୁଲା ବାହର କରିବେ କି ନା ସେ ନେଇ ମହେନ୍ଦ୍ରଙ୍କୁ ଫୋନ କରିଥିଲେ। କିନ୍ତୁ ଆଉ ଏକ ଡୋଜ ଔଷଧ ଦିଆଯିବ ବୋଲି ମହେନ୍ଦ୍ର ତାଙ୍କୁ କହିଥିଲେ। ରାତିରେ ମହେନ୍ଦ୍ର ଆଉ ଏକ ଡୋଜ ଇଞ୍ଜକସନ ମାଧ୍ୟମରେ ଦେଇଥିଲେ। ଏହାପରେ କୃତ୍ତିକା ଅସୁସ୍ଥ ହୋଇ ପଡ଼ିଥିଲେ ଓ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପ୍ରଥମେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଧରିନିଆଯାଇଥିଲା। କିନ୍ତୁ କୃତ୍ତିକାଙ୍କ ଭଉଣୀ ଡା ନିକିତା ଏମ୍ ରେଡ୍ଡୀଙ୍କ ସନ୍ଦେହ ହୋଇଥିଲା ଓ ଏ ନେଇ ଯାଞ୍ଚ କରିବାକୁ ଦାବି କରିଥିଲେ। ୬ ମାସ ପରେ ଫରେନସିକ ରିପୋର୍ଟ ଆସିଥିଲା। ଏଥିରେ କୃତ୍ତିକାଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଶକ୍ତିଶାଳୀ ଆନସ୍ଥାନିଆ 'ପ୍ରୋପୋଫଲ' ମିଳିଥିଲା।

## ଡାକ୍ତରଙ୍କ ହାଇଦରାବାଦ୍ ଘରେ ଡ୍ରଗ୍ସ ରାକେଟ

ହାଇଦରାବାଦ, ୪।୧୧(ଏଜେନ୍ସି): ହାଇଦରାବାଦ୍‌ର ମୁସିରାବାଦ୍‌ରେ ଜଣେ ଡାକ୍ତରଙ୍କ ଘରୁ ଏକ ଡ୍ରଗ୍ସ ଆଡ୍ଡାର ପର୍ଦ୍ଦାଫାସ ହୋଇଛି। ତେଲଙ୍ଗାନା ଏକ୍ସାଇଜ୍ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଡାକ୍ତରଙ୍କ ଭଡ଼ା ଘରେ ଚଢ଼ାଉ କରିବା ପରେ ସେଠାରୁ ଏକ ବଡ଼ ଧରଣରର ଡ୍ରଗ୍ସ ର୍ୟାକେଟ୍ ଚାଲୁଥିବାର ଜଣାପଡ଼ିଛି। ପୂରା ହାଇଦରାବାଦ୍‌ରେ ଏହି ର୍ୟାକେଟ୍ ଚାଲୁଥିଲା। ଡାକ୍ତରଙ୍କ ନାମ ହେଉଛି ଜନ୍ ପଲ୍। ଜନ୍‌ଙ୍କ ଘରୁ ୬ ପ୍ରକାର ନିଶାଦ୍ରବ୍ୟ ଜବତ କରାଯାଇଛି ଓ ଏହାର ମୂଲ୍ୟ ୩ ଲକ୍ଷ ବୋଲି କୁହାଯାଇଛି। ଏହି ନିଶାଦ୍ରବ୍ୟଗୁଡିକ ହେଲା ଓଜି କୁଶ୍ (୨୬.୯୫ ଗ୍ରାମ), ଏମ୍‌ଡିଏମ୍‌ଏ (୬.୨୧ ଗ୍ରାମ), ୧୫ ଏଲ୍‌ଏସଡି ଷ୍ଟିକ୍ସ, କୋକେନ୍ (୧.୩୨ଗ୍ରାମ), ଗୁମ୍ସ୍ (୫.୮୦ ଗ୍ରା) ଓ ହାସିସ ତେଲ (୦.୦୦୮ ଗ୍ରା)।



ଜନ ହେଉଛନ୍ତି ଜଣେ ପୋଷ୍ଟ ଗ୍ରାଜୁଏଟ (ପିଜି) ଡାକ୍ତର। ଜନ୍ ନିଜ ୩ଜଣ ସାଥିଙ୍କ ସହ ମିଶି ନିଶା ଔଷଧର ଚୋରା କାରବାର କରୁଥିଲେ ଓ ସାରା ସହରରେ ଏହାର ଜାଲ ବିଛାଇଥିଲେ। ହାଇଦରାବାଦ୍‌ରେ ବିକ୍ରି ଓ ବିତରଣ କରିବା ପାଇଁ ଜନ୍ ଦିଲ୍ଲୀ, ବେଙ୍ଗାଲୁରୁ ଓ ଗୋଆରୁ ନିଶାଦ୍ରବ୍ୟ ମଗାଉଥିଲା। ଜନ୍‌କୁ ପ୍ରମୋଦ, ସନ୍ଦୀପ ଓ ଶରତ ନିଶାଦ୍ରବ୍ୟ କ୍ରୟ କରିବା ସହ ଯୋଗାଇବାରେ ସହାୟତା ପ୍ରଦାନ କରୁଥିଲେ। ଏହି ମାମଲାରେ ପଲ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପୁଲିସ ଖୋଜିବା ଜାରି ରଖିଛି। ନିଜ ଘରକୁ ନିଶା ଔଷଧ ବିକ୍ରି କରିବାକୁ ଅନୁମତି ଦେଉଥିବାରୁ ପଲ ମାଗଣାରେ ଏହି ନିଶା ଔଷଧ ସେବନ କରିବାର ସୁଯୋଗ ମିଳୁଥିଲା। ଡ୍ରଗ୍ସକୁ ପଲଙ୍କ ଘରେ ରଖାଯାଉଥିଲା ଓ ସେଗୁଡିକ ତା'ର ୩ ସହଯୋଗୀ ଅନ୍ୟମାନଙ୍କୁ ବିକ୍ରି କରୁଥିଲେ।

## ଏବେ ବି ପ୍ରଦୂଷଣ ସହ ସଂଘର୍ଷ କରୁଛନ୍ତି ଦିଲ୍ଲୀବାସୀ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଦେଶରେ ଏବେ ଏକା ସମୟରେ ୩ ପ୍ରକାର ଋତୁ ଦେଖିବାକୁ ମିଳିଛି। ରାଜସ୍ଥାନ- ମଧ୍ୟପ୍ରଦେଶ ସମେତ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବର୍ଷା ଚାଲିଥିବା ବେଳେ ରାଜଧାନୀ ଦିଲ୍ଲୀ ଏବେ ମଧ୍ୟ ପ୍ରଦୂଷଣ, କୁହୁଡି ଓ ଧୂଆଁ ନେଇ ସଂଘର୍ଷ କରୁଛି। ଅନ୍ୟପଟେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହିମାଳୟ ନିକଟସ୍ଥ ରାଜ୍ୟଗୁଡିକରେ ତୁଷାରପାତ ହୋଇଛି। ଦୀପାବଳିର ୧୩ ଦିନ ପରେ ମଧ୍ୟ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଗମ୍ଭୀର ବର୍ଗରେ ରହିଛି। ମଙ୍ଗଳବାର ସକାଳେ ୯.୩୦ରେ ଦିଲ୍ଲୀ ଏକ୍ୟୁଆଇ ପାଖାପାଖି ୪୦୦ ରହିଛି। ଦିଲ୍ଲୀର ଆନନ୍ଦ ବିହାର ଓ ଅକ୍ଷରଧାମରେ ଏକ୍ୟୁଆଇ ୩୯୨ ରେକର୍ଡ କରାଯାଇଛି ଓ ଏହା ବହୁତ ଖରାପ ଓ ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ ବୋଲି କୁହାଯାଇଛି। ତେବେ ଦିଲ୍ଲୀ ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଭିନ୍ନ ରହିଛି ବୋଲି କୁହାଯାଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଏହା ବିପଜ୍ଜନକ ରହିଛି। ଦିଲ୍ଲୀ ଏମ୍ସରେ ଏକ୍ୟୁଆଇ ୨୯୭, ଲୋଧି ରୋଡ ଓ ତିଳକ ମାର୍ଗରେ ଏହା ୧୫୩, ଆନନ୍ଦ ବିହାରରେ ୩୯୨, କର୍ତ୍ତବ୍ୟ ପଥରେ ୨୭୮ ରେକର୍ଡ କରାଯାଇଛି। ତିଳକମାର୍କ ଓ ଲୋଧି ରୋଡ ନିକଟରେ ସକାଳୁ ବାୟୁରେ ପ୍ରବଳ ଧୂଆଁ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳରେ ରହୁଥବା ଲୋକେ ଘରୁ ବାହରକୁ ଯିବା ଓ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ କିଛି କମ୍ ହୋଇଥିବା ପରିଲକ୍ଷିତ କରାଯାଇଛି। ସେହିପରି ଗ୍ରେଟର ନୋଏଡାରେ ପ୍ରଦୂଷଣ ସ୍ତର କମିଥିବା ଲକ୍ଷ୍ୟ କରାଯାଇଛି ଓ ଏଠାରେ ଏକ୍ୟୁଆଇ ୩୦୦ ରହିଛି। ସେହିପରି ଗାଜିଆବାଦ୍‌ରେ ମଧ୍ୟ ପ୍ରଦୂଷଣ ଜାରି ରହିଛି। ଫରିଦାବାଦ୍ ସ୍ମାର୍ଟ ସିଟିର ବାୟୁ ଦିଲ୍ଲୀ ଭଳି ପ୍ରଦୂଷିତ ହୋଇଛି। ଏଠାରେ ଏକ୍ୟୁଆଇ ୩୦୦ ଉପରେ ରହିଛି।

## ବ୍ରାହ୍ମୋସ୍ ପାଇଁ ଭାରତ- ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ ମିସାଇଲ ନେଇ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଫଳରେ ଭାରତର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପକୁ ଜବରଦସ୍ତ ବଳ ତଥା ଉତ୍ସାହ ମିଳିବାକୁ ଯାଉଛି। ଚୁକ୍ତି ନେଇ ସବୁ ପ୍ରକାର ଔପଚାରିକତା ଶେଷ ହୋଇଛି। ଦୀର୍ଘଦିନ ହେବ ଦୁଇ ଦେଶ ଏ ନେଇ କଥାବାର୍ତ୍ତା କରିଆସୁଛନ୍ତି। ଗତ ଜାନୁଆରୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ଇଣ୍ଡୋନେସିଆର ଆଗଧାଡିର ନେତା ଓ ସେନା ପ୍ରମୁଖମାନେ ଦିଲ୍ଲୀ ଆସିଥିଲେ। ପୂର୍ବରୁ ଭାରତ ଫିଲିପାଇନ୍ସକୁ ଏହି ମିସାଇଲ ବିକ୍ରି କରିଛି ଓ ଏବେ ଅନ୍ୟ ଦେଶଗୁଡିକୁ ତା'ର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ମିସାଇଲ ବିକ୍ରି କରିବାକୁ କ୍ଷେତ୍ର ପ୍ରସ୍ତୁତ କରୁଛି। ପାକିସ୍ତାନ ବିରୋଧରେ ଗତ ମେରେ ହୋଇଥିବା ଅପରେସନ ସିନ୍ଦୂର ଅବସରରେ ବ୍ରହ୍ମୋସର ଦକ୍ଷତା ଓ ଗୁଣବତ୍ତା ପ୍ରମାଣିତ ହୋଇଥିଲା ଓ ଏବେ ବିଶ୍ୱର ଅନ୍ୟ ଦେଶଗୁଡିକ ଏହି ମିସାଇଲ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଆକାଶମାର୍ଗରୁ ପୁରୀ ସହରର ସୂର୍ଯ୍ୟାସ୍ତ ବେଳର ମନୋରମ ଦୃଶ୍ୟ

### ଆଜି କାର୍ତ୍ତିକ ପୂର୍ଣ୍ଣିମା

# ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ଫୋର୍ସ

ପୁରୀ, ୪।୧୧(ସମିସ): ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ସ୍ନାନ ଓ ବୋଇତ ବନ୍ଦାଣ କରିବେ। ଏଥିସହ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ ସୁନାବେଶ ଧାରଣ କରିବେ। ତେଣୁ ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ୩ରୁ ୪ଲକ୍ଷ ଭକ୍ତଙ୍କ ସମାଗମ ହେବା ଆକଳନ କରିଛି ପ୍ରଶାସନ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଟ୍ରାଫିକ୍ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷିତ ସ୍ନାନ, ଡଙ୍ଗାଭସା ଏବଂ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଲାଗି ମୋଟ୍ ୪୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ।

ବଡ଼ଦାଣ୍ଡର ବଗଲା ଧର୍ମଶାଳା ନିକଟରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ଛାୟାପ୍ରଦ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଭକ୍ତ ଏହି ବ୍ୟାରିକେଡ୍ ଦେଇ ସିଂହଦ୍ୱାର ପଟେ ମନ୍ଦିରକୁ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାର ଦେଇ ବାହାରିବେ। ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ୭ଜଣ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨୫ ଜଣ ଡିଏସ୍‌ପି, ୪୯ ଇନ୍ସପେକ୍ଟର, ୧୭୯ ଏସ୍‌ଆଇ, ଏଏସ୍‌ଆଇ, ୨୭ ହାବିଲ୍‌ଦାର, ୨୧୦ କନେଷ୍ଟବଲ, ୪୮ ଟ୍ରାଫିକ୍ କନେଷ୍ଟବଲ, ୫୫୧ ହୋମ୍‌ଗାର୍ଡଙ୍କ ସହ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ଶ୍ରୀମନ୍ଦିର ସହିତ ସମୁଦ୍ର କୂଳ ଏବଂ ପୁରୀ ସହରର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିବେ।

ସମୁଦ୍ର କୂଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ୩୭୦ ଜଣ ଲାଇଫ୍‌ଗାର୍ଡ, ଫାଷ୍ଟଏଡ୍

- ସମୁଦ୍ରକୂଳ ଓ ପୁଷ୍କରିଣୀରେ ରହିବ କଡ଼ା ନଜର
- ବଗଲା ଧର୍ମଶାଳାଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟାରିକେଡ୍



ସେଣ୍ଟର୍, ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର କୋଣାର୍କ, ପୀର୍‌ଜାହାନିଆ, ବାଲିହରଚଣ୍ଡୀ ଆଦି ପର୍ଯ୍ୟଟନସ୍ଥଳୀରେ ମଧ୍ୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ଭକ୍ତମାନେ ପବିତ୍ର ମହୋଦଧି ସମେତ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଣୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ର କୂଳରେ ଭକ୍ତଙ୍କ ସୁରକ୍ଷା ପାଇଁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବେଳାଭୂମିରେ ୩୭୦ ଲାଇଫ୍‌ଗାର୍ଡ ମୁତୟନ ସହ ଅଗ୍ନିଶମ ବାହିନୀ, ୨ଟି ଓଡ୍ରାଫ୍ ଟିମ୍ ମୁତୟନ ସହ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଭକ୍ତଙ୍କ ସୁରକ୍ଷାକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଟ୍ରାଫିକ୍ ସୁପରିଚାଳନା ପାଇଁ ବ୍ୟବସ୍ଥା ହୋଇଛି। ସବୁ ପାର୍କିଂରେ ପୁଲିସ କର୍ମଚାରୀ ଉପସ୍ଥିତ ରହିବେ। ସମୁଦ୍ର କୂଳରେ ଦିଗବାରେଣୀ ଛକରୁ ଯାତ୍ରିକା ପାର୍କିଂ ଯାଏ ଓ ବଡ଼ଦାଣ୍ଡର ମେଡିକାଲ ଛକରୁ ଶ୍ରୀମନ୍ଦିର ଯାଇ ନୋ ଭେଇକିଲ୍ ଜୋନ୍ କରାଯାଇଛି।

# ଲକ୍ଷ୍ମୀନୃସିଂହ ବେଶ ଦେଖିଲେ ଭକ୍ତ

ପୁରୀ, ୪।୧୧(ସମିସ): କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା।



## ଆଜି ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ

ସକାଳେ ଠାକୁରଙ୍କ ଅବକାଶ ନୀତି ପରେ ଏହି ବେଶ କରାଯାଇଥିଲା। ଲକ୍ଷ୍ମୀନୃସିଂହ ବେଶରେ ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କୀରିଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ବଡ଼ଠାକୁର ସୁବର୍ଣ୍ଣର ହଳ ମୂଷଳ ଏବଂ ଜଗନ୍ନାଥ ମହାପ୍ରଭୁ ରୁପାର ଶଙ୍ଖ ଏବଂ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଚୂଳରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏଥିସହ ଶୋଲ ଓ ଜରିରେ ନିର୍ମିତ ବିଭିନ୍ନ ଫୁଲ ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ପାଟବସ୍ତ୍ରରେ ବିଭୂଷିତ ହେବା ସହିତ ବିଭିନ୍ନ ସୁବାସିତ ପୁଷ୍ପରେ ମଣ୍ଡିତ ହୋଇଥିଲେ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଧର୍ମ ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ବିଭିନ୍ନ ପାଟବସ୍ତ୍ର ଏବଂ ରତ୍ନଅଳଙ୍କାରରେ ମହାପ୍ରଭୁ ବିଭୂଷିତ ହେବେ।

# ଆଜି ଘରକୁ ଫେରିଯିବେ ହବିଷ୍ୟାଳି

ପୁରୀ, ୪।୧୧(ସମିସ୍): ସରିଆସିଲା କାର୍ତ୍ତିକ ମାସ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ସମେତ ପବିତ୍ର ମହୋଦଧିରେ ଡଙ୍ଗା ଭସାଇ ଘରକୁ ବାହୁଡ଼ିବେ ହବିଷ୍ୟାଳି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ ସାରି ବ୍ରତ ଶେଷ କରି ଗାଁକୁ

## ମନେପଡ଼ିବ ଶ୍ରୀକ୍ଷେତ୍ର ରହଣି, କାଳିଆ ଦର୍ଶନ

ଫେରିଯିବେ। ଏଥିପାଇଁ ପ୍ରସ୍ତୁତି ସାରିଦେଲେଣି। ସାଥିରେ ଆଣିଥିବା ବାକ୍ସକୁ ସଜାଡ଼ି ସାରିଥିବା ବେଳେ ପରସ୍ପର ସହ ବିଦାୟ ବେଳାର ସୁଖଦୁଃଖ ହୋଇସାରିଲେଣି। ମାସେ ହେଲା, ଘରଠାରୁ ଦୂରରେ ରହିଥିବା ହବିଷ୍ୟାଳିଙ୍କ ମଧ୍ୟରୁ କିଏ ପରିବାର ପାଇଁ ପୁରୀ ଖଜା ତ ଆଉ କିଏ ନାତିନାତୁଣୀଙ୍କ ପାଇଁ ଖେଳଣା, ଚୁଡ଼ି, ଖଡୁ କିଣି ନେଉଛନ୍ତି।

ଗଞ୍ଜାମର ସୁଜ୍ଞାନୀ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ହବିଷ କରିବାକୁ ଶ୍ରୀକ୍ଷେତ୍ର ଆସିଥିଲି। ଅନ୍ୟ ହବିଷ୍ୟାଳିଙ୍କ ସହ କେମିତି ମାସଟା ବିତିଗଲା ଜାଣିପାରିଲି ନାହିଁ। ଘରଛାଡ଼ି ଦୂରରେ ରହୁଥିଲେ ବି ସେମିତି କିଛି ଅନୁଭବ କରିନି। ପୂଜାର୍ଚ୍ଚନା,



ମହାପ୍ରଭୁଙ୍କ ଦର୍ଶନ, ଖାଇବା, ରହିବାରେ କୌଣସି ଅସୁବିଧା ହୋଇନି। ମଝିରେ ମଝିରେ ପିଲାଙ୍କ କଥା ମନେ ପଡ଼ିଲେ ବି ଅନ୍ୟମାନଙ୍କ ସହ ସୁଖ, ଦୁଃଖରେ ସେ ସବୁକୁ ଭୁଲିଯାଇଛି। ଏବେ ସରିଗଲା ବ୍ରତ। ପବିତ୍ର ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରି ଗାଁକୁ ଫେରିଯିବି। କିନ୍ତୁ ଶ୍ରୀକ୍ଷେତ୍ରରେ ରହଣି ଏବଂ ବିଶେଷକରି ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କୁ ଦର୍ଶନ କରିବା ନିଶ୍ଚିତ ମନେପଡ଼ିବ।

ସେହିପରି ଅନ୍ୟ ଜଣେ ବ୍ରତଧାରୀ ପାର୍ବତୀ ମହାନ୍ତି କହିଛନ୍ତି, ପୂର୍ବ ଜନ୍ମର ପୁଣ୍ୟ ଥିଲା ବୋଲି ଶ୍ରୀକ୍ଷେତ୍ର ମାଟିରେ ରହି କାର୍ତ୍ତିକ ବ୍ରତ ପାଳନ କରିବାର ସୁଯୋଗ ପାଇଲି। ମାସଟାଯାକ ଆନନ୍ଦରେ କଟିଗଲା। ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନ କରିବାର ଅପୂର୍ବ ଆନନ୍ଦ ପାଇଲି। ବ୍ରତ ଶେଷ ହେଲା, ଏବେ ପୁରୀ ଛାଡ଼ିଯିବାକୁ ପଡ଼ିବ। ଆଶ୍ରୟସ୍ଥଳୀରେ ରହି ଅନ୍ୟମାନଙ୍କ ସହ ହସଖୁସି କରୁଥିଲୁ। ଅବସର ସମୟରେ କେହି କେହି ତାସ୍ ଆଉ ଲୁଡୁ ବି ଖେଳୁଥିଲେ। ଘରେ ରହିବାର ଅନୁଭୂତି ମିଳୁଥିଲା। ଘରକୁ ଫେରିଗଲେ ବି କିଛି ଦିନ ପୁରୀ ରହଣି କଥା ମନେପଡ଼ିବ ବୋଲି ସେ କହିଛନ୍ତି।

### ହୀରାକୁଦ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ଭାଇ ହତ୍ୟାର ପ୍ରତିଶୋଧରେ ହତ୍ୟା

ସମ୍ବଲପୁର,୪।୧୧(ସମିସ): ଗତକାଲି ହୀରାକୁଦ ସବଷ୍ଟେସନ ପଡ଼ାରେ ଦୁର୍ଦ୍ଦାନ୍ତ ଅପରାଧୀ କାଲୁ ବାହାଦୂର ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ। ପୂର୍ବ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ଅତିରିକ୍ତ ଏସପିଅଜୟକୁମାରମିଶ୍ରସୂଚନାଦେଇଛନ୍ତି।ଏହିଘଟଣାରେ ୬ ଜଣ ଅଭିଯୁକ୍ତକୁ ପୁଲିସ ଅଟକ ରଖିଛି। ସେମାନେ ହେଲେ

## ୬ ଅଟକ, ମାରଣାସ୍ତ୍ର ଜବତ

ହୀରାକୁଦ ଥାନା ଝୁପଡ଼ିପଡ଼ାର ସାଇନି ବେହେରା(୩୩), ପ୍ରତାପ ବେହେରା(୨୪), ସମୀର ବେହେରା(୨୧), କଦମପଡ଼ାର ଜୟନାରାୟଣ ମିଶ୍ର(୨୨), ରାଜ ବାରିକ ଓରଫ ଗୁଡୁ(୨୨) ଓ ବନ୍ଧପଡ଼ାର ଶ୍ରୀଧର ପ୍ରସାଦ(୨୫)। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛି ସାଇନି ବେହେରା।

ସୂଚନା ଅନୁସାରେ ହୀରାକୁଦରେ ୨୦୧୯ ଅଗଷ୍ଟ ୧୫ ତାରିଖରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ସାଇନିର ଭାଇ ହରେଶ ବେହେରା(ବଣ୍ଟି)କୁ କାଲୁ ବାହାଦୂରର ଗୋଷ୍ଠୀ ଆକ୍ରମଣ କରିଥିଲେ। କିଛି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବଣ୍ଟିର ମୃତ୍ୟୁ ହୋଇଥିଲା। ସେହି ଘଟଣାର ମାଷ୍ଟରମାଇଣ୍ଡ କାଲୁ ରହିଥିଲା। ସାଇନିର ଅଭିଯୋଗକ୍ରମେ ପୁଲିସ କାଲୁକୁ ଗିରଫ କରିଥିଲା। ୨ ବର୍ଷ ଜେଲରେ ରହିବା ପରେ କାଲୁ ଜାମିନରେ ବାହାରିଥିଲା। ପରେ କାଲୁ ଅଭିଯୋଗକାରୀକୁ ପାନେ ଦେବା ପାଇଁ ମଧ୍ୟ ଯୋଜନା କରିଥିଲା। ବାରମ୍ବାର ଏ ନେଇ ସାଇନିକୁ ଧମକ ଦେଉଥିଲା। ତେଣୁ ସାଇନି ଭାଇର ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲା। ଗତକାଲି କାଲୁ ଘରକୁ ଫେରିବା ବାଟରେ ସାଇନି ଓ ତାର ସହଯୋଗୀମାନେ ସବଷ୍ଟେସନ ପଡ଼ା ନିକଟରେ ଛକି ରହିଥିଲେ। କାଲୁ ଓ ତାର ସହଯୋଗୀ ସହଦେବକୁ ସେମାନେ ଆକ୍ରମଣ କରିଥିଲେ। କାଲୁକୁ ଜନଗହଳିପୂର୍ଣ୍ଣ ରାସ୍ତାରେ ଛୁରୀ, ଖଣ୍ଡା, ଭୁଜାଲୀରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ।। ତଳେ ପଡ଼ିଯିବା ପରେ ପଥର ଓ ଇଟାରେ ଛେଚିଥିଲେ। ଫଳରେ ଘଟଣା ସ୍ଥଳରେହି କାଲୁର ମୃତ୍ୟୁ ହୋଇଥିଲା। ସେପଟେ ଅନସହଯୋଗୀ ସହଦେବ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛି।

ସିସିଟିଭି, ସାଇଣ୍ଟିଫିକ ଟିମ୍ ତଦନ୍ତ ସହାୟତାରେ ପୁଲିସ ଏମାନଙ୍କୁ ଧରିବାରେ ସଫଳ ହୋଇଛି। କାଲୁ ନାମରେ, ହତ୍ୟା, ହତ୍ୟା ଧମକ, ହତ୍ୟା ଉଦ୍ୟମ, ଅପହରଣ ଭଳି ପ୍ରାୟ ୨୫ ଗୋଟି ମାମଲା ରହିଛି। କିଛି ମାସ ପୂର୍ବରୁ ନାବାଳିକା ଅପରହରଣ ଅଭିଯୋଗରେ ଜେଲ ମଧ୍ୟ ଯାଇଥିଲା। ପୁଲିସ ସମସ୍ତ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଜାରି ରଖିଛି।

■ ସୁଦାନରେ ଅପହୃତ ଓଡ଼ିଆ ପୁଅ ଆଦର୍ଶ

# ଉଦ୍ଧାର ପାଇଁ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି

ଭୁବନେଶ୍ୱର, ୪।୧୧ (ସମିସ): ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ ମଙ୍ଗଳବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।



ତୁରନ୍ତ ମୁକ୍ତି ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରକୁ ନବୀନଙ୍କ ଅନୁରୋଧ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏଥି ସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଅପରପକ୍ଷେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସୁଦାନର ଅଲ ଫାସିରରେ ରାପିଡ ସପୋର୍ଟ ଫୋର୍ସ(ଆରଏସଏଫ) ଦ୍ୱାରା ଆଦର୍ଶ ବେହେରାଙ୍କ ଅପହରଣ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଭାରତ ସରକାର ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଆଦର୍ଶ ଯେପରି ଶୀଘ୍ର ମୁକ୍ତି ପାଇପାରିବେ ସେନେଇ ପଦକ୍ଷେପ ନେବାକୁ ଟ୍ୱିଟ୍ ଯୋଗେ ଅନୁରୋଧ କରିଛନ୍ତି।

### ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ସାହି, ୪।୧୧(ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ହରିପୁର ଗ୍ରାମରେ ଦୁଇ ପରିବାରମଧ୍ୟରେପୂର୍ବଶତ୍ରୁତାକୁନେଇଗଣ୍ଡଗୋଳଘଟିଛି।ଗୋଟିଏପରିବାରରସଂଘବଦ୍ଧଆକ୍ରମଣରେ ସ୍ୱାମୀ-ସ୍ତ୍ରୀ ଗୁରୁତର ହୋଇ ବାରିପଦା ଜିଲ୍ଲା ମୁଖ୍ୟାଳୟରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ତାଙ୍କ ବୋହୂ ମତାଙ୍ଗିନୀ ମଣ୍ଡଳଙ୍କ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।




# ପୁଲିସ ଆଣିଲା ବଦଳି ନୀତି

ଭୁବନେଶ୍ୱର,୪।୧୧(ସମିସ): ଏଣିକି ଷ୍ଟେସନ୍‌ରେ ୩ବର୍ଷ ଏବଂ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିପାରିବେନି ପୁଲିସ ଅଧିକାରୀ। ଖାଲି ସେତିକି ନୁହେଁ, ବଦଳି ପାଇଁ ବି ବର୍ଷଯାକ ନିବେଦନପତ୍ର (ରିପ୍ରେଜେଣ୍ଟେସନ୍) ଦେଇପାରିବେନି। କର୍ମଚାରୀଙ୍କ ବଦଳି ପାଇଁ ପୁଲିସ ବିଭାଗ ସ୍ୱତନ୍ତ୍ର ନୀତି ଆଣିଛି। ପୁଲିସ ବିଭାଗରେ ବଦଳି ନୀତି କାମ କରୁନଥିବା ନେଇ ଗତମାସ ୨୯ ତାରିଖ ଦିନ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏଭଳି ପଦକ୍ଷେପ ନିଆଯାଇଛି।

ସୂଚନାନୁସାରେ, ଅନେକ ସମୟରେ ଅଧିକାରୀମାନେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ବଦଳି ହେବାକୁ ନେଇ ନିବେଦନପତ୍ର (ରିପ୍ରେଜେଣ୍ଟେସନ୍) ଦେଇଆସୁଛନ୍ତି। ସେହିପରି ନିୟମ ନମାନି ଅନେକ ଅଧିକାରୀ ଷ୍ଟେସନ୍‌ରେ ୩ ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟଧରି ରହୁଛନ୍ତି। ଅଧିକ ସମୟ ଧରି ଗୋଟିଏ ଜିଲ୍ଲାରେ ରହିବା, ପୁଲିସର ଛବିକୁ ମଳିନ କରୁଥିବା ବେଳେ ବଦଳିକୁ ନେଇ ମାଳମାଳ ନିବେଦନପତ୍ର ଆସିବା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ବଦଳିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର-୪୨

### 'ସକାଳ' ପ୍ରଭାବ

- ଷ୍ଟେସନ୍‌ରେ ୩ ବର୍ଷ ଓ ଜିଲ୍ଲାରେ ୬ବର୍ଷରୁ ଅଧିକ ରହିପାରିବେନି
- ବର୍ଷକୁ ଦୁଇ ମାସ ବଦଳି ଋତୁ
- ସବୁବେଳେ କରିପାରିବେନି ନିବେଦନ
- ସମସ୍ତ ଏସପି ଓ ୱିଙ୍ଗକୁ ଡିଆଇଜିଙ୍କ ନିର୍ଦ୍ଦେଶ

ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା-୧୦୨୭୧/୯୫ ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଛି।

ନୀତି ଅନୁସାରେ, ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରାଯିବ। ସମସ୍ତ କର୍ମଚାରୀମାନେ ବଦଳି ଋତୁ (ଏପ୍ରିଲ ୧୫ରୁ ଜୁନ୍ ୧୫) ମଧ୍ୟରେ ବଦଳି ଓ ପୋଷ୍ଟିଂର ବିଚାର ପାଇଁ ଉପଯୁକ୍ତ ଚ୍ୟାନେଲ ମାଧ୍ୟମରେ ନିବେଦନପତ୍ର ଦାଖଲ କରିବାକୁ ଡିଆଇଜି (ପର୍ସୋନେଲ) ଯୁଗଳ କିଶୋର ବନୋଥ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷତମାମ ବଦଳି ଓ ପୋଷ୍ଟିଂ ସମ୍ପର୍କିତ ଅଭିଯୋଗ କରିବାକୁ କର୍ମଚାରୀମାନଙ୍କୁ ଅନୁମତି ନଦେବାକୁ ସମସ୍ତ ଏସ୍‌ପି ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ମୁଖ୍ୟଙ୍କୁ ଡିଆଇଜି ଚିଠି ଲେଖିଛନ୍ତି। ଏହାସହ ବଦଳି ନୀତି ବା ଉପରୋକ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୁକ୍ ସର୍କୁଲାର-୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନ୍‌ରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ। ଏଥିସହ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ୧୯୮୬ ମସିହାରୁ ୨୦୦୧ ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ ୬ଥର ଚିଠି ଲେଖାଯାଇଛି। ପୂର୍ବରୁ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ନିୟମ ମାନି ନଥିବା ପୁଲିସ ବିଭାଗ ଏବେ ଡିଆଇଜିଙ୍କ ଚିଠି ପରେ ବଦଳି ନୀତିକୁ କେତେ କାର୍ଯ୍ୟକାରୀ କରୁଛି, ତାହା ଦେଖିବାକୁ ବାକି ରହିଲା।

# ମହାନଦୀ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ବିଳମ୍ବିତ

ସମ୍ବଲପୁର, ୪।୧୧ (ସମିସ)






ସମ୍ବଲପୁରଠାରେ ମହାନଦୀରେ ନଦୀ ସମ୍ମୁଖ ବିକାଶ (ରିଭରଫ୍ରଣ୍ଟ ଡେଭଲପମେଣ୍ଟ) ସହ ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି, ନଦୀର ଉଭୟ ପାଶ୍ୱର୍ରେ ସୌନ୍ଦର୍ଯ୍ୟକରଣ ଆଦି ଯୋଜନା ରହିଛି। ତେବେ, ନୂତନ ସରକାର ଆସିବାର ୧୫ ମାସ ପରେ ବି ଏହି ପ୍ରକଳ୍ପକୁ ନେଇ ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ। ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଅହେତୁକ ଭାବେ ବିଳମ୍ବିତ ହେଉଛି। ଟେଣ୍ଡର ସରିଥିବା କୁହାଯାଉଥିବାବେଳେ ଡିପିଆର୍ ପ୍ରସ୍ତୁତ ହୋଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବ ସରକାରଙ୍କ 'ସମଲେଇ'ଯୋଜନାରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ଯୋଜନାରେ ମହାନଦୀରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ମଧ୍ୟ ସାମିଲ ରହିଥିଲା।

ଗତବର୍ଷ ଜଳସେଚନ ବିଭାଗର ଏକ ଉଚ୍ଚସ୍ତରୀୟ ଦଳ ବାରାଣାସୀ ଯାଇ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ବୁର୍ଲା ପାୱାର ଚେନାଲରୁ ଅଯୋଧ୍ୟା ସରୋବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମହାନଦୀର ଉଭୟ ପାଶ୍ୱର୍ ବିକଶିତ କରାଯିବାକୁ ଯୋଜନା ରହିଛି। ଏଥିପାଇଁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଜଳସେଚନ ଓ ରାଜସ୍ୱ ବିଭାଗ ପକ୍ଷରୁ ଏହା କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ, ବର୍ଷକ ପରେ ବି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ସେଭଳି ଅଗ୍ରଗତି ହୋଇପାରିନାହିଁ। ଗତବର୍ଷ ସେପ୍ଟେମ୍ବର ୮ ତାରିଖ 'ନୂଆଁଖାଇ'ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରକୁ ଆସିଥିବାବେଳେ ଏହି ପ୍ରସ୍ତାବ ଅନୁଧ୍ୟାନ କରିବାସହ କଟକ ଓ ସମ୍ବଲପୁରରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ପାଇଁ ବଜେଟ୍‌ରେ ଅର୍ଥ ପ୍ରାବଧାନ ରହିଛି ବୋଲି ସୂଚନା ଦେଇଥିଲେ। ପୁଣି ଗତବର୍ଷ କଟକ ବାଲିଯାତ୍ରା ଉଦ୍‌ଘାଟନୀ ସଭାରେ ଅକ୍ଟୋବର ୧୫ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବରମତୀ ରିଭରଫ୍ରଣ୍ଟ ପ୍ରକଳ୍ପ ଅନୁରୂପ ମହାନଦୀରେ ବିଶ୍ୱସ୍ତରୀୟ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ କରାଯିବ ବୋଲି ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଅକ୍ଟୋବରରେ ପର୍ଯ୍ୟଟନ ସଚିବ ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଓ ବୈଷୟିକ ଦଳ ବିଭିନ୍ନ ସ୍ଥଳ ପରିଦର୍ଶନ କରିଥିଲେ। ତନ୍ମଧ୍ୟରେ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ, ଅଯୋଧ୍ୟା ସରୋବର ବ୍ୟାରେଜ ଉଚ୍ଚତା ବୃଦ୍ଧି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନର ବିକାଶ ପାଇଁ ସମ୍ବଲପୁର ଜିଲ୍ଲା ସହ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାକୁ ନେଇ ଏକ ହୀରାକୁଦ ମାଷ୍ଟର ପ୍ଲାନ କରାଯାଉଥିବା ସୂଚନା ମିଳିଛି। ମହାନଦୀର ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ମଧ୍ୟ ଏହି ଯୋଜନାର ଅଂଶବିଶେଷ ବୋଲି କୁହାଯାଉଛି।

**• ପ୍ରଥମ ପର୍ଯ୍ୟାୟରେ ଅଯୋଧ୍ୟା ସରୋବର**
**• ମଞ୍ଜୁର ହୋଇଛି ୧୬୦ କୋଟି**
**କାର୍ଯ୍ୟାନ୍ୱୟନ କରିବ ଓପିସିସି**

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଓଡ଼ିଶା କନ୍‌ଷ୍ଟ୍ରକ୍‌ସନ୍ କର୍ପୋରେସନ୍‌କୁ ସେହି କାର୍ଯ୍ୟ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ୧୬୦ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରିଛନ୍ତି। ଓସିସି ପକ୍ଷରୁ ଆର୍କିଟେକ୍ଟ ଚୟନ ପାଇଁ ଟେଣ୍ଡର ପରେ ସମ୍ପ୍ରତି ଡିପିଆର୍ ପ୍ରସ୍ତୁତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସହନିର୍ଦ୍ଦେଶକ (ପର୍ଯ୍ୟଟନ), ସମ୍ବଲପୁର ରବୀନ୍ଦ୍ର କୁମାର ଦଳେଇ କହିଛନ୍ତି, ହୀରାକୁଦ ମାଷ୍ଟର ପ୍ଲାନର ପାଞ୍ଚୋଟି ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମହାନଦୀ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ ରହିଛି। ଓଡ଼ିଶା କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀ ଡିପିଆର ପ୍ରସ୍ତୁତ କରି କାମ ଆରମ୍ଭ କରିବ। ଅଯୋଧ୍ୟା ସରୋବରଠାରେ କାମ ଆରମ୍ଭ ହେଲେ ବ୍ୟାରେଜ ଉଚ୍ଚତା ବୃଦ୍ଧି କରାଯାଇ ଜଳ ଗଚ୍ଛିତ ରହିବ। ସମଲେଶ୍ୱରୀ ପୀଠକୁ ଆସୁଥିବା ପର୍ଯ୍ୟଟକମାନେ ସେଠାରେ ଜଳକ୍ରୀଡ଼ାର ମଜା ନେଇ ପାରିବେ ବୋଲି ସେ କହିଛନ୍ତି।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବ୍ରହ୍ମପୁରା ମନ୍ଦିରରେ ଆଲୋକସଜ୍ଜା।

## ୧୧ରୁ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ

ସମ୍ବଲପୁର, ୪।୧୧ (ସମିସ) : ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ-୨୦୨୫ର ଆୟୋଜନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ନଭେମ୍ବର ୧୧ ଓ ୧୨ ତାରିଖ ଧନକଉଡ଼ା ବ୍ଲକର ଭିଏସଏସ ଷ୍ଟାଡିଅମ ଏବଂ ବାମରା ବ୍ଲକ୍‌ର ମିନି ଷ୍ଟାଡିଅମରେ ହେବାକୁ ଥିବାବେଳେ ନଭେମ୍ବର ୧୩ ଓ ୧୪ ତାରିଖ ନାକଟିଦେଉଳ ବ୍ଲକର ନୂଆ ମିନି ଷ୍ଟାଡିଅମ, ରେଢ଼ାଖୋଲ ବ୍ଲକ୍‌ର ମିନି ଷ୍ଟାଡିଅମ ଏବଂ ମାନେଶ୍ୱର ବ୍ଲକ୍‌ର ଭି.ଏସ. ଏସ. ଷ୍ଟାଡିଅମ, ନଭେମ୍ବର ୧୭ ଓ ୧୮ ତାରିଖରେ ଜମନକିରା ବ୍ଲକ୍‌ର ଷଣ୍ଢପଥର ପଡ଼ିଆ, ରେଙ୍ଗାଲି ବ୍ଲକ୍‌ର ରମ୍ପେଲାସ୍ଥିତ ମିନି ଷ୍ଟାଡିଅମ ଏବଂ ଯୁଯୋମୁରା ବ୍ଲକ୍ ଫୁଲଝରଣସ୍ଥିତ ପାର୍ବତୀ ଗିରି କଲେଜ ପଡ଼ିଆ, ନଭେମ୍ବର ୧୯ ଓ ୨୦ ତାରିଖରେ କୁଚିଣ୍ଡା ବ୍ଲକ୍‌ର କୁଚିଣ୍ଡା କଲେଜ ପଡ଼ିଆଠାରେ ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକ୍‌ର ଯୁବକଯୁବତୀ, ବିଦ୍ୟାର୍ଥୀ ଓ କ୍ରୀଡ଼ାପ୍ରେମୀଙ୍କୁ ଏହି ମହୋତ୍ସବରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଅଂଶଗ୍ରହଣ ପାଇଁ ଅନଲାଇନ୍ ରେଜିଷ୍ଟ୍ରେସନ୍ କରିବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ବ୍ଲକର ପଞ୍ଜିକରଣ ସମ୍ପୃକ୍ତ ବ୍ଲକର ପ୍ରତିଯୋଗିତା ପୂର୍ବଦିନ ସମାପ୍ତ ହୋଇଯିବ।

# 'ସମ୍ବଲପୁରୀ' ଭାଷାରେ ପ୍ରାଥମିକ ଶିକ୍ଷାଦାନ ଦାବି



ସମ୍ବଲପୁର, ୪।୧୧ (ସମିସ) : ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳର ପ୍ରାୟ ୨ କୋଟି ଲୋକ 'ସମ୍ବଲପୁରୀ' ଭାଷାକୁ ମାତୃଭାଷା ଭାବେ ବ୍ୟବହାର କରୁଛନ୍ତି। ୨୦୧୧ ଜନଗଣନାରେ ୨୭ ଲକ୍ଷରୁ ଊର୍ଦ୍ଧ୍ୱସଂଖ୍ୟକ ଲୋକ ସମ୍ବଲପୁରୀକୁ ସରକାରୀ ଭାବେ ମାତୃଭାଷା ଭାବେ ସ୍ୱୀକାର କରିଛନ୍ତି। ଭାରତର ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ମାଧ୍ୟମ ରୂପେ ମାତୃଭାଷାର ବ୍ୟବହାର ହେବା ଉଚିତ। ପଶ୍ଚିମ ଓଡ଼ିଶାରେ ଶିଶୁ ମାନେ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା କରିବା ଆରମ୍ଭ କରୁଥିବାରୁ ହଠାତ୍ ଓଡ଼ିଆରେ ପ୍ରାଥମିକ ଶିକ୍ଷାଗ୍ରହଣ କରିବା ସମୟରେ ପାଠକୁ ବୁଝିବା କଷ୍ଟକର ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ବଲପୁରୀ ଭାଷାରେ ଶିକ୍ଷାଦାନ କରାଯିବାକୁ ସମ୍ବଲପୁରୀ ଭାଷା ସମିତି ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ବିଶିଷ୍ଟ ଗବେଷକ ଶଶାଙ୍କ ପଣ୍ଡାଙ୍କ ନେତୃତ୍ୱରେ ସମ୍ବଲପୁରର ବିଭିନ୍ନ ସଙ୍ଗଠନ ମିଳିତ ଭାବେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

ଗତ ସେପ୍ଟେମ୍ବର ୭ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ରାଜ୍ୟପାଳଙ୍କ ଉପସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଝାରସୁଗୁଡ଼ା ଜିଲ୍ଲାରେ ଗତ ଏପ୍ରିଲ ୧୮ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ସମ୍ବଲପୁରୀ ଭାଷାରେ ପ୍ରାଇମର୍ ଉନ୍ମୋଚିତ ହୋଇଥିବା ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ପୁଣି ସମ୍ବଲପୁରୀ ଭାଷା ସାହିତ୍ୟ କ୍ଷେତ୍ରରେ ଯେ କୌଣସି ମାନକ ଭାଷା ସହ ସମକକ୍ଷ ହୋଇ ପାରିଥିବା ସତ୍ତ୍ୱେ ସ୍ଥାନିୟ ଛାତ୍ରଛାତ୍ରୀ ସମ୍ବଲପୁରୀ ଭାଷା ଶିକ୍ଷାରୁ ବଞ୍ଚିତ ରହି ଆସିଛନ୍ତି। ତେଣୁ ସମ୍ବଲପୁରୀ ଭାଷାରେ ପ୍ରାଥମିକ ଶିକ୍ଷାଦାନ ହେଲେ ପିଲାଙ୍କୁ ପାଠ ବୁଝିବାରେ ସହାୟକ ହେବା ସହ ସମ୍ବଲପୁରୀ ଭାଷାର ମଧ୍ୟ ବିକାଶ ହେବ ବୋଲି ସମିତିର ସଦସ୍ୟମାନେ କହିଛନ୍ତି।

ସମ୍ବଲପୁର ଜିଲ୍ଲାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନରେ ସମ୍ବଲପୁରୀ ଭାଷାରେ ପ୍ରାଇମର୍‌କୁ ଉପଯୋଗ କରିବାକୁ ଜିଲ୍ଲାପାଳଙ୍କଠାରେ ଦାବି ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଜନମତ ବିଷୟରେ ଅବଗତ କରିବାକୁ ସମିତିର ସଦସ୍ୟମାନେ ଅନୁରୋଧ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଭୋଇଙ୍କ ସଂଯୋଜନାରେ ଭାଷାବିତ୍ ମୁକ୍ତକଣ୍ଠ ପ୍ରଧାନ, ଶିବପ୍ରସାଦ ମେହେର, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଷଡ଼ଙ୍ଗୀ, କାଳିନ୍ଦୀ ପ୍ରତାପ ସିଂହ, ଲଳିତ ମୋହନ ବେବର୍ତ୍ତା, ବାବଲୁ ବାଗ, ଡ.ସ୍ୱୟଂ ପ୍ରକାଶ ପଣ୍ଡା, ଲଳିତା ଭୋଇ, ପ୍ରଦ୍ୟୁମ୍ନ ବିଶି, ସୁଷମା ପ୍ରଧାନ, ଅନୁପମା ବିଶ୍ୱାଳ, ମନୋଜ ପଣ୍ଡା, ପଙ୍କଜିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ମୋପେଡ୍ ଚାଳକ ମୃତ

ଜମନକିରା/ କୁଚିଣ୍ଡା,୪।୧୧(ସମିସ) ଜମନକିରା ଥାନା ଫାଶିମାଲ ପଞ୍ଚାୟତ ଗରିଆବାହାଲ ବୁଲାଣିରେ ମଙ୍ଗବାର ଏକ ଆଶ ବୋଝେଇ ହାଇୱା ଚକ ତଳେ ଚାପି ହୋଇ ମୋପେଡ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଜମନକିରା ଷଣ୍ଢ ପଥର ପଟୁ ଫାଶୀମାଲ ଆସୁଥିବା ଏକ ମୋପେଡ ଟ୍ରକ୍ ତଳେ ପଡ଼ି ଯିବାରୁ ଚାଳକ ପଦ୍ମନାଭ ଦଣ୍ଡପାଟ (୫୯)ର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୋପେଡ ନମ୍ବର ଓଡି ୧୫କେ-୪୦୭୯ ଓ ହାଇୱା ନମ୍ବର ଓଡ଼ି ୩୨ଜେ -୮୦୮୮ ହୋଇ ଥିବା ବେଳେ ହାଇୱାର ପଛ ଚକା ଜଳି ଯାଇଛି। ଘଟଣା ପରେ ହାଇୱା ଚାଳକ ଘଟଣା ସ୍ଥଳରୁ ଫେରାର ମାରିଛି। ଦୁର୍ଘଟଣାରେ ମୋପେଡ ନିଆଁ ଲାଗିଯିବାରୁ ହାଇୱାରେ ମଧ୍ୟ ନିଆଁ ଲାଗି ଯାଇଥିବା ବେଳେ ଜମନକିରା ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ଶବକୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇ ଦେଇଛି। ଜମନକିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ୫୧ ଗ୍ରାମ ବ୍ରାଉନସୁଗର ଜବତ, ୪ଗିରଫ



**ସପ୍ତାହରେ ଶହେ ଗ୍ରାମରୁ ଅଧିକ ଜବତ**

ସମ୍ବଲପୁର,୪।୧୧(ସମିସ):ସମ୍ବଲପୁର ସହର ବର୍ତ୍ତମାନ ନିଶା କାରବାର ମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଛି। ଦୀର୍ଘ ସମୟ ଧରି ବେଆଇନ କୋରେକ୍ସ କାୟ ମେଲାଇଥିବା ବେଳେ, ଏବେ ଧଳାଜହର ମଧ୍ୟ ପ୍ରବଳ ମାତ୍ରାରେ ବିକ୍ରି ହେଉଛି। ମଙ୍ଗଳବାର ଟାଉନ ଥାନା ପୁଲିସ ୫୧.୫ଗ୍ରାମ ବ୍ରାଉନସୁଗର ଜବତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ସାହୁ କଲୋନୀର ସୋନୁ ସୋନକାର(୩୦) ଓ ସୋନୁ ଓରଫ ଶିବରଞ୍ଜନ ମହାକୁଡ଼(୨୩), କୁଞ୍ଜେଲପଡ଼ା ଛକର ଶିବ ସା(୨୮) ଓ ମହାନ୍ତିପଡ଼ାର ନିରଜ ମହାରଣା(୨୪)।ସେମାନଙ୍କ ପାଖରୁ ୨ଟି ମୋବାଇଲ ଫୋନ, ୫୨୦୦ ଟଙ୍କା ଜବତ କରିଛି। ଫାଟକ ହନୁମାନ ମନ୍ଦିର ପାଖରେ ବ୍ରାଉନସୁଗର ବିକ୍ରି ନେଇ ଡିଲ ହେଉଥିବା ପୁଲିସ ଖବର ପାଇଥିଲା। ପରେ ଟିମ ଗଠନ କରି ଚଢଉ କରିଥିଲା। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆଜିକୁ ମିଶାଇ ପୁଲିସ ଗତ ସପ୍ତହେ ଭିତରେ ଶହେ ଗ୍ରାମରୁ ଅଧିକ ବ୍ରାଉନସୁଗର ଜବତ କରିସାରିଛି। ସପ୍ତାହେ ଭିତରେ ୧୦ ଜଣଙ୍କୁ ମଧ୍ୟ ଗିରଫ କରିଛି। ହେଲେ ଏଠି ପ୍ରଶ୍ନ ଉଠୁଛି ପୁଲିସ ଓ ଅବକାରୀ ବିଭିନ୍ନ ସମୟରେ ଚଢଉ କରୁଛି। ତା ପରେ ମଧ୍ୟ ସହରରେ ଧଳାଜହର ନିଜର କାୟା ବିସ୍ତାର କରିଚାଲିଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ ପ୍ରାୟତଃ ବ୍ରାଉନସୁଗର, କଫ ସିରପ୍ କଲିକତାରୁ ଓଡ଼ିଶାକୁ ଆସୁଛି। ଟ୍ରେନ ମାଧ୍ୟମରେ ମାଫିଆ ମାନେ ଏହାକୁ ଚାଲାଣ କରୁଛନ୍ତି। ସମ୍ବଲପୁରକୁ ସବୁ ମାଲ ପହଞ୍ଚିବା ପରେ ଛୋଟ ଛୋଟ ପ୍ୟାକେଟ କରାଯାଉଛି। ପୁଲିସ ଓ ଅବକାରୀକୁ ଚକ୍କମା ଦେବା ପାଇଁ ଅଳ୍ପ ପରିମାଣର ଧଳା ଜହର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ପୁଲିସ କିମ୍ବା ଅବକାରୀ ସବୁବେଳେ ଛୋଟ ଛୋଟ ବେପାରୀଙ୍କୁ ଧରିବାରେ ସଫଳ ହେଉଛି। ହେଲେ ଏହି ର୍‌ୟାକେଟର ପଛରେ ରହି କାମ କରୁଥିବା ମାଷ୍ଟରମାଇଣ୍ଡକୁ ଧରିବାରେ ଅସଫଳ ହେଉଥିବା ଚର୍ଚ୍ଚା ହେଉଛି। ସହରର ନିଶା କାରବାର ବୃଦ୍ଧି ଯୋଗୁଁ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ମଧ୍ୟ ପାଉଛି। ଯୁବପିଢ଼ୀମାନେ ନିଶାଗ୍ରସ୍ତ ଅବସ୍ଥାରେ ଅପରାଧ ଘଟାଇବାକୁ ପଛାଉନହାନ୍ତି।

**ୱାଟ୍‌କୋକୁ ସଲାମ**

## ବିନା ବର୍ଷାରେ ଭାସିଲା ଚର୍ଚ୍ଚ ଛକ



ସମ୍ବଲପୁର, ୪।୧୧ (ସମିସ): ସମ୍ବଲପୁରର ବ୍ୟସ୍ତବହୁଳ ଚର୍ଚ୍ଚ ଛକ ଆଜି ବିନା ବର୍ଷାରେ ଜଳମଗ୍ନ ହୋଇ ଯାଇଥିଲା। ଏହି ଛକଦେଇ ସହରକୁ ବୁଢ଼ାରଜା ପଟୁ ପ୍ରବେଶ କରୁଥିବାବେଳେ ହଜାର ହଜାର ଛାତ୍ରଛାତ୍ରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଯାଇଥାନ୍ତି। ପୁଣି ଏହି ରାସ୍ତା ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୁଲିସ ଆଇଜି (ଉତ୍ତରାଞ୍ଚଳ), ଜିଲ୍ଲାପାଳ କାର୍ଯ୍ୟାଳୟ, ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ହସପିଟାଲ, ପୁରୁଣା ବସ୍ତି ସବୁଆଡ଼କୁ ସଂଯୋଗ କରିଥାଏ। ବ୍ରିଜ୍ ନସରୁଣୁ ଚର୍ଚ୍ଚ ଛକରେ ସୋମବାର ରାତି - ମଙ୍ଗଳବାର ସକାଳୁ ଦୁଇ ତିନୋଟି ଜାଗାରେ ପାଇପ୍ ଫାଟି ଲିକେଜ୍ ହେଉଛି। କିନ୍ତୁ ୱାଟ୍‌କୋ ଅଧିକାରୀ ଓ କର୍ମଚାରୀଙ୍କ ନଜର ନାହିଁ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୱାଟ୍‌କୋ ପକ୍ଷରୁ ମନଇଚ୍ଛା କାମ କରାଯାଉଥିବା ଅଭିଯୋଗ ହେଉଛି। ଜନସାଧାରଣଙ୍କ ସୁବିଧା ଅସୁବିଧାକୁ ନେଇ କାହାରି ଚିନ୍ତା ନାହିଁ। ଆଜି ଦିନତମାମ ଲୋକେ ହଇରାଣ ହେଇଛନ୍ତି। ସକାଳ ସନ୍ଧ୍ୟା ପାଣି ଆସିବା ସମୟରେ ଏହି ଲିକେଜ୍ ଏତେ ବଢ଼ିଯାଉଛି ଯେ ଚାରିଆଡ଼େ ପାଣି ବହୁଛି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର କାମ କହିଲେ ନସରେ। କଂକ୍ରିଟ୍‌ରୁ ଗେଟି, ପଥର ବାହାରି ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗତ ୬ ମାସ ହେବ ଚର୍ଚ୍ଚ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ କଲଭର୍ଟ ତିଆରି କରାଯାଉଛି। ସେହି କଲଭର୍ଟକୁ ଏତେ ଉଚ୍ଚ କରିଦେଲେ ଯେ ପୁଣି ରାସ୍ତା ଉପରେ କେଇ ଇଞ୍ଚ ବହଳର କଂକ୍ରିଟ ପକାଯାଉଛି। କଂକ୍ରିଟ୍‌ର ଗେଟି, ପଥର ଗୁଡ଼ିକ ବାହାରି ଯାଇ ଗାଡ଼ି ଗୁଡ଼ିକ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ପୁଣି ଚକରେ ଲାଗି ଗେଟି ଗୁଡ଼ିକ ଛିଟ୍‌କି ପଡୁଥିବାରୁ ଲୋକେ ଆହତ ହେବା ଦେଖାଯାଉଛି। ପୂର୍ତ୍ତ ବିଭାଗୀୟ ଅଧିକାରୀ ମନିଟରିଂ କରୁନଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ସମ୍ବଲପୁର



ସମ୍ବଲପୁର, ୪।୧୧ (ସମିସ): ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ସମ୍ବଲପୁରର ରାସ୍ତାଘାଟରେ ପ୍ରବଳ ଭିଡ଼। ବଜାରରେ ଗେଣ୍ଡୁ ଫୁଲ ସମେତ ବିଭିନ୍ନ ପ୍ରକାରର ଫୁଲର ପସରା। ଏହାସହ ମିଳୁଛି ଭେଳିକି ଭେଳି କାଗଜ ଡଙ୍ଗା। ଛୋଟ ଚଉପତି (ଦନା) ଆକାରଠାରୁ ଆରମ୍ଭକରି ଦୁଇରୁ ତିନିଫୁଟ ଲମ୍ବ ଓ ଏକ ଫୁଟ ଓସାରର କାଗଜ ଡଙ୍ଗା ମିଳୁଛି। ସେଥିରେ ପୁଣି ରଙ୍ଗବେରଙ୍ଗ କାଗଜ ଲାଗି ତାହାକୁ ସୁଦୃଶ୍ୟ କରାଯାଇଛି। କିଛି ଲୋକ ଡଙ୍ଗା ତିଆରି କରି ଦି'ପଇସା ରୋଜଗାର କରିଥାନ୍ତି। ଆସନ୍ତାକାଲି ଭୋର ସକାଳୁ ମହାନଦୀର ବିଭିନ୍ନ ଘାଟରେ ଲାଗିବ ଭିଡ଼। ଡଙ୍ଗାରେ ଦୀପ ଜଳାଇ ଲୋକେ ତାହାକୁ ଭସାଇବେ। ପୁଣି ଉଜାଗର ହେବ "ଆ କା ମା ବଇ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର..."।

ଅଁଳା ନବମୀ ପରଠାରୁ ଘରେ ଘରେ ପଞ୍ଚୁକ ବ୍ରତ ପାଳନ କରୁଛନ୍ତି। ପ୍ରତିଦିନ ସକାଳୁ ଗାଧୋଇ ପାଧୋଇ ଠାକୁର ଦର୍ଶନ କରୁଛନ୍ତି। ପ୍ରତ୍ୟହ ସକାଳବେଳା ମନ୍ଦିର ମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ଚଳଚଞ୍ଚଳ ହୋଇପଡ଼ିଛି ସମ୍ବଲପୁର ସହର। ବଜାରରେ ମିଳୁଛି ରଙ୍ଗବେରଙ୍ଗ ଏବଂ ବିଭିନ୍ନ ଆକାରର କାଗଜ ଡଙ୍ଗା। ଡଙ୍ଗାର ମୂଲ୍ୟ ୨୦ ଟଙ୍କାଠାରୁ ଆରମ୍ଭ କରି ଦେଢ଼ଶ' ଟଙ୍କା ପର୍ଯ୍ୟନ୍ତ ପଡୁଛି। ପୁଣି ଡଙ୍ଗା ଭସାଇବା ସମୟରେ ସେଥିରେ ଦୀପ, ଫୁଲ ଓ ଅନ୍ୟ ପୂଜା ସାମଗ୍ରୀ ଦେଉଥିବାରୁ ସେଗୁଡ଼ିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ତେବେ, ବିଶ୍ୱାସ ଓ ଭକ୍ତି ଆଗରେ ସବୁକିଛି ହାର ମାନୁଛି। ସମସ୍ତେ କିଛି ନା' କିଛି କିଣୁଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ମାସସାରା ହବିଷ ରଖିଥିବା ହବିଷ୍ୟାଳିମାନେ ମଧ୍ୟ ଆସନ୍ତାକାଲି ପୂର୍ଣ୍ଣିମା ପାଳନ କରିବେ। ଚତୁର୍ଦ୍ଦଶୀ ରାତିଠାରୁ ଆରମ୍ଭ କରି ମନ୍ଦିର ମନ୍ଦିର ବୁଲି ଭକ୍ତମାନେ ଦର୍ଶନ କରିଥାନ୍ତି। ମନ୍ଦିର ଗୁଡ଼ିକରେ ଠାକୁର ମାନଙ୍କୁ ବେଶଭୂଷା କରାଯାଇଥିବାବେଳେ ଅନେକ ସ୍ଥାନରେ ନାମଯଜ୍ଞ ହେଉଛି। ଚଳିତବର୍ଷ ରାସ ପୂର୍ଣ୍ଣିମା ବା କାର୍ତ୍ତିକ ପୂର୍ଣ୍ଣିମା ନସରୁଣୁ ମାର୍ଗଶିର ମାସ ମାଣବସା ଗୁରୁବାର ପଡୁଥିବାରୁ ମହିଳାମାନେ ପୂର୍ଣ୍ଣିମା ସାମଗ୍ରୀ ସହ ମାଣବସା ଗୁରୁବାରର ସାମଗ୍ରୀ ମଧ୍ୟ କ୍ରୟ କରୁଥିବା ଦେଖାଯାଉଛି।

## ବାଲୁଙ୍କେଶ୍ୱର ମନ୍ଦିରରେ ସାମୂହିକ ଭାଗବତ ପାଠ



ସମ୍ବଲପୁର, ୪।୧୧ (ସମିସ) : ନନ୍ଦପଡ଼ାସ୍ଥିତ ବମ୍‌ବରାଡ଼ ବାଲୁଙ୍କେଶ୍ୱର ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଓ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ସାମୁହିକ ଭାଗବତ ପାଠ ଆୟୋଜିତ ହୋଇଯାଇଛି। ଏଥିରେ ଭୁବନ ମୋହନ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ୬୧ ଜଣ ବ୍ରାହ୍ମଣ ଭାଗବତ ପାଠ କରିଥିଲେ। ଏଥିସହ ବାବା ବାଲୁଙ୍କେଶ୍ୱରଙ୍କ ରୁଦ୍ରାଭିଷେକ, ହୋମଯଜ୍ଞ, ପୂଜାର୍ଚ୍ଚନା, ଚଣ୍ଡୀପାଠ, ଗୀତାପାଠ ପରେ ପୂର୍ଣ୍ଣାହୂତି ହୋଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ନନ୍ଦପଡ଼ାବାସୀଙ୍କ ସହିତ ଚିତ୍ରୋତ୍ପଳା ଯୁବକ ସଂଘ, ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ, ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

**ପ୍ରତିବର୍ଷ ବଢୁଛି ସାଟେଲାଇଟ୍ ସର୍ଭେରେ ଅଣଚାଷ ଜମି ସଂଖ୍ୟା**

# ସମ୍ବଲପୁର ଜିଲ୍ଲାରେ ୭୯,୩୦୯ ସନ୍ଦିଗ୍ଧ ପ୍ଲଟ୍

ସମ୍ବଲପୁର, ୪।୧୧ (ସମିସ)

ସମ୍ବଲପୁର ଜିଲ୍ଲାର ଅଣଜଳସେଚିତ ଅଞ୍ଚଳରେ ଚାଷୀ ଫସଲ ପାଇଁ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରିଥାଏ। ଅଦିନିଆ ବର୍ଷା ଓ ଖଁଡ (ଅସମାନ) ବର୍ଷା ଯୋଗୁଁ ବହୁସମୟରେ କ୍ଷୟକ୍ଷତିର ଶିକାର ହୋଇଥାଏ। ନିକଟ ଅତୀତରେ ବାତ୍ୟା 'ମୋନ୍‌ଥା' ପ୍ରଭାବରେ ଚାଷୀ କ୍ଷତିଗ୍ରସ୍ତ ହୋଇଛି। ପୁଣି ଧାନବିକ୍ରୟ ସମୟରେ ଟୋକନ୍ ସମସ୍ୟା, ମିଲର୍‌ଙ୍କ ଶୋଷଣନୀତି ଓ ଧାନର ଆର୍ଦ୍ରତାକୁ ନେଇ କଟ୍‌ନିଛଟ୍‌ନି ମଧ୍ୟରେ ଚାଷୀ ପେଶି ହୋଇଯାଏ। ଗତ କିଛିବର୍ଷ ହେଲା ସରକାର ଉପଗ୍ରହ ସର୍ବେକ୍ଷଣ (ସାଟେଲାଇଟ୍ ସର୍ଭେ) କରୁଛନ୍ତି। ଏହାଦ୍ୱାରା ଚାଷୀର ପଞ୍ଜିକୃତ ହଜାର ହଜାର ପ୍ଲଟ୍ ସନ୍ଦେହଘେରରେ ରହୁଛି। ଚଳିତବର୍ଷ ଖରିଫ୍ ଋତୁରେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ୭୯ ହଜାର ଟପିଛି। ଅନାବାଦି ଜମି ବା ଚାଷ ନ କରି ଚାଷୀ ପ୍ଲଟ ପଞ୍ଜିକରଣ କରୁଥିବା କୁହାଯାଉଥିବାବେଳେ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବର୍ତ୍ତମାନର ଶାସକ ଦଳ ବିରୋଧୀ ଦଳରେ ଥିବାବେଳେ ସାଟେଲାଇଟ୍ ସର୍ଭେ ରିପୋର୍ଟକୁ ନେଇ ଜିଲ୍ଲାସ୍ତରୀୟ ଖରିଫ୍ ଧାନକ୍ରୟ ବୈଠକରେ ଦୋଷାରୋପ କରୁଥିଲେ। କିନ୍ତୁ ବର୍ତ୍ତମାନ ଏନେଇ ସେମାନେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ଏସବୁ ମଧ୍ୟରେ କ୍ଷତିଗ୍ରସ୍ତ ହେଉଛି ଚାଷୀ।

ଚଳିତ ଖରିଫ୍ ଧାନଚାଷର ସାଟେଲାଇଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ଜିଲ୍ଲାର ୭୯,୩୦୯ଟି ପ୍ଲଟ ସନ୍ଦିଗ୍ଧ ରହିଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜିକୃତ କରାଯାଇଥିବା ସର୍ଭେରେ କୁହାଯାଇଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ ତଦନ୍ତ କରାଯିବ। ପୁନଃଯାଞ୍ଚ ପରେ ଚାଷ ହୋଇ ନଥିବା ଜମିଗୁଡ଼ିକୁ ବାଦ୍ ଦିଆଯିବା ସହ ଚାଷୀକୁ ଟୋକନ୍ ଦିଆଯିବନାହିଁ। ଚାଷୀ ଏହି ସନ୍ଦିଗ୍ଧ ଜମିସହ ପଞ୍ଜୀକରଣ କରିଥିବା ଅନ୍ୟ ପ୍ଲଟ୍ ଗୁଡ଼ିକ ପାଇଁ ଧାନବିକ୍ରି କରିପାରିବେ। ଚଳିତମାସ ଦ୍ୱିତୀୟ ବା ତୃତୀୟ ସପ୍ତାହରୁ ସମ୍ଭାବ୍ୟ ଖରିଫ ଧାନକ୍ରୟ ଥିବାରୁ ଶେଷମୁହୂର୍ତ୍ତରେ ରିପୋର୍ଟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ବଲପୁର ଜିଲାର ୩ଟି ଉପଖଣ୍ଡରେ ଚଳିତ ଖରିଫ୍‌ରେ ୪୫ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହତ୍ କ୍ଷେତ୍ର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଏବଂ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକ୍ରୟ କରାଯିବ। ଚଳିତ ଖରିଫରେ ଧାନବିକ୍ରି ପାଇଁ ୬୫,୧୪୨ ଚାଷୀ ପଞ୍ଜିକୃତ ହୋଇଛନ୍ତି।

୨୦୨୧ ମସିହା ସର୍ଭେରେ ସମ୍ବଲପୁର ଜିଲାରେ ୨୬,୬୧୭ ପ୍ଲଟ୍ ସନ୍ଦିଗ୍ଧ ଜଣାପଡ଼ିଥିବାବେଳେ ୨୦୨୨ରେ ୨୦,୦୪୩ ପ୍ଲଟ୍, ୨୦୨୩ରେ ୫୦,୫୫୯ ପ୍ଲଟ୍ ଏବଂ ୨୦୨୪ରେ ୬୪,୭୯୮ ପ୍ଲଟ୍ ସନ୍ଦିଗ୍ଧ ବୋଲି ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ଉପନିବନ୍ଧକ ସମବାୟ ସମିତି ସମୂହ (ଡିଆର୍‌ସିଏସ୍) କାର୍ଯ୍ୟାଳୟରୁ ସୂଚନା ଅନୁଯାୟୀ, ସାଟେଲାଇଟ୍ ସର୍ଭେରେ ୭୯,୩୦୯ ପ୍ଲଟ୍ ସନ୍ଦିଗ୍ଧ ବୋଲି ରିପୋର୍ଟ ଆସିଛି। ୯ଟି ତହସିଲର ୧୨୩୩ଟି ଗ୍ରାମରେ ୩୧୮ ଜଣ କ୍ଷେତ୍ର ସର୍ଭେୟରଙ୍କୁ ନିୟୋଜିତ କରାଯାଇଛି ଏବଂ ୭ ଦିନ ମଧ୍ୟରେ ସେମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା

ଅମ୍ବାଭୋନା,୪।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନା ଠାରେ ଶିକ୍ଷାମୂଳକ ବିଦ୍ୟାଳୟ ସ୍ତରୀୟ ଛାୟା ବିଧାନସଭା ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ବିଧାନସଭାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ଦେବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ବାଚସ୍ପତି, ଶାସକ ଦଳ ଓ ବିରୋଧୀ ଦଳ ଭାବେ ଭୂମିକା ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଦ୍ୟୁତ ସମସ୍ୟା, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଆଦି ସାମାଜିକ ସମସ୍ୟା ଉପରେ ବିରୋଧୀ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା ଓ ଶାସକ ଦଳ ତାହାର ଉତ୍ତର ଦେଇଥିଲେ। ଶିକ୍ଷକମାନଙ୍କ ନିର୍ଦ୍ଦେଶନା ଓ ପ୍ରେରଣାରେ ଆୟୋଜିତ ଛାୟା ବିଧାନସଭା ଦ୍ୱାରା ଛାତ୍ରଛାତ୍ରୀ ଗଣତାନ୍ତ୍ରିକ ପ୍ରକ୍ରିୟା, ସଂସଦୀୟ ଆଚରଣ ଓ ନାଗରିକ ଦାୟିତ୍ୱ ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ। ମୁଖ୍ୟ ଅତିଥି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୀବର୍ଦ୍ଧନ ଦୁଆନ, ବିଦ୍ୟାଳୟର କମିଟି ମେମ୍ବର ବୈକୁଣ୍ଠ ପଟେଲ, ଅବସରପ୍ରାପ୍ତ ବରିଷ୍ଠ କିରାଣୀ ମହାଦେବ ବାଗ, ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ ପ୍ରମୁଖ ରହିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋହର ସାହୁ ଓ ଉପମା ପ୍ରଧାନ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ଏଥିରେ ନବମ ଶ୍ରେଣୀର ଛାତ୍ର ରୋହନ ପଟେଲ ବାଚସ୍ପତି ଭାବେ, ଶାସକ ଦଳ ଭାବେ ସୌମ୍ୟା, ଝସକେତନ, ପ୍ରିତେଶ ରାଉଳ, ସାନିଆ ପ୍ରଧାନ, ପୁଷ୍ପା ପଟେଲ, ଲକ୍ଷ୍ମୀ ପ୍ରିୟା ମହାନନ୍ଦ, ଖିରେଶ୍ୱରି ସା ଓ ବିରୋଧି ଦଳ ଭାବେ ଅମ୍ବିକା, ହରିପ୍ରିୟା, କୁସୁମ ଦଣ୍ଡସେନା, ଭୂପେଷ, ରିଙ୍କୁ, ସବ୍ୟସାଚୀ, ଅନିଶ, ପ୍ରତିମା, ଆୟୁଷ, ହିତେଶ ପ୍ରମୁଖ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ





ବରଗଡ଼,୪।୧୧(ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ୨୦୨୫ ପାଳିତ ହୋଇଯାଇଛି। ଜିଲ୍ଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ, କୃଷି ଓ ଉଦ୍ୟାନ ବିଭାଗ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗ ଦୋଇଥିଲେ। ଅଞ୍ଜନ ନାୟକ ଅତିଥି ପରିଚୟ କରିଥିଲେ। ଶ୍ରୀଅନ୍ନ ଅଭିଯାନରେ ମାଣ୍ଡିଆ ଦିବସ ପାଳନ କରାଯାଉଛି ଏବଂ ମାଣ୍ଡିଆ ତିଆରି ବିଭିନ୍ନ ଜିନିଷ ବଜାରରେ ବିକ୍ରି କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ମାନେ ମିଲେଟ୍ ମିଶନ ଦ୍ୱାରା ଲାଭବାନ ହେଉଛନ୍ତି। ଘରେ କିପରି ମାଣ୍ଡିଆରେ ବିଭିନ୍ନ ପ୍ରକାରର ଜିନିଷ ତିଆରି କରିବେ ତା ଉପରେ ସେ ଆଲୋକପାତ କରିଥିଲେ। ପଦ୍ମପୁର କୃଷି ଅଧିକାରୀ ପ୍ରଭାସ ପଣ୍ଡା ପ୍ରତିକୂଳ ଜଳବାୟୁରେ ମଧ ମାଣ୍ଡିଆ ଚାଷ କରାଯିବା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସର୍ବୋତ୍ତମ ସୁବିଧାକାରୀ ସଂସ୍ଥା ଭାବେ ଗାଇସିଲେଟର ଦେବଦତ୍ତ କ୍ଲବ୍, ସର୍ବୋତ୍ତମ ଏଫ୍‌ପିଓ ଭାବେ ବୋଡାସମ୍ବର ଡାଲି ଓ ଭେଜିଟେବୁଲ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ ଗାଇସିଲେଟ, ସର୍ବୋତ୍ତମ ମିଲେଟ ଚାଷୀ ଭାବେ ପାଇକମାଳ, ଭୁବନେଶ୍ୱରରୁ ମୀନା ପଟେଲ, ସର୍ବୋତ୍ତମ ସଂରକ୍ଷକ ଚାଷୀ ଭାବେ ପାଇକମାଳ, ଖରାମାଲରୁ ଡମ୍ବୁରୁ ଧର ମାଝୀ, ସର୍ବୋତ୍ତମ ସ୍ୱୟଂ ସହାୟିକା ଗୋଷ୍ଠୀ ଭାବେ ପଦ୍ମପୁରରୁ ମାଁ ଦୁର୍ଗା ଏସ୍ଏଚ୍‌ଜି ଏବଂ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ଲକ୍ ଭାବେ ପଦ୍ମପୁର ବ୍ଲକ୍‌କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ, ଔଷଧ ତଥା ମାଣ୍ଡିଆ ପ୍ରକ୍ରିୟାକରଣ ନିମିତ୍ତ ଆବଶ୍ୟକ ବିଭିନ୍ନ ଯନ୍ତ୍ରପାତିର ପ୍ରଦର୍ଶନୀ ହୋଇଥିଲା।

## ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୌଦ୍ଧ,୪।୧୧(ସମିସ): ବୌଦ୍ଧ-ବଘିଆପଡ଼ା ରାସ୍ତାର ବୌଦ୍ଧ ଥାନା ଆଇଟିଆଇ ନିକଟ ପୋଲତଳୁ ବାଇକ ସହ ଜଣେ ଯୁବକଙ୍କ ମୃତଦେହକୁ ମାଜିଷ୍ଟ୍ରେଟ୍ ଉପସ୍ଥିତିରେ ବୌଦ୍ଧ ପୁଲିସ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ଣ ୪ଟା ସମୟରେ ଗଉଡ଼ଦେଇ ଆଇଟିଆଇ ନିକଟ ପୋଲ ଭିତରେ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା କିଛି ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବୌଦ୍ଧ ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଥିଲା। ମୃତଯୁବକ ଜଣଙ୍କ ପଡ଼ୋଶୀ ଇସିରି ସିଙ୍ଗା ଗ୍ରାମର ବରେଇ ବେହେରାଙ୍କ ପୁଅ ୨୨ ବର୍ଷିୟ ବରୁଣ ବେହେରା ବୋଲି ଚିହ୍ନଟ ହୋଇଛି। ପୁଲିସ ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଆଣିଥିବା ସୂଚନା ମିଳିଛି। ଏହା ଦୁର୍ଘଟଣାଜନିତ ନା ଆଉ କୌଣସି କାରଣରୁ ହୋଇଛି ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

## ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ



ବରଗଡ଼,୪।୧୧(ସମିସ): ରାଜ୍ୟ ସରକାର ଜନସାଧାରଣଙ୍କୁ ସାଇବର ଠକେଇରୁ ରକ୍ଷା କରିବାକୁ ସାଇବର ସଚେତନତା ଅଭିଯାନ ରଥ ପରିଭ୍ରମଣର ଶୁଭାରମ୍ଭ କରିଛନ୍ତି। ଆଜି ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମରେ ସାଇବର ସୁରକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମିନାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଗୋୟଲ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିବ ପ୍ରସାଦ ବିଶ୍ୱାଳ, ଇନ୍ଦୁ ଲେଖା ପଶ୍ଚିମକବାଟ, ସମସ୍ତ ଥାନାଧିକାରୀ, ଅନ୍ୟାନ୍ୟ ପୁଲିସ କର୍ମଚାରୀ ଏବଂ କୋଶଲ ଡିଫେନ୍ସ ଏକାଡେମୀର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ବିକାଶ କ୍ଷେତ୍ରରେ ଦେଶରେ ଦିନକୁ ଦିନ ସାଇନ୍ସ ଓ ଟେକ୍ନୋଲୋଜିର ଆବଶ୍ୟକତା ଯେତିକି ଗୁରୁତ୍ୱ ବହନ କରୁଛି। ଆପରାଧିକ କାର୍ଯ୍ୟକଳାପରେ ଏହାକ ଅଧିକ ବ୍ୟବହାର କରାଯାଉଛି। ଡିଜିଟାଲ ମାଧ୍ୟମ ଠାରୁ ଆରମ୍ଭ କରି ନିବେଶ ଓ ଟ୍ରେଡ଼ିଂ ଠକେଇ, ପାର୍ସଲ ଓ କଷ୍ଟମ ଠକେଇ, ନକଲି ଋଣ ବା ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଏବଂ ଓଟିପି ଠକେଇ କରୁଛନ୍ତି। ତେବେ ଏହି ସାଇବର ଅପରାଧୀ ମାନଙ୍କ ଠାରୁ ନିଜକୁ ଦୂରେଇ ରଖିବା ଓ ତୃଣମୂଳ ସ୍ତରରେ ଏ ସମ୍ପର୍କରେ ସଚେତନତା କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିପାଇଁ ବିଭିନ୍ନ ମେଳା, ହାଟ, ସ୍କୁଲ ଓ ଗାଁ ଗାଁରେ ପ୍ରତିଟି ଲୋକଙ୍କୁ ସଚେତନ କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ମୀନା ପ୍ରକାଶ କରିଛନ୍ତି।।

## ଗୋଡଭଗାରେ ରକ୍ତଦାନ ଶିବିର



ଅତାବିରା,୪।୧୧(ସମିସ): ଗୋଡ଼ଭଗା ଗୋଲକ ନଗରଠାରେ ମାଁ ମାହେଶ୍ୱରୀ ସେନା ଓ ଶ୍ରୀରାମ ମଠ କମିଟି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇ ଡୁମାଲ ପରିଷଦ ପତ୍ରାପାଲି କେନ୍ଦ୍ର ସଭାପତି ଭୁବନେଶ୍ୱର ମହାକୁର, କଳାମାଟି ସରପଞ୍ଚ ସୁଷମା ସାହୁ, ସ୍ପନ୍ଦନ କ୍ଲବ୍‌ର ସଭାପତି ବାଳକୃଷ୍ଣ ସାହୁ, ମାଁ ମାହେଶ୍ୱରୀ ସେନାର ସଦସ୍ୟା ସଂଯୁକ୍ତା ପ୍ରଧାନ ଓ କୋଶଲ ସଂଗ୍ରାମୀ ସୁଧୀର ପଣ୍ଡାଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଟେକନିସିଆନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ୩ ଜଣ ମହିଳାଙ୍କ ସମେତ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଧାନ ଦର

ପଦ୍ମପୁର,୪।୧୧(ସମିସ): ଅକ୍ଟୋବର ଶେଷ ସପ୍ତାହରୁ ମଧ୍ୟମ କିସମ ଧାନ ଅମଳ ହେଉଛି। ନଭେମ୍ବର ଦ୍ୱିତୀୟ ସପ୍ତାହରୁ ପ୍ରାୟ ସମସ୍ତ ଧାନ ଅମଳ ହୋଇ ସାରିଥାଏ। ଅଣ ଜଳସେଚିତ ପଦ୍ମପୁର ଉପଖଣ୍ଡରେ ଏବେ ପ୍ରାୟ ୫୦ ପ୍ରତିଶତ ଧାନ ଅମଳ ସରିଛି। କିନ୍ତୁ ମଣ୍ଡି ଆରମ୍ଭ ହୋଇ ନାହିଁ। ଏହି ବିଳମ୍ବିତ ମଣ୍ଡି ବ୍ୟବସ୍ଥା ଯୋଗୁଁ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହେଉଛି। ଅକ୍ଟୋବର ଶେଷ ଭାଗରୁ ଦଲାଲ ମାନେ ସକ୍ରିୟ ହୋଇ ଗାଁ ଗାଁ ବୁଲି ଧାନ କିଣିବାରେ ଲାଗିଛନ୍ତି। ଏହି ଧାନ ବେପାରୀ ଓ ଦଲାଲ ଚାଷୀଙ୍କ ଭାଗ୍ୟ ବିଧାତା ସାଜିଛନ୍ତି। ସେମାନେ ହିଁ ସ୍ଥିର କରୁଛନ୍ତି ଧାନ ଦର। ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ବୋନସ ସତ୍ତ୍ୱେ ଏ ବର୍ଷ ମଧ୍ୟ ଏହା ଖୁଲମଖୁଲା ଦେଖିବାକୁ ମିଳୁଛି। ଛତିଶଗଡ ଅଞ୍ଚଳର ବ୍ୟବସାୟୀ ମଧ୍ୟ ଏଠାରେ ଦଲାଲ ରଖି ଧାନ ଦର ସ୍ଥିର କରୁଛନ୍ତି। ଦର ନ ସୁହାଇଲେ ବି ଚାଷୀ କାନମୁଣ୍ଡ ଆଉଁସି ନିଜ ଧାନ ବିକ୍ରି କରିବା ପାଇଁ ବାଧ ହୋଇଥାଏ। ଅନେକ ବେପାରୀ ଚାଷୀଙ୍କୁ ଅକ୍ଟୋବର ମାସରୁ କୁଲି ମଜୁରୀ ବାବଦକୁ ଅଗ୍ରୀମ ନଗଦ ଅର୍ଥ ଦେଇଥାନ୍ତି। ଫଳରେ ଚାଷୀ ବାଧ ହୋଇ ବେପାରୀଙ୍କ ହିସାବରେ ଧାନ ବିକ୍ରି କରିଥାଏ। ତେଣୁ ଏଥିପ୍ରତି ଲଗାମ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ସାହିତ୍ୟିକ ଦିନେଶ ମାଲିଙ୍କୁ ସମ୍ବର୍ଦ୍ଧନା

ମେଲଛାମୁଣ୍ଡା,୪।୧୧(ସମିସ):ବିଶିଷ୍ଟ ଲେଖକ, ଅନୁବାଦକ ଦିନେଶ ମାଲିଙ୍କୁ ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦ ପକ୍ଷରୁ ଅଭିନନ୍ଦନ ଶୁଭେଚ୍ଛା ଜଣାଯାଇଛି। ଦିନେଶଙ୍କ ଉପନ୍ୟାସ 'ଶହୀଦ ବିକା ନାଏକ ଏକ ଖୋଜ' ପାଇଁ ପ୍ରୟାଗରାଜ ଠାରେ 'ଅମରନାଥ ପାଣ୍ଡେ ସ୍ମୃତି ସମ୍ମାନ' ଏବଂ ଓଡ଼ିଶାର ରାଜଭବନ ଠାରେ 'ଭାଷା ସଂରକ୍ଷକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏନେଇ ଅଭିମନ୍ୟୁ ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ତ୍ରିବେଣୀ ଗ୍ରାମୋଦ୍ୟୋଗ ଉତ୍ଥାନ ସମିତି ଓ ଲୋକରଞ୍ଜନ ପ୍ରକାଶନ ଦ୍ୱାରା ପ୍ରୟାଗରାଜର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଭାଗାର ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ମାଲିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବିଶ୍ୱ ହିନ୍ଦୀ ପରିଷଦ ଓଡ଼ିଶା ଶାଖା ପକ୍ଷରୁ ଓଡ଼ିଶା ରାଜଭବନ ଠାରେ ଆୟୋଜିତ ସାହିତ୍ୟ ସମାରୋହରେ ରାଜ୍ୟପାଳ ଡ.ହରିବାବୁ କୁମ୍ଭମପତି ଦିନେଶ ମାଲିଙ୍କୁ ସମ୍ମାନିତ କରିଥିଲେ। ଏହି ସମାରୋହରେ ବିଶ୍ୱ ହିନ୍ଦୀ ପରିଷଦର ଅଧ୍ୟକ୍ଷ ପଦ୍ମଭୂଷଣ ୱାଇ ଲକ୍ଷ୍ମୀପ୍ରସାଦ, ମହାସଚିବ ବିପିନ, ଉପାଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଓ ରାଜ୍ୟସଭା ସଭ୍ୟ ମମତା ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଲେଖକ ଦିନେଶ ମାଲି ସମ୍ପ୍ରତି ଏମସିଏଲର କଣିହା କ୍ଷେତ୍ରରେ ଜଣେ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ। ସେ ନିଜର ମୌଳିକ ରଚନା ସମେତ ବହୁ ବିଶିଷ୍ଟ ଓଡ଼ିଆ ଲେଖକ ଓ ଲୋକକବି ରତ୍ନ ହଳଧର ନାଗଙ୍କ ରଚନା ସମୂହ, ହଳଧର ଗ୍ରନ୍ଥାବଳୀକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ଏହାସହ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ ଶହୀଦ ବିକା ନାଏକ ଓ ସନ୍ଥକବି ଭୀମ ଭୋଇଙ୍କ ଉପରେ ହିନ୍ଦୀରେ ୨ଟି କାଳଜୟୀ ଉପନ୍ୟାସ ମଧ୍ୟ ଲେଖିଛନ୍ତି।




## ଟ୍ରେଲର୍-ଟ୍ରକ୍ ମୁହାଁମୁହିଁ ଧକ୍କା; ୧ ଗୁରୁତର



ବଲାଙ୍ଗିର,୪।୧୧(ସମିସ): ବଲାଙ୍ଗିର ସହରରେ ପୁଣି ସଡ଼କ ଦୁର୍ଘଟଣା। ବାଇପାସ୍ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସହର ମଧଦେଇ ଭାରୀଯାନ ପ୍ରତିଦିନ ଯାତାୟାତ କରୁଛି। ଏହାକୁ ନେଇ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ ପୁଣି ଏକ ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ବଲାଙ୍ଗିର ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ବଡ଼ ଧରଣର ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ୨ଟାରେ ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଏକ ଟ୍ରଲର୍ ଓ ଟ୍ରକ୍ ମଧରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରେଲରର ସମ୍ମୁଖ ଭାଗ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଟ୍ରେଲର୍ ଚାଳକ ଗୁରୁତର ହୋଇଥିଲେ। ଟ୍ରକ୍ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ଚାଳକ ସୌଭାଗ୍ୟକ୍ରମେ ବର୍ତ୍ତିଯାଇଛନ୍ତି। ଟାଉନପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ହୀରାକୁଦ ଶିଶୁମନ୍ଦିରରେ ଅବସରକାଳୀନ ସମ୍ବର୍ଦ୍ଧନା



ହୀରାକୁଦ,୪।୧୧(ସମିସ): ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ରାଜେନ୍ଦ୍ର ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଶ୍ରୀନିବାସ ପଣ୍ଡା ଏବଂ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଯୋଗଦେଇ ଗୁରୁଜୀଙ୍କ ବିଦ୍ୟାଳୟ ଉପରେ ଅବଦାନକୁ ନେଇ ସ୍ମୃତିଚାରଣ କରିଥିଲେ। ଗୁରୁଜୀ ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମରେ ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ ନାୟକ ଉପସ୍ଥିତ ଥିବାବେଳେ ବହୁ ପୂର୍ବତନ ଗୁରୁଜୀ ମଧ୍ୟରୁ କଳମଛୁଇଁର ପ୍ରଧାନ ଆଚାର୍ଯ୍ୟ ଅନୀଲ ଦେହୁରୀ, ବରଗଡ଼ର ରଞ୍ଜନ ବିଶ୍ୱାଳ, ସେକ୍ଟର ୬ର ସୁରେନ୍ଦ୍ର ଶତପଥୀ, ସିଦ୍ଦେଶ୍ୱର ବେର୍ଣ୍ଣାର ଦିଲ୍ଲିପ ପାଢ଼ୀ, ରେଢ଼ାଖୋଲର ରାଜେନ୍ଦ୍ର ମଟାରୀ, ସଂଘର ସମ୍ବଲପୁର ବିଭାଗ ସହ ବୌଦ୍ଧିକ ପ୍ରମୁଖ ରାମକୃଷ୍ଣ ନାୟକ, ପୂର୍ବ ଗୁରୁଜୀ ଯୋଗୀନ୍ଦ୍ର ପ୍ରଧାନ, ପୂର୍ବଗୁରୁମା ସଂଯୁକ୍ତା ବଡ଼ପଣ୍ଡା ଯୋଗଦେଇ ଗୁରୁଜୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକଚୌଧୁରୀ ଗୁରୁଜୀଙ୍କ ଆଗାମୀ ଜୀବନର ଶୁଭ କାମନା ଜଣାଇ ଥିଲେ।

## ଚତୁର୍ଥ ରେଙ୍ଗାଲି ମହୋତ୍ସବ

# କଳା ଓ ସଂସ୍କୃତିକୁ ନେଇ ଦୁଲୁକିଲା ମଞ୍ଚ

ରେଢ଼ାଖୋଲ,୪।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ରେଙ୍ଗାଲି ଗ୍ରାମରେ ମଙ୍ଗଳବାର ୪ର୍ଥ ରେଙ୍ଗାଲି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବଣ ପାହାଡ଼ ଘେରା ଏହି ରେଙ୍ଗାଲି ମାଟି କଳା ଓ ସଂସ୍କୃତି ର ମାଟି, ଆଉ ଏହି ମାଟିରେ ଭରି ରହିଛି ସଂସ୍କୃତିର ସୁସ୍ୱାଦ। ଏହି ମାଟି ହେଉଛି ବିରପୁରୁଷଙ୍କ ମାଟି। ଏହି ମାଟିରେ ବିଭିନ୍ନ କଳାକାର ଜନ୍ମନେଇ ନିଖୁଣ କଳା ପ୍ରଦର୍ଶନୀ କରି ସାରା ଅଞ୍ଚଳରେ ପରିଚିତ ଏହି ରେଙ୍ଗାଲି ଗ୍ରାମର କଳାକାରମାନେ। ଏଠାରେ ପ୍ରତ୍ୟକବର୍ଷ ବିଭିନ୍ନ କଳାକୁ ନେଇ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସବୁବେଳେ କଳା ପ୍ରଦର୍ଶନ କରି ଲୋକଲୋଚନକୁ ଆଣିବାକୁ ସଦା ଚେଷ୍ଟିତ ଏହି ଅଞ୍ଚଳ ଏବଂ ସେହି କଳାକାରଙ୍କୁ ନେଇ ରେଙ୍ଗାଲି ମହୋତ୍ସବରେ ସମ୍ମାନିତ କରି କଳାକାରର ପରିଚୟ ଦେଇଥାଏ ରେଙ୍ଗାଲି ମହୋତ୍ସବ। ଏହି ପରିପ୍ରେକ୍ଷୀରେ ନେହେରୁ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ୪ର୍ଥ ରେଙ୍ଗାଲି ମହୋତ୍ସବରେ ଢୋଲ, ଲିସାନ, ତାସାର ତାଳେ ତାଳେ ବିଭିନ୍ନ କଳା ସଂସ୍କୃତିକୁ ନେଇ ଏହି ରେଙ୍ଗାଲି ମହୋତ୍ସବଟି ଅନୁଷ୍ଠିତ ହୋଇଥିଲା। ସଭାପତି ଜଞ୍ଜପ୍ରସାଦ ସାହୁ ଓ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଖୁଣ୍ଟୁଲିଙ୍କ ସହ ଉପସ୍ଥାପକ ତରୁଣ ନାଏକ ନେତୃତ୍ୱରେ କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଥିଲା। ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେଡି ସଭାପତି ଉଦିତ ନାରାୟଣ ତ୍ରିପାଠୀ, ରେଙ୍ଗାଲି ସରପଞ୍ଚ ସ୍ୱେରେନ୍ଦ୍ରି ଭୋଇ, ଅଧ୍ୟାପକ ଦେବେନ୍ଦ୍ର ପ୍ରଧାନ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ନିଟ୍ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ସାରଥୀ ପ୍ରଧାନ, ଅଧ୍ୟାପକ ଦେବେନ୍ଦ୍ର ପ୍ରଧାନଙ୍କ ସହ ଗଣମାଧ୍ୟମ ପ୍ରତିନିଧି ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରଭା ନାଚ, ଢ଼ୋଲ୍ ମହୁରୀ କଳା ପରିଷଦ ବଲାଙ୍ଗିର, ରଙ୍ଗବତୀ ନୃତ୍ୟ ଓ ସଙ୍ଗୀତ ଗ୍ରୁପ ବଳବସପୁର, ବିଦ୍ୟାଭାରତୀ ସମ୍ବଲପୁର, ମେଲୋଡି ଆଦି ସାଂସ୍କୃତିକ ଦଳ ସହ କଣ୍ଠଶିଳ୍ପୀ ଲିଲି ଭଉଣୀ, ମାଧବ ଭାଇଙ୍କ ସମ୍ବଲପୁରୀ ଗୀତ ଦର୍ଶକଙ୍କ ମନ ମୋହିଥିଲେ।



## ■ ମାନସିକ ଦିବ୍ୟାଙ୍ଗଙ୍କ ଅଭିନବ ପ୍ରୟାସ


# କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଡଙ୍ଗା ବିକ୍ରି

କୁଚିଣ୍ଡା,୪।୧୧(ସମିସ):ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କାହିଁ କେଉଁ କାଳରୁ ସାଧବ ପୁଅ ମାନଙ୍କ ବାଣିଜ୍ୟକୁ ମନେପକାଇବା ପାଇଁ କାର୍ତ୍ତିକ ସକାଳୁ ଡ଼ଙ୍ଗା ଭସାଣ କାର୍ଯ୍ୟକ୍ରମ ପ୍ରଚଳିତ ରହିଛି। ଏହି ପର୍ବକୁ ଓଡ଼ିଆମାନେ ବୋଇତ ବନ୍ଦାଣ ଭାବେ ହର୍ଷ ଉଲ୍ଲାସରେ ପାଳି ଆସୁଛନ୍ତି। ଏଥିପାଇଁ କୁଚିଣ୍ଡା ରେ ସୋଲ ,କାଗଜ ,କଦଳୀ ପୁଆ ଆଦିରେ ବିଭିନ୍ନ ରକମର ଡ଼ଙ୍ଗା ବିକ୍ରି ଚାଲିଛି। ଚଳିତ ବର୍ଷ ୧୦ରୁ ୧୫ ଡ଼ଙ୍ଗା ଦୋକାନ ରାସ୍ତା କଡ଼ରେ ଖୋଲା ଯାଇଛି। ଡଙ୍ଗା ୧୦ଟଙ୍କାରୁ ଆରମ୍ଭ କରି ୧୨ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଛି। ବିଶେଷ କରି ଅଞ୍ଚଳର ମାନସିକ ଦିବ୍ୟାଙ୍ଗ ଯୁବଗୋଷ୍ଠୀ ଡଙ୍ଗା ବିକି ବେଶ ଦୁଇ ପଇସା ଉପାର୍ଜନରେ ଲାଗି ପଡିଛନ୍ତି। ଲୋକେ ଏମାନଙ୍କ ଠାରୁ ଡ଼ଙ୍ଗା କିଣି ଏମାନଙ୍କୁ ଉତ୍ସାହିତ କରିବା ସହ ଅର୍ଥ ଉପାର୍ଜନର ପଥ ଦେଖାଉଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



କରୁଥିବା କାମକୁ ଭଲ ପାଇବା ହିଁ ସବୁଠାରୁ ଶ୍ରେଷ୍ଠ କାମ।
-ଷ୍ଟିଭ୍ ଜବ୍ସ

## ମୂଳରୁ ତଦନ୍ତ ହେଉ

ପୁଲିସ୍ ଏଏସ୍ଆଇ ଚାକିରି ବିକ୍ରି ଘଟଣାରେ ଇତିମଧ୍ୟରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତକାରୀ ଅଧିକାରୀମାନଙ୍କୁ ଆଂଶିକ ସଫଳତା ମିଳିଛି। ପ୍ରମୁଖ ଅଭିଯୁକ୍ତ ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟିଙ୍କୁ ପୂର୍ବରୁ ଉତ୍ତରାଖଣ୍ଡରୁ ଗିରଫ କରାଯାଇଥିବା ବେଳେ ତାଙ୍କ ବୟାନ ଆଧାରରେ ସିଲିକନ୍ ଟେକ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକଙ୍କୁ ଗିରଫ କରାଯାଇଛି। ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ, ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁରେଶଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପ୍ରଶ୍ନପତ୍ର ବିକ୍ରି ଓ ଅର୍ଥ ଆଦାୟ ଆଦି କାର୍ଯ୍ୟ ପାଇଁ ଶଙ୍କର ଦଲାଲ ସାଜିଥିଲେ। କିନ୍ତୁ ଏହି ସମ୍ପୂର୍ଣ୍ଣ ଘଟଣାରେ ଓଡ଼ିଶା ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ(ଓପିଆରବି) ର ଉତ୍ତରଦାୟିତ୍ୱ ନିର୍ବାହରେ ଯତ୍ନଶୀଳତା ପ୍ରଶ୍ନଘେରକୁ ଆସିଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ତଦନ୍ତର ସୂଚୀ ସେହି ଦିଗଟିକୁ ଏ ପର୍ଯ୍ୟନ୍ତ ଇଙ୍ଗିତ କରିପାରି ନଥିବା ଭଳି ଜଣାପଡୁଛି

ଇତିମଧ୍ୟରେ ଦୁର୍ନୀତିର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଦେବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ତଦନ୍ତରେ ବେଶ୍ ଅଗ୍ରଗତି କରିସାରିଥିଲେ ମଧ୍ୟ ସିବିଆଇ ତଦନ୍ତର ଆବଶ୍ୟକତା ନେଇ ପ୍ରଶ୍ନ ଉଠୁଛି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏଭଳି ବ୍ୟାପକ ଓ ଜଟିଳ ଦୁର୍ନୀତିର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ହିଁ ନିରପେକ୍ଷତା ସନ୍ଦେହର ଊର୍ଦ୍ଧ୍ୱକୁ ଯାଇପାରିବ। ତେଣୁ ଆସନ୍ନ ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ସରକାର ନିଜ ଭାବମୂର୍ତ୍ତି ଉଜ୍ଜ୍ୱଳ କରିବାକୁ ସିବିଆଇ ତଦନ୍ତ ଘୋଷଣା କରିଥାଇ ପାରନ୍ତି କିମ୍ବା ଏହି ଘୋଷଣା ପରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତ ତ୍ୱରାନ୍ୱିତ ହୋଇଥାଇପାରେ। କିନ୍ତୁ ସାମଗ୍ରିକ ଘଟଣାର ଏ ପର୍ଯ୍ୟନ୍ତ ଘଟିଥିବା ଅଗ୍ରଗତିରୁ କେତେକ ଦ୍ୱନ୍ଦ୍ୱ ରହିଯାଇଛି।

ପରୀକ୍ଷା ପରିଚାଳନାର ମୁଖ୍ୟ ଦାୟିତ୍ୱ ଥିଲା ଓପିଆରବି ଉପରେ। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଆନୁଷଙ୍ଗିକ ଦାୟିତ୍ୱ ଗୁଜରାଟ ସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇକୁ ଦିଆଗଲା। ଏଥିପାଇଁ ସରକାରଙ୍କ ଅନୁମତି ନିଆଯାଇଥିଲା ନା ବୋର୍ଡ କର୍ତ୍ତୃପକ୍ଷ ନିଜେ ଏହି ନିଷ୍ପତ୍ତି ନେଇଥିଲେ ତାହା ଏଯାଏଁ ସ୍ପଷ୍ଟ ହୋଇନି। ସେହିପରି ଆଇଟିଆଇ କାର୍ଯ୍ୟଭାର ହାଲ୍‌କା ପାଇଁ ଭୁବନେଶ୍ୱର ସ୍ଥିତ ସିଲିକନ୍ ଟେକ୍‌କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ସିଲିକନ୍ ପୁଣି ପଞ୍ଚସଫ୍ଟକୁ ଦାୟିତ୍ୱ ଦେଇଥିଲା। ଦ୍ୱିତୀୟ ପକ୍ଷ ଆଇଟିଆଇ ତା' ଦାୟିତ୍ୱ ତୃତୀୟ ପକ୍ଷ ସିଲିକନ୍ ଟେକ୍‌କୁ ହସ୍ତାନ୍ତର କରିବା ପୂର୍ବରୁ ପ୍ରଥମ ପକ୍ଷ ଓପିଆରବିର ଅନୁମତି ନେଇଥିଲା କି ନାହିଁ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ରାଜ୍ୟସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପରିଚାଳନା ଏଭଳି କଣ୍ଢେଇ ଭଳି ହାତକୁ ହାତ ହୋଇ ବିଭ୍ରାଟ ସୃଷ୍ଟି ହେବା ପଛରେ ପ୍ରଥମ ଓ ଦ୍ୱିତୀୟ ପକ୍ଷର କାର୍ଯ୍ୟାବଳୀ ସ୍ୱତଃ ସନ୍ଦେହଘେରକୁ ଆସିଯାଉଛି। ତଦନ୍ତ ଦାୟିତ୍ୱରେ ଥିବା ଅଭିଜ୍ଞ ଅଧିକାରୀମାନେ ଯେ ଏଥିପ୍ରତି ଅଜ୍ଞ ଥିବେ ସେହି ଅଭିଯୋଗ ନିରାଧାର। ଓପିଆରବି ଓ ଆଇଟିଆଇରେ କାର୍ଯ୍ୟରତ ଉଚ୍ଚ ପଦାଧିକାରୀଙ୍କୁ ପଚରାଉଚୁରା କରିବାକୁ ବୋଧହୁଏ ରାଜ୍ୟ ତଦନ୍ତକାରୀ ଅଧିକାରୀଙ୍କ ହାତ ପାଉ ନଥିବାରୁ ସିବିଆଇକୁ ତଦନ୍ତ ଭାର ଦିଆଯାଇଛି ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେବେ ସିବିଆଇ ତଦନ୍ତ ଦୁର୍ନୀତିର ମୂଳକୁ ଛୁଇଁବ ନା କ୍ରାଇମ୍‌ବ୍ରାଞ୍ଚ ଯେଉଁଠୁ ଛାଡ଼ିବ ସେଇଠାରୁ ଆରମ୍ଭ ହେବ ତାହା ଜାଣିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ●

## ପ୍ରବାସୀଙ୍କ ସୁରକ୍ଷା ଚିନ୍ତା

ଉତ୍ତର ଆଫ୍ରିକୀୟ ଦେଶ ସୁଦାନରେ ଶ୍ରମିକ ଭାବେ କାର୍ଯ୍ୟରତ ଓଡ଼ିଶାର ଆଦର୍ଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ବିଦ୍ରୋହୀମାନେ ଅପହରଣ କରି ନେଇଥିବା ଖବର ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଆଦର୍ଶଙ୍କୁ ଉଦ୍ଧାର ପାଇଁ ଭାରତ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଦର୍ଶଙ୍କ ଭଳି କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତରୀ ହେଉଥିବା ଲକ୍ଷଲକ୍ଷ ଶ୍ରମିକଙ୍କ ମଧ୍ୟରୁ ଅନେକେ ଏଭଳି ଅପହରଣ, ପଣବନ୍ଦୀ, ଗୋତିଶ୍ରମିକ ଭାବେ ନିର୍ଯାତିତ ହେଉଥିବା ବେଳେ ଅନେକଙ୍କୁ ହତ୍ୟା କରାଯାଉଛି। ପୁଣି ଆହୁରି ଅନେକ ବିଭିନ୍ନ ଅଭିଯୋଗରେ ଗିରଫ ହୋଇ ସେଠାକାର କାରାଗାରମାନଙ୍କରେ ବନ୍ଦୀ ଭାବେ ଜୀବନ କାଟୁଛନ୍ତି। ଅନେକଙ୍କୁ ମଧ୍ୟ କାମ ପରେ ଦରମା ମିଳୁ ନାହିଁ। ସେଥିମଧ୍ୟରୁ ଯେଉଁମାନଙ୍କ ସମ୍ପର୍କରେ ସୂଚନା ମିଳୁଛି ସେମାନଙ୍କ ପାଇଁ ସହାୟତାର ହାତଟିଏ ଦେଖାଯାଉଛି। ଆଉ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ପାଖରେ ସୂଚନା ଥିଲେ ମଧ୍ୟ ଉପଯୁକ୍ତ ଆଇନ ଅଭାବରୁ ନିରୂପାୟ ଓ ନିରବ ରହିବା ସାର ହେଉଛି।

ଏଭଳି ଘଟଣାରେ ଦୁଇଟି ପ୍ରସଙ୍ଗ ସାମ୍ନାକୁ ଆସୁଛି। ବିଶ୍ୱର ଚତୁର୍ଥ ଅର୍ଥନୀତିର ମାନ୍ୟତା ପାଇଥିବା ଏକ ରାଷ୍ଟ୍ରରେ ବେରୋଜଗାରୀ ସ୍ଥିତି ଏତେ ଉତ୍କଟ ଯେ ନିଜ ଭିଟାମାଟି, ସହର, ରାଜ୍ୟ ଛାଡ଼ି ଲୋକେ ଦେଶାନ୍ତର ହେଉଛନ୍ତି। ଏଥିରୁ ଆଉ ଏକ ପ୍ରମାଣ ସ୍ପଷ୍ଟ ହେଉଛି ଯେ ରୋଜଗାର କ୍ଷେତ୍ରରେ ଗୃହଯୁଦ୍ଧ ବିଧ୍ୱସ୍ତ ସୁଦାନ୍ ବରଂ ଭାରତଠାରୁ ଉତ୍କୃଷ୍ଟ ସ୍ତରରେ ରହିଛି। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଆମ ସରକାର ଏ ପର୍ଯ୍ୟନ୍ତ ଦେଶାନ୍ତରୀ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସେଭଳି କିଛି ପ୍ରଭାବଶାଳୀ ପଦକ୍ଷେପ ନେଇପାରିନାହାନ୍ତି। ବେସରକାରୀ ସୂଚନା ଅନୁଯାୟୀ ପ୍ରାୟ ଦୁଇଶହ ଦେଶରେ ୧ କୋଟି ୭୦ ଲକ୍ଷ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସଂସଦୀୟ ସୂଚନା ଅନୁଯାୟୀ ଗତ ତିନିବର୍ଷ ଭିତରେ ୧୨ ଲକ୍ଷ ଭାରତୀୟ ଶ୍ରମିକ କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତର ହୋଇଛନ୍ତି।

ଦେଶାନ୍ତରୀ ଭାରତୀୟଙ୍କ ସୁରକ୍ଷା ପାଇଁ ଆମ ଦେଶରେ ପ୍ରଚଳିତ ଆଇନ୍‌ଟି ପ୍ରାୟ ୪୦ ବର୍ଷ ପୁରୁଣା। ଏହାକୁ ସମୟୋପଯୋଗୀ କରିବା ପାଇଁ ୨୦୧୯ ଓ ୨୦୨୧ରେ ପ୍ରୟାସ ହୋଇଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସୁଖର କଥା ନିକଟରେ କେନ୍ଦ୍ର ସରକାର ଏ ସମ୍ପର୍କିତ ନୂଆ ଚିଠା ବିଧେୟକଟିଏ ପ୍ରସ୍ତୁତ କରି ଜନମତ ଲୋଡ଼ିଛନ୍ତି। ଓଭରସିଜ୍ ମୋବିଲିଟି(ଫାସିଲିଟେସନ୍ ଆଣ୍ଡ ୱେଲ୍‌ଫେୟାର) ବିଲ୍ ୨୦୨୫ ନାମରେ ଆଗତ ଏହି ଚିଠା ବିଧେୟକରେ ଥିବା ପ୍ରସ୍ତାବରେ ଶ୍ରମିକଙ୍କ ସୁରକ୍ଷାରେ ଆନ୍ତରିକତା ତୁଳନାରେ ଅମଲାତାନ୍ତ୍ରିକ ଉଦାସୀନତା ଅଧିକ ଥିବା ଅଭିଯୋଗ ହୋଇଛି। 'କାମ'ର ସଜ୍ଞା ନିରୂପଣ ହୋଇନଥିବା ବେଳେ ଅଭିଯୋଗ ଆସୁଥିବା ଦେଶ ସହିତ କିଭଳି ଆଲୋଚନା କରି ସମସ୍ୟା ସମାଧାନ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ପ୍ରବାସୀ ଶିଶୁ ଓ ମହିଳା ଶ୍ରମିକଙ୍କ ସୁରକ୍ଷା କିମ୍ବା ପ୍ରବାସୀ ଶ୍ରମିଙ୍କ ଆର୍ଥିକ ନିରାପତ୍ତା ପାଇଁ ପାଣ୍ଠି ଗଠନ ସମ୍ପର୍କରେ ପ୍ରସ୍ତାବ ନାହିଁ। ତେଣୁ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ନିରାପତ୍ତା ପାଇଁ ଏହି ବିଧେୟକ ଆଇନରେ ପରିଣତ ହେବା ପୂର୍ବରୁ ସଂସଦରେ ବ୍ୟାପକ ଆଲୋଚନା ହେବା ଆବଶ୍ୟକ। ଏଥିସହିତ ଆନ୍ତର୍ଜାତିକ ଶ୍ରମ ସଂଗଠନର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଧାରା ମାନ ସାମିଲ୍ କରାଗଲେ ପ୍ରସ୍ତାବିତ ଆଇନଟି ପ୍ରଭାବଶାଳୀ ଓ ଉପଯୋଗୀ ହୋଇପାରିବ। ●

# ଗରିବ ସଂଜ୍ଞା ଓ ନୀତି ନିର୍ଦ୍ଧାରଣ

ପ୍ରତାପ ଚନ୍ଦ୍ର ସାମଲ

ଭାରତର ଆନୁମାନିକ ଜନସଂଖ୍ୟା ଗତ ଅକ୍ଟୋବର ସୁଦ୍ଧା ୧୪୬ କୋଟିରୁ ସାମାନ୍ୟ ଅଧିକ ଥିଲା ବେଳେ ସେମାନଙ୍କ ମଧ୍ୟରୁ ଶତକଡ଼ା ୬.୭ ଭାଗ ଲୋକ ଗରିବ। ଆନ୍ତର୍ଜାତିକ ମାନଦଣ୍ଡକୁ ବିଚାରକୁ ନେଲେ ଭାରତରେ ପ୍ରାୟ ୮ କୋଟି ଲୋକ ଗରିବ ଥିବା ବେଳେ ବିଶ୍ୱରେ ସେହି ସଂଖ୍ୟା ୩୪୪ କୋଟି। ପ୍ରକୃତରେ ମୌଳିକ ଆବଶ୍ୟକତାର କୌଣସି ସୀମା ନାହିଁ। ବର୍ତ୍ତମାନ ସରକାର ଦାରିଦ୍ର୍ୟ ଦୂରୀକରଣ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରୁଥିଲା ବେଳେ ଅନ୍ୟପକ୍ଷରେ ବହୁଲୋକ ଏହା ଫଳରେ ସେମାନଙ୍କର କାର୍ଯ୍ୟ ଦକ୍ଷତା ହରାଉଛନ୍ତି।

ଦାରିଦ୍ର୍ୟ ସୀମାରେଖାକୁ ନେଇ ବହୁତ ବିତର୍କ ସୃଷ୍ଟି ହୋଇଛି। କେତେବେଳେ ପାରିବାରିକ ଖର୍ଚ୍ଚକୁ ନେଇ ସୀମାରେଖା ନିର୍ଦ୍ଧାରିତ ହୋଇଥିଲା ବେଳେ ଆଉ କେତେବେଳେ ଦୈନିକ ଗ୍ରହଣ କରୁଥିବା ଖାଦ୍ୟର କ୍ୟାଲୋରୀକୁ ନେଇ ସୀମାରେଖା ନିର୍ଦ୍ଧାରଣ ଆଖି ଆଗରେ ରଖି ପୁନଃ ଉପସ୍ଥାପିତ ହେଉଛି। ସରକାରଙ୍କ ରିହାତି ଚାଉଳ ଓ ମନରେଗା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏହା ଦାରିଦ୍ର୍ୟ ହଟାଇବାରେ ସମର୍ଥ ହୋଇପାରି ନାହିଁ। ଯାହା ଦୂର ହେଉଛି ତା'ର ପ୍ରତିଶତ ଖୁବ୍ କମ୍। ତେଣୁ ଯେତେ ଯାହା ଯୋଜନା ହେଉ ପଛେ ଯେଉଁ ପର୍ଯ୍ୟନ୍ତ ଯୋଜନା ଅର୍ଥର ସଠିକ୍ ବିନିଯୋଗ ହୋଇପାରିନାହିଁ ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ନୁହେଁ। ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ସମୟରେ ଏହା ଉପରେ ବ୍ୟାପକ ତର୍ଜମା ହେବା ଆବଶ୍ୟକ ବୋଲି ପ୍ରାକ୍ତନ ଓଡ଼ିଶା ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଏକଦା ମତ ଦେଇଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ରଙ୍କ ମତରେ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ସମୟରେ ଯେଉଁ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି ତାହା କେତେ ଯୁକ୍ତିଯୁକ୍ତ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କୃଷି ସହିତ ଶିଳ୍ପ ଭିତ୍ତିଭୂମିର ବିକାଶ କରି ପୃଥିବୀର ଅଧିକାଂଶ ରାଷ୍ଟ୍ର ଦାରିଦ୍ର୍ୟ ଦୂରୀକରଣ କରିବାରେ ସମର୍ଥ ହୋଇଥିଲା ବେଳେ ଏହି ପନ୍ଥାକୁ ଆମ ଦେଶ ଆପଣେଇବା ଜରୁରୀ ହୋଇପଡ଼ିଛି। ସମ୍ପ୍ରତି ଭାରତରେ ବଳଦ ଅଭାବରୁ ଛୋଟ ଜମି ଚାଷ ହୋଇପାରୁନାହିଁ କି ଜମିରେ ଗୋବର ଖତ ବ୍ୟବହାର ହୋଇପାରୁ ନାହିଁ। ଯେଉଁ କୃଷି ଶ୍ରମିକମାନେ ମୂଳ ଉପରେ ନିର୍ଭର କରି ଚଳୁଥିଲେ ସେମାନେ ପର୍ଯ୍ୟାପ୍ତ କାମ ନପାଇ ବାହାର ରାଜ୍ୟରେ ଅନ୍ୟ କାର୍ଯ୍ୟକୁ ଆଦରି ନେଉଛନ୍ତି। ନିରନ୍ତର ବିକାଶରେ କୃଷି ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏଥିଲାଗି ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ସୁବିଧା ସୁଯୋଗ ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷି ସହିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଥିବା ବେଳେ ଶିଳ୍ପ ପାଇଁ ଯେପରି କୃଷି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଲୋକମାନଙ୍କର ମାନସିକତାର ପରିବର୍ତ୍ତନ ହୋଇ ନପାରିଲେ ବିଭାଗର ଅଗ୍ରଗତି ହୋଇପାରିବ ନାହିଁ। ବ୍ରିଟିଶ ଶାସନ ସମୟରେ ଖାଦ୍ୟ ଅଭାବ ଓ ଖରାପ ପ୍ରଶାସନିକ ବ୍ୟବସ୍ଥା ପାଇଁ ୧୯୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା। ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରି ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ସମ୍ବଳର ଆବଶ୍ୟକତା ଥିଲା ବେଳେ ଏହାର ସଠିକ୍ ବିନିଯୋଗ ଜରୁରୀ। ଯୋଜନା ପାଇଁ ଆସୁଥିବା ଅର୍ଥକୁ ଉତ୍ପାଦନଭିତ୍ତିକ ବାଟରେ ଖର୍ଚ୍ଚ କରାଗଲେ ବରଂ ସମସ୍ୟାର ସମାଧାନ ହୋଇପାରିବ। ଅନେକ ଦରିଦ୍ର ଲୋକଙ୍କ ପାଖରେ ଦୃଢ଼ ମନୋବଳ ଏବଂ ସାମାଜିକ ବଳ ଥିବା ବେଳେ ଏହାକୁ ବିନିଯୋଗ କରିବା ଆବଶ୍ୟକତା ରହିଛି।

ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ଅର୍ଥନୀତି ବିଶାରଦ ପ୍ରଫେସର ମହମ୍ମଦ ୟୁନୁସଙ୍କର ଦାରିଦ୍ର୍ୟ ଦୂରୀକରଣ ଉପରେ ଗବେଷଣା ଶୀର୍ଷକ ଏକ ସନ୍ଦର୍ଭରେ ପ୍ରକାଶ କରିଛନ୍ତି ଯେ ଦାରିଦ୍ର୍ୟର ସଂଜ୍ଞା ନିରୂପଣ ପାଇଁ ଏକ ବଖରା ଆଜବେଷ୍ଟସ ପକ୍କା ଘରର ଆବଶ୍ୟକ। ଦୁଇ ଓଳି ଖାଇବା ପାଇଁ ଖାଦ୍ୟର ଆବଶ୍ୟକତା। ଯାତାୟତ ପାଇଁ ଏକ ସାଇକେଲ ଏବଂ ବର୍ଷକୁ ୪ ଗୋଟି ଲୁଗାର ଆବଶ୍ୟକତା ଅଛି। ଏକ ଏକର ଚାଷଜମି ଥିବା ଆବଶ୍ୟକ। ଏହାଠାରୁ କମ୍ ହେଉଥିଲେ ଆମେ ଗରିବ ବୋଲି ପରିଗଣିତ କରିବା ଉଚିତ୍। ମାତ୍ର ଆମ ଦେଶରେ ଏହାର ବିଡ଼ମ୍ବନା। ୫ ଏକର ଚାଷଜମି ଥାଇ ମଧ୍ୟ ଜଣେ ଦାରିଦ୍ର୍ୟ ସୀମାରେଖା ତଳେ ରହି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସରକାରୀ ସାହାଯ୍ୟ ପାଇଁ ଆଗଭର। ଭୋଟ ଆପଣେଇବା ପାଇଁ କିଛି ରାଜନୈତିକ ଦଳ ଏସବୁ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ପଛାଉନାହାନ୍ତି। ୨୦୦୦ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ଶାସନ ଦାୟିତ୍ୱରେ ଥିବା ବିଜେଡି ଗରିବଙ୍କ ହିତ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ଗରିବ ଅଭିମୁଖି ବିକାଶ କାର୍ଯ୍ୟକ୍ରମ ପାଇଁ ବଜେଟ୍‌ରେ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରିଛନ୍ତି।

ପ୍ରଫେସର ୟୁନୁସ୍‌ଙ୍କ ମତରେ ପ୍ରତିବର୍ଷ ଗ୍ରାମୀଣ ବ୍ୟାଙ୍କ୍ ତାହାର ପ୍ରାରମ୍ଭିକ ଋଣ ସଦସ୍ୟଙ୍କ ସାମାଜିକ, ଅର୍ଥନୈତିକ ଅବସ୍ଥାର ଅଭିବୃଦ୍ଧି ଘଟିଛି କି ନାହିଁ ସମୀକ୍ଷା କରି କାର୍ଯ୍ୟର ମୂଲ୍ୟାଙ୍କନ କରିଥାଏ। ଏହି ଦାରିଦ୍ର୍ୟ ପରିମାପକ ମୂଲ୍ୟାୟନ ନିମନ୍ତେ ଗ୍ରାମୀଣ ବ୍ୟାଙ୍କ୍ ଋଣୀ / ଗ୍ରାହକଙ୍କର ନିମ୍ନଲିଖିତ ୧୦ ଗୋଟି ନିର୍ଣ୍ଣାୟକ ମଧ୍ୟରୁ କିଛି ପୂରଣ କରିଥାଏ।

୧-ଯଦି ଗୋଟିଏ ପରିବାର ବାସ କରୁଥିବା ଗୃହର ସର୍ବନିମ୍ନ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଥାଏ କିମ୍ବା ଅନ୍ୟୂନ ଘରର ଛାତ ଟିଣ ନିର୍ମିତ ହୋଇଥାଏ ଅଥବା ପରିବାରର ପ୍ରତିଟି ସଦସ୍ୟ ଚଟାଣରେ ନ ଶୋଇ ଖଟ ଏବଂ ବିଛଣା ବ୍ୟବହାର କରୁଥିବେ। ୨-ପରିବାରର ସଦସ୍ୟ ନଳକୂପର ସ୍ୱଚ୍ଛଜଳ, ଫୁଟାଜଳ ଅଥବା ଫିଟିକିରି ବ୍ୟବହୃତ କ୍ଷାର ରହିତ ଜଳ କିମ୍ବା ବିଶୁଦ୍ଧ ବଟିକା ବ୍ୟବହୃତ ମାଟି ଫିଲ୍‌ଟର ଜଳ ପିଇବା ପାଇଁ ବ୍ୟବହାର କରୁଥିବେ। ୩-ପରିବାର ଭୁକ୍ତ ଥିବା ୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଟି ପିଲା ପାଠ ପଢ଼ିବା ପାଇଁ ସ୍କୁଲ୍ ଯାଉଥିବେ; ଅଥବା ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିବେ। ୪-ପରିବାରଭୁକ୍ତ ଋଣୀର କ୍ଷମତା ସାପ୍ତାହିକ କିସ୍ତିଦେୟ ସର୍ବନିମ୍ନ ୨୦୦୦ ଟଙ୍କା ହୋଇଥିବ। ୫- ପରିବାର ବିଶୋଧିତ ଶୌଚାଳୟ ବ୍ୟବହାର କରୁଥିବେ। ୬- ପରିବାରଭୁକ୍ତ ପ୍ରତି ସଦସ୍ୟଙ୍କ ଦୈନନ୍ଦିନ ବ୍ୟବହାର୍ଯ୍ୟ ପୋଷାକ ଏବଂ ଶୀତଦିନ ପାଇଁ ଗରମ ପୋଷାକ ଯଥା- ଶାଲ୍, ସ୍ୱେଟର, କମ୍ବଳ ଇତ୍ୟାଦି ବ୍ୟବହାର କରୁଥିବେ। ୭- ପରିବାରର ଅଧିକ ଉପାର୍ଜନ ପାଇଁ ଭିନ୍ନ ପନ୍ଥା ଯେପରିକି ପନିପରିବା ଓ ଫଳଗଛ ପ୍ରଭୃତି ଚାଷ କରୁଥିବେ ଏବଂ ପରିବାର ଅଧିକ ଅର୍ଥର ଆବଶ୍ୟକତାକୁ ମେଣ୍ଟାଇ ପାରୁଥିବ। ୮-ଋଣୀ ସଦସ୍ୟ ବାର୍ଷିକ ହାରାହାରି ୧୨ ହଜାର ଟଙ୍କା ନିଜର ସଂଚୟ ଖାତାରେ ଜମା ରଖିପାରୁଥିବେ। ୯-ପରିବାରର ସଦସ୍ୟ ବର୍ଷସାରା ତିନି ଓଳି ଖାଇବାର କୌଣସି ଅସୁବିଧାର ସମ୍ମୁଖୀନ ହେଉ ନଥିବ କିମ୍ବା କୌଣସି ଦିନ ଭୋକିଲା ରହୁ ନଥିବେ। ୧୦- ପରିବାର ସଦସ୍ୟ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିପାରୁଥିବେ।

ଏହି ୧୦ ଗୋଟି ମାନଦଣ୍ଡକୁ ଆଧାର କରି ଗରିବ ସଂଜ୍ଞା ନିରୂପଣ କରାଯାଇପାରିବ। ମାତ୍ର ଆମ୍ଭେମାନେ ଭୋଟ ସର୍ବସ୍ୱ ରାଜନୀତି ଭିତରେ ସ୍ୱାର୍ଥ ହାସଲ କରିବା ପାଇଁ ଧନୀ କେତେବେଳେ ଗରିବ ହୋଇଯାଏ ତ ଗରିବ କେତେବେଳେ ଧନୀ ହୋଇଯାଏ। ଏକଦା ବାଂଲାଦେଶର ଶରଣାର୍ଥୀମାନଙ୍କୁ ଓଡ଼ିଶାର ମାଲକାନାଗିରି, ନବରଙ୍ଗପୁର, ଉମରକୋଟ, କେନ୍ଦ୍ରାପଡ଼ା ଓ କୋରାପୁଟ ଇତ୍ୟାଦି ସ୍ଥାନମାନଙ୍କରେ ଆଶ୍ରୟ ଦିଆଯାଇଥିଲା। ମାତ୍ର ସେମାନେ ଆଜି ବ୍ୟବହାର ହେଉନଥିବା ଚାଷଜମିକୁ ଉପଯୁକ୍ତ ଭାବେ ଚାଷ କରି ଆର୍ଥିକ ମାନଦଣ୍ଡ ବଢ଼ାଉଥିବା ବେଳେ ଆଉ କେତେକ ବିକାଶ ବାଟ ନ ପାଇ ବିନାଶ ପାଇଁ ଗଞ୍ଜେଇ ଚାଷ କରି କୋଟି କୋଟି ଟଙ୍କା ରୋଜଗାର କରି ସମାଜକୁ ନିଶାସକ୍ତ କରୁଛନ୍ତି। ଏଥିପ୍ରତି ସରକାର ଉପଯୁକ୍ତ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ଦେଖାଦେଇଛି। ଯେଉଁ ପର୍ଯ୍ୟନ୍ତ ଦାରିଦ୍ର୍ୟ କ'ଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କ'ଣ ଆବଶ୍ୟକ କରନ୍ତି ସେ କଥା ସ୍ପଷ୍ଟ ନହୋଇଛି ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ କଥା ଚିନ୍ତା କରାଯାଇ ନପାରେ। ଯେଉଁଦିନ ଗରିବର ସଂଜ୍ଞା ନିରୂପଣ କରାଯାଇପାରିବ ସେଦିନ ସମାଜରୁ ଗରିବ ଶବ୍ଦ ଲୋପ ପାଇବ। ଏହା ଉପରେ ଗବେଷଣାର ଆବଶ୍ୟକତା ନିହାତି ଜରୁରୀ ବୋଲି ମନେହୁଏ। ●

(ବରିଷ୍ଠ ସମବାୟବିତ୍)
କଟକ, ମୋ.: ୯୦୯୦୩୨୫୮୦୨

# ବାଲିଯାତ୍ରା ଅନୁଚିନ୍ତା

ବିରଜା ରାଉତରାୟ

ଓଡ଼ିଆ ଜନମାନସକୁ କାର୍ତ୍ତିକ ମାସଟି ଏକ ପବିତ୍ର ଆଧ୍ୟାତ୍ମିକ ମୁଖର ମାସ ରୂପେ ଅନେକ ଦିଗରୁ ସୁଦୀର୍ଘକାଳ ଧରି ପ୍ରଭାବିତ କରି ଆସୁଛି। ଏପରିକି ଧର୍ମମାସ ରୂପେ ବିଦିତ ହେଉଥିବା ଏହି ମାସର ଗୁରୁତ୍ୱ ଓ ଶ୍ରୀବୃଦ୍ଧି ନିମନ୍ତେ 'କାର୍ତ୍ତିକ ମାହାତ୍ମ୍ୟ' ପରି ଏକ ପୁସ୍ତିକା ଶ୍ରୁତିପ୍ରିୟ ନବାକ୍ଷରୀ ବୃତ୍ତରେ ମଧ୍ୟ ରଚିତ ହୋଇଛି। ଦେବଦେବୀଙ୍କ ଈଶ୍ୱରୀୟ ଗୁଣଗାନ, ଜନ୍ମବୃତ୍ତାନ୍ତ, ପରଲୋକରେ ବୈକୁଣ୍ଠପ୍ରାପ୍ତି ଓ ଅନ୍ୟାନ୍ୟ ଅଲୌକିକତାରେ ମହିମାମଣ୍ଡିତ ଏହି ସଂକ୍ଷିପ୍ତ ସମୟଖଣ୍ଡ ମଧ୍ୟ ଐତିହାସିକ ଓ ଲୋକଗାଥା ଦୃଷ୍ଟିରୁ ସ୍ମରଣୀୟ। କାରଣ ଏହି ମାସ ସହ ଯୋଡ଼ିହୋଇ ରହିଛି ଗୋଟିଏ ଦରିଆପାରି ଜାତିର 'ଆ-କା-ମା-ବୈ'ର ଏକ ପ୍ରଶସ୍ତ ଛାତି। ଏକ ଦିଗନ୍ତ ପ୍ରସାରୀ ଡାକ। ସାଗର ବକ୍ଷର ଅଶାନ୍ତ ଢେଉର ଚୂଡ଼ାରେ ପୋତ ମେଲି ଦିଗବିଜୟୀ ପରି ଆଗୁସାର ହେବାର ଆହ୍ଲାଦ।

ଶ୍ରେଷ୍ଠମାସ ରୂପେ ବିବେଚିତ ଏହି ଅବଧି ଖଣ୍ଡର ପରିସମାପ୍ତି ଘଟିଥାଏ କାର୍ତ୍ତିକ ପୂର୍ଣ୍ଣମୀରେ। ଉଚ୍ଛ୍ୱାସ, ଆଲୋକ ଓ ବିଶ୍ୱାସର ତ୍ରିବେଣୀ ଏହି ଦିବସ। ଏକଦା ଓଡ଼ିଆ ସାଧବ ପୁଅକୁ ବନ୍ଦାପନା କରି ନୌଯାତ୍ରାର ଶୁଭାରମ୍ଭରେ ପ୍ରକମ୍ପିତ ହୋଇ ଉଠୁଥିଲା ପ୍ରାଚୀନ ଓଡ଼ିଶାର ସୁନାବ୍ୟା ନଦୀ ଓ ସାଗରଭିତ୍ତିକ ବନ୍ଦରସବୁ। ଏ ଜାତିର ସ୍ମୃତିର ଲଲାଟରେ ଆଜି ମଧ୍ୟ ସମୁଜ୍ଜ୍ୱଳ ତା'ର ଅବଶେଷ। ସମ୍ପ୍ରତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟ ସଂସ୍କୃତିର ଏକ ପ୍ରତୀକାତ୍ମକ ମହୋତ୍ସବ। ମୁକ୍ତାକାଶ ବାଣିଜ୍ୟ ହାଟର ଏକ ଲୋଭନୀୟ ପସରା। କ୍ରମଶଃ ଏହି ବାଲିଯାତ୍ରା ଉତ୍ସବ ତା'ର ଥାଟବାଟ ପ୍ରସାର କରି ଆହୁରି ଜାକଜମକର ସହ ଉଭା ହେଲାଣି। ବ୍ୟବସାୟ କଳେବରର ଅଭିବୃଦ୍ଧି ସାଙ୍ଗକୁ ମନୋରଞ୍ଜନ ଓ ସାଂସ୍କୃତିକ ବିଚିତ୍ରା ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି।

ଏହାକୁ ଦେଖି ମୋର ମନରେ ଏକ ଅଦ୍ଭୁତ କଳ୍ପନା ଜନ୍ମ ନେଉଛି। ତାହା ହେଉଛି, ଯଦି ଏହି ମୁହୂର୍ତ୍ତରେ ଆମେ ଆମର ପିଛିଲା ଅତୀତର ସଂସ୍କୃତିକୁ ପୂରା ବିସ୍ମରି ଦେବା ଏବଂ ଏକ କୌତୁହଳୀ ଅନୁସନ୍ଧିତ୍ସାରେ ଏହି ଯାତ୍ରାକୁ ଅବଲୋକନ କରିବା, ମନେହେବ ଯେପରି ଏ ରାଜ୍ୟର ଅତୀତଟା ସୁବର୍ଣ୍ଣ ପରି ଝଟକୁ ଥିଲା। ଅଙ୍ଗ, ବଙ୍ଗ, କଳିଙ୍ଗରେ ଦାରିଦ୍ର୍ୟର ଚିହ୍ନବର୍ଣ୍ଣ ସୁଦ୍ଧା ନ ଥିଲା। ସାଧବ ସଂସ୍କୃତିର ମଜବୁତ୍ ଅର୍ଥନୀତି ଉପରେ ପୁରୁଣା ଓଡ଼ିଶାର ମୁଣ୍ଡପିଛା ଆୟ ଓ ମାନବ ବିକାଶ ସୂଚକାଙ୍କଠାରୁ ସାମଗ୍ରିକ ଘରୋଇ ଉତ୍ପାଦ ଆଦି ସେତେବେଳର ଅଲିଖିତ ଅର୍ଥନୀତିର ସୁଉଚ୍ଚ ସୋପାନ ମଣ୍ଡନ କରୁଥିଲା ପରି ଲାଗୁଥିବ। ବାସ୍ତବତାଠାରୁ ଆମର ବାଲିଯାତ୍ରାକୁ ନେଇଥିବା କଳ୍ପନାବିଳାସ ଆଶାତୀତ ଭାବେ ଅନେକ ଗୁଣ ବଡ଼। ସେଥିରେ ପ୍ରତିବର୍ଷ ବାଲିଯାତ୍ରା ଅବସରରେ ଗବେଷକ ଓ ବକ୍ତାମାନଙ୍କ ଅତୀତର ଏଇ ନୌବାଣିଜ୍ୟ ସଂସ୍କୃତିକୁ ନେଇ କବିତା ପରି ଭାବପ୍ରବଣତା ଓଡ଼ିଆ ଜାତିକୁ ଆସନ୍ତାକାଲି ପାଇଁ ସଂକଳ୍ପ ନେବା ବଦଳରେ ଅତୀତକୁ ନେଇ ବେଶି ଭାଳିହେବା ଶିଖାଏ।

ନଦୀନାଳ ଓ ସାଗର ସମୁଦ୍ର ପରିବେଷ୍ଟିତ ଏହି ଭୂଖଣ୍ଡରେ ଜଳପଥ ଏକଦା ଯୋଗାଯୋଗର ପ୍ରମୁଖ ମାଧ୍ୟମ ହୋଇ ରହିଥିଲା, ଯାହା ସମ୍ପ୍ରତି ଏକ ରୂପକଥାର ଚିତ୍ର ପାଲଟି ସାରିଛି। ନୌବାଣିଜ୍ୟ ସଂସ୍କୃତି ସହ ଜଡ଼ିତ ଥିବା ସାଧବପୁଅମାନଙ୍କୁ ଏବେ କେବଳ ସେହି ସାଂକେତିକ ଭାବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ନାଲିନେଳୀ ସୁନେଲି ଜରିଲଗା ଚିତ୍ରିତ ଡଙ୍ଗାରେ ମୁକୁଟ ନାଇ ଚଢ଼ିବା ଦେଖୁ। ସେମିତି ମଧ୍ୟ ଦେଖୁ ବେଶଭୂଷାରେ ସଜ୍ଜିତ ଓଡ଼ିଆ ସାଧବାଣୀଙ୍କ ପ୍ରତୀକାତ୍ମକ ବନ୍ଦାପନା। ଏହି ଦୃଶ୍ୟଚିତ୍ର ନିଃସନ୍ଦେହରେ ବୋଇତ ବଣିଜ ଯୁଗର ଏକ ମଧୁର ଉଚ୍ଛ୍ୱସିତ ଝଲକକୁ ଆମ ଆଖି ପରଦାରେ ରୂପାୟିତ କରିଥାଏ। କିନ୍ତୁ ଏସବୁ ଆମ ଭିତରେ ଉଦ୍ୟୋଗପଣର ଯେମିତି ବଳ ଭରିବା କଥା, ସେପରି ଭରିପାରେ କି? ତାହା ସୁଧୀଜନେ ବିଚାର କରିବେ।

ଅତୀତାବଲୋକନ ବା ଜାତିର ଇତିହାସ ଦର୍ପଣ ପରି ଯେଉଁ ପ୍ରତିବିମ୍ବଟିଏ ବିକିରଣ କରିଥାଏ, ସେହି ଆଲୁଅ ଅଗ୍ରଗାମୀ ହେବା ପାଇଁ ଉତ୍‌ପ୍ରେରିତ କରିଥାଏ। କୌଣସି ଆବରଣ ନ ରଖି ମୁକ୍ତ ଭାବରେ କହିଲେ ଅତୀତକୁ ପଢ଼ି, ହେଜି, ଅନୁଭବୀ ଆଗାମୀ ଦିନ ପାଇଁ ଗୋଟେ ସଂକଳ୍ପମୟ ଦୃଢ଼ ଅନୁରାଗରେ ନୂଆ ସମୟର ଉଦିତ ଦିଗ୍‌ବଳୟକୁ ଚାହିଁବାରେ ଥାଏ ଯଥାର୍ଥତା। ତାହା ହିଁ ହୁଅନ୍ତା, ବୋଇତ ବନ୍ଦାଣ ଓ ବାଲିଯାତ୍ରାର ନେପଥ୍ୟ ଆତ୍ମସମୀକ୍ଷା।

କେବଳ ଆନୁଷ୍ଠାନିକତା, କୋଳାହଳମୟ ଉତ୍ସବ, ରଙ୍ଗବେରଙ୍ଗୀ ପସରାର ସମ୍ମୋହନ ଆଉ ଢେର୍ ରାତିଯାଏଁ ଅସଂଖ୍ୟ ପାଦଚିହ୍ନଭରା ଭିଡ଼ର ପରଦିନ ବାଲିଯାତ୍ରା ପଡ଼ିଆର ଅସ୍ତବ୍ୟସ୍ତ ନିର୍ଯାସକୁ ଭୋର ସକାଳ ସୂର୍ଯ୍ୟକିରଣର ଉପହାସ ପରି। ସେହିପରି ଝଲମଲ ରାତିର ଦିନ କେତେର ଉତ୍ସବ ପରି ଆମ ସ୍ୱପ୍ନ ମିଳାଇ ନ ଯାଉ। ପ୍ରତି ଓଡ଼ିଆ ତା' ଅନ୍ତରର ଗଭୀରତମ ପ୍ରଦେଶରେ ସେଇ ଦୁଃସାହସୀ ପାରିବାପଣର ବୀଜକୁ ବପନ କରୁ। ହୁଏତ ତାହା ହିଁ ଆମ ଭିତରେ ଆକାଶଦୀପର ଆଲୋକ ପରି ଅତୀତର ଏହି ଦୁର୍ଦ୍ଧର୍ଷ ଦରିଆପାରି ସଂସ୍କୃତିକୁ ଉଜ୍ଜୀବିତ କରି ରଖିପାରିବ।

ଉତ୍ସବ ରହୁ, କିନ୍ତୁ ତାହା ଭାବାତିଶଯ୍ୟର ମନୋହାରୀ ବିପଣୀରେ କେବଳ ଅଟକି ନ ଯାଉ। ଆମକୁ ପଶ୍ଚାତାବଲୋକନର ଆତ୍ମଗୌରବମୟ ସୁମରଣ ସହ ଆସନ୍ତାକାଲି ପାଇଁ ବାଟ ଚାଲିବାର ପୁରୋଦୃଷ୍ଟି ମଧ୍ୟ ଦେଉ। ଏକଦା 'କଳିଙ୍ଗାଃ ସାହାସିକାଃ' ବୋଲି ଆପ୍ତବାକ୍ୟର ପ୍ରକୃତ ଯଥାର୍ଥତା ଓ ହୃଦବୋଧ ହୋଇପାରନ୍ତା, ଯଦି ଆମର ଏଇ ସ୍ମରଣୀୟ ବର୍ଣ୍ଣିଳ ଅତୀତ ଭବିଷ୍ୟତକୁ ନେଇ ନୂଆ ପିଢ଼ି ମଧ୍ୟରେ ସ୍ୱପ୍ନ ଦେଖାନ୍ତା! 'ଉତ୍ତିଷ୍ଠତଃ... ଜାଗ୍ରତଃ'ର ମହାମନ୍ତ୍ର ଓଡ଼ିଆ ଜୀବନବୋଧର ଏକ ଆତ୍ମିକ ଅଂଶ ପାଲଟି ଯାଆନ୍ତା! ●

ମାଧପୁର(କେନ୍ଦ୍ରାପଡ଼ା),
ମୋ: ୯୭୫୮୮୧୦୨୪୪

# ବାଉଳି ମଠ ଓ ଦେଢ଼ଶୁର ଭାଇବୋହୂ କୂଅ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ନିରାକାର ଏକେଶ୍ୱରବାଦୀ ଗୁରୁ ନାନକ ୧୫୦୮ ମସିହାରେ ନିଜର ପୁଅ ଶ୍ରୀଚାନ୍ଦ ଓ ପ୍ରିୟ ଶିଷ୍ୟ ମର୍ଦ୍ଦାନାଙ୍କ ସହ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ଦିନେ ସନ୍ଧ୍ୟାବେଳେ ଗୁରୁ ନାନକ ମର୍ଦ୍ଦାନାଙ୍କୁ ଶ୍ରୀମନ୍ଦିରରୁ ମହାପ୍ରସାଦ ଆଣିବା ପାଇଁ ପଠାଇଲେ। ମର୍ଦ୍ଦାନାଙ୍କ ବେଶଭୂଷା ଓ ଚେହେରା ଦେଖି ସେବକମାନେ ମନ୍ଦିର ଭିତରେ ପୂରାଇ ଦେଲେ ନାହିଁ। ଏହି ଘଟଣାରେ ମର୍ମାହତ ହୋଇ ନାନକ ମହାପ୍ରଭୁଙ୍କୁ ଧ୍ୟାନ କରି ବସିଲେ। ସେତେବେଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଳତି ଚାଲିଥାଏ। ସେ ଦିନ ରାଜା ନିଜେ ଆଳତି ଦର୍ଶନ କରିବା ପାଇଁ ରତ୍ନବେଦୀ ସମ୍ମୁଖରେ ଉପସ୍ଥିତ ଥିଲେ। ହଠାତ୍ ସେବକମାନଙ୍କ ହାତରୁ ଆଳତି ଥାଳି ଖସିଯାଇ ଶୂନ୍ୟେଶୂନ୍ୟେ ଗତି କରିବାକୁ ଲାଗିଲା। ରାଜା ଓ ସେବକମାନେ ଚମକୃତ ହୋଇ ଥାଳି ପଛେପଛେ ଚାଲିଲେ। ଥାଳି ଯାଇ ନାନକ ଦେବଙ୍କ ପାଖରେ ପହଞ୍ଚି ତାଙ୍କ ମୁଣ୍ଡ ଉପରେ ଧୀରଭାବେ ସ୍ଥାନିତ ହୋଇଗଲା।

ଗଜପତି ଏହାର ରହସ୍ୟ ଜାଣିବାକୁ ଚାହିଁବାରୁ ନାନକ କହିଲେ, 'ମଣିମା! ମହାପ୍ରଭୁ କେବଳ ବଡ଼ଦେଉଳରେ ନାହାନ୍ତି, ସେ ସର୍ବବ୍ୟାପୀ। ତେଣୁ ତାଙ୍କର ଆଳତି ଥାଳି ଏଠାକୁ ଉଡ଼ି ଆସିବାରେ ଅସ୍ୱାଭାବିକତା କିଛି ନାହିଁ।' ଗଜପତି ମହାରାଜ ସେହିଠାରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ କି ବୋଲି ଜିଜ୍ଞାସା କରିବାରୁ ନାନକ ମହାପ୍ରଭୁଙ୍କୁ ଧ୍ୟାନ କଲେ ଏବଂ ନିଜ ଦୁଇ ହାତପାପୁଲି ରାଜାଙ୍କୁ ଦେଖେଇଲେ। ହନୁମାନଙ୍କ ଛାତିରେ ଶ୍ରୀରାମଚନ୍ଦ୍ର ବିଜେ କରିଥିବା ପରି ଗୁରୁ ନାନକଙ୍କ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତି ଜୀବନ୍ତ ଭାବେ ଦୃଶ୍ୟମାନ ହେଉଥିଲେ। ନାନକଙ୍କ ଜଗନ୍ନାଥ ଭକ୍ତିର ପରାକାଷ୍ଠା ଦେଖି ରାଜା ସେ ସ୍ଥାନକୁ ମଠ ନିର୍ମାଣ ପାଇଁ ତାଙ୍କୁ ଦାନ କଲେ।

ଉତ୍ତର-ପଶ୍ଚିମ ଭାରତରେ ତଳ ପର୍ଯ୍ୟନ୍ତ ପାହାଚ ନିର୍ମାଣ କରା ଯାଇଥିବା ହଜାର ହଜାର କୂଅ ଦେଖିବାକୁ ମିଳେ। ସେ ପ୍ରକାରର କୂଅରୁ ଜଣେ ଉପରୁ ଦଉଡ଼ିରେ ପାଣି କାଢ଼ି ପାରିବ ଏବଂ ଚାହିଁଲେ ପାହାଚରେ ତଳକୁ ଯାଇ ସିଧା ପାଣି ଉଠେଇ ଆଣି ପାରିବ। ସେପ୍ରକାର କୂଅକୁ ବାଉଳି କୁହାଯାଏ। ଗୁରୁ ନାନକ ସେହି ପ୍ରକାରର ଏକ ବାଉଳି ସେ ଯାଗାରେ ଖୋଳାଇ ଥିଲେ। ଗୁରୁଜୀ ସେଠାରେ ମଠ ସ୍ଥାପନା କରି ରହିଲେ ଏବଂ ମଠର ନାମ 'ବାଉଳି ମଠ' ରଖିଲେ। ଏହି ମଠରେ ଏବେ ମଧ୍ୟ ଗ୍ରନ୍ଥସାହେବଙ୍କ ଗାଦି ଅଛି। ଗୁରୁ ନାନକ ନିଜ ହାତ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖାଇ ପାରିଥିବାରୁ ମଠର ନାଲି ପତାକାରେ ହାତ ପାପୁଲିର ଚିତ୍ର ଦେଖିବାକୁ ମିଳେ।

ବାଉଳି ମଠରେ ଗୁରୁ ନାନକଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ କରାଯାଉଥିଲା। ଦିନେ ମହାପ୍ରଭୁ ଶ୍ରୀଜଗନ୍ନାଥ ଛଦ୍ମବେଶରେ ସେ କୀର୍ତ୍ତନ ଶୁଣିବାକୁ ଆସି ଏତେ ମୁଗ୍ଧ ହୋଇ ଗଲେ ଯେ ସନ୍ଧ୍ୟାଧୂପ ପାଇଁ ମନ୍ଦିରକୁ ଫେରିବାକୁ ଭୁଲିଗଲେ। ସେବକମାନେ ବ୍ୟତିବ୍ୟସ୍ତ ହୋଇ ଗଜପତିଙ୍କୁ ଜଣାଇଲେ। ଗଜପତି ମାଆ ବିମଳାଙ୍କ ପାଖରେ ଗୁହାରିଆ ପଡ଼ିଲେ। ରାଜାଙ୍କୁ ମାଆ ଶୂନ୍ୟବାଣୀ କଲେ ଯେ ମହାପ୍ରଭୁ ଜଣେ ଶ୍ୟାମଳ ରଙ୍ଗର ଯୁବକ ବେଶ ହୋଇ ବାଉଳି ମଠରେ ସଙ୍କୀର୍ତ୍ତନ ଶୁଣୁଛନ୍ତି। ରାଜା ତୁରନ୍ତ ସେ ଯାଗାକୁ ଗଲେ। କିନ୍ତୁ ଶ୍ୟାମଳ ଯୁବକରୂପୀ ମହାପ୍ରଭୁ ଇସାରାରେ ଚୁପ ରହିବାକୁ ରାଜାଙ୍କୁ ଆଦେଶ ଦେଲେ। କୀର୍ତ୍ତନ ଶେଷ ହେବା ପରେ ଦୁହେଁ ଫେରିଲେ। ମନ୍ଦିରରେ ପହଞ୍ଚିବା ପରେ ବଡ଼ଠାକୁର ସନ୍ଧ୍ୟାରେ ଅନୁପସ୍ଥିତି ବିଷୟରେ ମହାପ୍ରଭୁଙ୍କୁ ପଚାରିଲେ। ଶ୍ରୀଜଗନ୍ନାଥଙ୍କଠାରୁ ବାଉଳି ମଠର କୀର୍ତ୍ତନ ମାହାତ୍ମ୍ୟ ବିଷୟ ଶୁଣି ପର ଦିନ ଦୁଇ ଭାଇ ସେଠାକୁ ଚାଲିଲେ। ତା' ପର ଦିନ ଦୁଇ ଭାଇଙ୍କଠାରୁ କୀର୍ତ୍ତନ କଥା ଶୁଣି ସୁଭଦ୍ରା ମଧ୍ୟ ଗଲେ ଏବଂ ଚତୁର୍ଥ ଦିନ ଲକ୍ଷ୍ମୀ ସାଆନ୍ତାଣୀ କୀର୍ତ୍ତନ ଶୁଣିବାକୁ ଗଲେ।

ଚାରି ଜଣ ମଠରେ ପହଞ୍ଚିବା ପରେ ସେଠି ବସି ଶୁଣିବାରେ ଗୋଟେ ଛୋଟ ସମସ୍ୟା ହେଲା। ବଳଭଦ୍ର ଓ ଲକ୍ଷ୍ମୀ ସାଆନ୍ତାଣୀ ଦେଢ଼ଶୁର ଓ ଭାଇବୋହୂ। ଓଡ଼ିଆ ପରମ୍ପରାରେ ଦେଢ଼ଶୁର ଦେଖି ପାରୁଥିବା ଯାଗାରେ ଭାଇବୋହୂମାନେ ଆତଯାତ ହୁଅନ୍ତି ନାହିଁ। ତେଣୁ ବାହୁଡ଼ା ଦଶମୀ ଦିନ ଲକ୍ଷ୍ମୀ ଶ୍ରୀନଅର ପାଖକୁ ଯିବା ବେଳେ ବଳଭଦ୍ରଙ୍କ ସମ୍ମୁଖରେ ଲୁଗାର ପାହାଡ଼ା ପଡ଼େ। ତେଣୁ ଦୁଇ ଭାଇ ଓ ଭଉଣୀ କୂଅର ଚଉତରା ଉପରେ ବସିଲେ ଏବଂ ଲକ୍ଷ୍ମୀ ଦୁଇତିନିଟା ପାହାଚ ତଳକୁ ଯାଇ ବସିଲେ। ସମସ୍ତେ ଛଦ୍ମବେଶରେ ଥିଲେ ମଧ୍ୟ ଗୁରୁ ନାନକ ଦିବ୍ୟଦୃଷ୍ଟିରେ ସେମାନଙ୍କୁ ଦର୍ଶନ କରି ପାରୁଥିଲେ। କ୍ରମଶଃ ଭକ୍ତମାନେ ସେ କଥା ଜାଣିବା ପରେ ସେହି କୂଅକୁ 'ଦେଢ଼ଶୁର ଭାଇବୋହୂ କୂଅ' ନାମରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି: ବିଜେଡି

ଭୁବନେଶ୍ୱର,୪।୧୧(ସମିସ): ସୋମବାର କୋମନା ବ୍ଲକର ତରବୋଡା ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବିଜେପିର ନେତାମାନେ ଏହା ଉପରେ ଟୀକାଟିପ୍ପଣୀ ଦେଉଥିବା ବେଳେ ସେମାନଙ୍କୁ ପାଲଟା ଜବାବ ଦେଇଛି ବିଜେଡି। ଗତ ୧୬ ମାସରେ ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି ବୋଲି ବିଜେଡିମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି।

ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ଗତକାଲି ନିର୍ବାଚନୀ ସଭାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେପିକୁ ପ୍ରଶ୍ନ କରିଥିଲେ । ଆମେ ମଧ୍ୟ ବିଜେପି ସରକାରକୁ ସେହି ପ୍ରଶ୍ନର ପୁନରାବୃତ୍ତି କରୁଛୁ। ବିଜେପି ଦେଇଥିବା ୩୦୦ ୟୁନିଟ୍ ମାଗଣା ବିଜୁଳି ଓଡ଼ିଶାବାସୀଙ୍କୁ ମିଳିପାରିଲା କି ? ସେହିପରି ବୁଢ଼ାବୁଢ଼ୀଙ୍କୁ ୩୫୦୦ ଟଙ୍କା ଭତ୍ତା , ୨୪ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ, ପ୍ରତି ପଞ୍ଚାୟତରେ ୧୦୦ ଜଣଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ଏସବୁ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣିତ ହୋଇଛି । ପୂର୍ବ ବିଜେଡି ସରକାର କରିଥିବା ଜନକଲ୍ୟାଣ ଯୋଜନା ମଧ୍ୟରୁ ୨୫ଟି ଯୋଜନାର ନାମ ପରିବର୍ତ୍ତନ କଲେ। ତେଣୁ ବିଜେପି ସରକାର ଗେମ୍ ଚେଞ୍ଜର ସରକାର ନୁହେଁ, ନେମ୍ ଚେଞ୍ଜର ସରକାର। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଦୁଇ ଗୁଣା ବିକାଶ ହେବ କହୁଥିବା



ବେଳେ ଦୁଇ ଗୁଣା ବିନାଶ ହୋଇଛି । ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଲା, ୧୬ଟି ପରୀକ୍ଷାରେ ମହାବିଭ୍ରାଟ ହେଲା, ଗତ ୧୬ ମାସରେ ୩୭,୬୧୧ ମହିଳା ନିର୍ଯାତନା ମାମଲା ହୋଇଛି। ବିଜେପି ସରକାରର ଏହି ଅପାରଗତାକୁ ନେଇ ରାଜ୍ୟରେ ଜନଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ବିଜେପି ନେତାମାନଙ୍କ ଟିପ୍ପଣୀ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

ସେହିପରି ସୁଲତା ଦେଓ କହିଥିଲେ ଯେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ । ନବୀନ ପଟ୍ଟନାୟକ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ।

**■ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଜେପି ସମ୍ପୂର୍ଣ୍ଣ ବିଫଳ**
**■ ସୁଭଦ୍ରା ଯୋଜନା ବିଜେପି ସରକାରର ସବୁଠୁ ବଡ଼ ପ୍ରହସନ ଓ ପ୍ରତାରଣା**
**■ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ**

ହାଣ୍ଡିଶାଳରୁ ମହିଳାମାନଙ୍କୁ ଆଣି ନାରୀ ସଶକ୍ତିକରଣ ପାଇଁ ଦୁବାଇ, ମାଲେସିଆ ଓ ସିଙ୍ଗାପୁର ପଠାଇଥିଲେ । ପୂର୍ବ ବିଜେଡି ସରକାର ସମୟରେ ମିଶନ ଶକ୍ତି ମାମାନେ ଓଡ଼ିଶା ସରକାରଙ୍କ ୩୦ଟି ବିଭାଗର କାମ କରୁଥିଲେ। ବିଜେପି କ୍ଷମତାକୁ ଆସିବା ପରେ ମିଶନଶକ୍ତି ବିଭାଗର ବଜେଟକୁ ଅଧା କରି ମିଶନଶକ୍ତିକୁ ପଙ୍ଗୁ କରିଦେଲା । ମହିଳାମାନଙ୍କ ପାଇଁ ବିଜେପି ସରକାର କରିଥିବା ସୁଭଦ୍ରା ଯୋଜନା ହେଉଛି ସବୁଠୁ ବଡ ପ୍ରହସନ ଓ ପ୍ରତାରଣା । ଦିଲ୍ଲୀରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ହରିୟାଣାରେ ୨୧୦୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା, ମହାରାଷ୍ଟ୍ରରେ ୧୫୦୦ ଟଙ୍କା, ପଶ୍ଚିମବଙ୍ଗରେ ୧୫୦୦ ଟଙ୍କା, ମଧ୍ୟପ୍ରଦେଶରେ ୧୨୫୦ ଟଙ୍କା, ଝାଡ଼ଖଣ୍ଡରେ ୧୦୦୦ ଟଙ୍କା, ତାମିଲନାଡୁରେ ୧୦୦୦ ଟଙ୍କା ଦିଆଯାଉଥିବା ବେଳେ ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ମାତ୍ର ୮୩୩ ଟଙ୍କା ଦିଆଯାଉଛି। ଦିନକୁ ମାତ୍ର ୨୭ ଟଙ୍କାରେ ବିଜେପିର ନାରୀ ସଶକ୍ତିକରଣ ନାରା ହାସ୍ୟାସ୍ପଦ । ସୁଭଦ୍ରା ଯୋଜନାରେ ପାଖାପାଖି ୩ ଲକ୍ଷ ମହିଳା ବାଦ୍ ପଡିଥିବା ବେଳେ ୨୦ ହଜାର ଜୀବିତ ଲୋକଙ୍କୁ ମୃତ ଘୋଷଣା କରାଯାଇଛି । ଓଡ଼ିଶାରେ ୧୭ ଲକ୍ଷ ଲକ୍ଷପତି ଦିଦି ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଡିଣ୍ଡିମ ପିଟୁଥିବା ବେଳେ ୨୦ ଅଗଷ୍ଟ ୨୦୨୫ ସଂସଦର ଉତ୍ତରରେ ଏହି ସଂଖ୍ୟା ୭ ଲକ୍ଷ ୮୦ ହଜାର ଦର୍ଶାଯାଇଛି। ତେଣୁ ଶ୍ରୀମତୀ ପ୍ରଭାତୀ ପରିଡ଼ା ଲକ୍ଷପତି ଦିଦିଙ୍କୁ ନେଇ ଡାହା ମିଛ କହୁଛନ୍ତି । ଜଣେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦାୟିତ୍ୱ ହେଉଛି ମହିଳାଙ୍କ ଅଧିକାର ସପକ୍ଷରେ କହିବା। ମାତ୍ର କିଛିଟା ଭୋଟ୍ ପାଇଁ 'ବାହାଘର ପରେ ବାପା ଘର ବହୁଦୂର, ମାମୁଁ ଘର ସାତ ପର' ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଂସଦ କହିଛନ୍ତି।

**■ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଘଟଣା**

## ଓଏଚ୍ଆରସିରେ ହତ୍ୟା ଅଭିଯୋଗ ଆଣିଲେ ପୁଅ

କଟକ, ୪।୧୧(ସମିସ): ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ କଏଦୀ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିବା ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପୁଅ ଏସ୍. ତାରେଣୀପ୍ରସାଦ। ସେ ଅଭିଯୋଗ କରିଛନ୍ତି ଯେ ଘଟଣାର ପୂର୍ବଦିନ ସେ ତାଙ୍କ ପରିବାର ସହ ଭଲରେ କଥା ହୋଇଥିଲେ। ହେଲେ, ଗତ ୩ ତାରିଖ ଦିନ ପବିତ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଜେଲ କର୍ତ୍ତୃପକ୍ଷ ଜଣାଇବାରୁ ପବିତ୍ରଙ୍କ ପରିବାର ଡାକ୍ତରଖାନା ଯାଇଥିଲେ। ପରେ ଏକ ଅଜଣା ନମ୍ବରରୁ ପବିତ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କୁ ଫୋନ ଆସିଥିଲା। ସେହିପରି, ବ୍ୟବଚ୍ଛେଦ ପରେ ଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି କୁହାଯାଇଥିଲା। ଏଭଳି ସନ୍ଦେହଜନକ ସ୍ଥିତିରେ ତାଙ୍କ ପିତାଙ୍କୁ ଷଡ଼୍‌ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ସେ କମିସନରେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ପ୍ରକାଶଥାଉକି ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ୧ ମାସ ପୂର୍ବେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ଗତକାଲି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡ଼ିଥିଲେ। ଜେଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

# ବେଇମାନୀ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି: ବିଜେଡି

**■ ବେଇମାନୀର କାମ କରିଥିବା ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି?**
**■ କେଉଁ ପରିସ୍ଥିତିରେ ଜୟ ବିଜେପିରେ ଯୋଗଦେଲେ, ତାହା ଆଜିବି ପ୍ରଶ୍ନବାଚୀ**

ଭୁବନେଶ୍ୱର,୪।୧୧(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବେଇମାନି ଟିପ୍ପଣୀ ପ୍ରସଙ୍ଗରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ଓ ତାଙ୍କ ମା' କଳ୍ପନା ଢ଼ୋଲକିଆଙ୍କ ମନ୍ତବ୍ୟକୁ କଠୋର ଶବ୍ଦରେ ସମାଲୋଚନା କରିଛି ବିଜେଡି। ବେଇମାନି କାମ କରିଥିବା ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିବା ସହ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି ବୋଲି ବିଜେଡ଼ି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ନୂଆପଡ଼ାରେ ଜୟ ଓ ତାଙ୍କ ମାଆଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଲେନିନ୍ କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି । ତେଣୁ ଜୟ ତାଙ୍କ ବାପାଙ୍କୁ ଶେଷ ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି । ନିଜ ଅସୁସ୍ଥତା ସତ୍ତ୍ୱେ ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ। ତାଙ୍କ ଦେହାନ୍ତ ହେବା ପରେ ଦଳ ପକ୍ଷରୁ ଆବଶ୍ୟକ ସହଯୋଗର ହାତ ବଢାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ବିଜେଡି ପକ୍ଷରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ। ମାତ୍ର କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ବୋଲି ଡ. ମହାନ୍ତି କହିଥିଲେ।

ସୁଲତା ଦେଓ କହିଥିଲେ ଯେ ବିଜେଡି ଢୋଲକିଆ ପରିବାର ସହିତ ସମ୍ପର୍କ କାଟିନାହିଁ। କେଉଁ କାରଣରୁ କେଉଁ ପରିସ୍ଥିତିରେ ଜୟ ଢୋଲକିଆ ବିଜେପିରେ ଯୋଗଦେଲେ, ସେ ନିଜେ ଭଲ ଭାବରେ ଜାଣିଥିବେ। ଏହାଛଡା ବିଜେପି ଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଜେପିରେ ଜୟ ଯୋଗ ଦେଇଛନ୍ତି ବୋଲି ହେଉଥିବା ଅଭିଯୋଗକୁ ଶ୍ରୀମତୀ ଢୋଲକିଆ ଖଣ୍ଡନ କରିଥିଲା ବେଳେ, ଏହା ବିଜେଡିର ଅଭିଯୋଗ ନୁହେଁ ବୋଲି ଶ୍ରୀମତୀ ଦେଓ କହିଥିଲେ। ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ ।

**■ ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା**

## ୫ଦିନିଆ ରିମାଣ୍ଡରେ ଗଲେ ଶଙ୍କର, ଅରବିନ୍ଦ

ବ୍ରହ୍ମପୁର, ୪।୧୧(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଦଲାଲ୍ ବାଲେଶ୍ୱରର ଅରବିନ୍ଦ ଦାଶଙ୍କୁ ଆଜି ୫ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଞ୍ଚ। ଅପରାହ୍ଣ ୪ଟାରେ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିଥିଲା। ସେଠାରେ ଲେଖାପଢ଼ା ହେବା ସହ ଶଙ୍କର ଓ ଅରବିନ୍ଦଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଥିଲା। ସଂଧ୍ୟା ପ୍ରାୟ ସାଢ଼େ ୫ଟା ବେଳକୁ କ୍ରାଇମବ୍ରାଞ୍ଚ ଟିମ୍ ପ୍ରଥମ ଗାଡ଼ିରେ ଅରବିନ୍ଦ ଓ ଦ୍ୱିତୀୟ ଗାଡ଼ିରେ ଶଙ୍କରଙ୍କୁ ନେଇଥିଲା। ଶଙ୍କର ଓ ଅରବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫ୍‌ସି ରୁରାଲ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା। କୋର୍ଟ ୫ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ୪ରୁ ୮ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ।

# ଏଆଇସିସି ଆଦିବାସୀ ପରାମର୍ଶଦାତା ପରିଷଦରେ ୪ ଓଡ଼ିଆ

ଭୁବନେଶ୍ୱର,୪।୧୧(ସମିସ): ଏଆଇସିସି ଆଦିବାସୀ କଂଗ୍ରେସର ପରାମର୍ଶଦାତ୍ତା ପରିଷଦରେ ଓଡ଼ିଶାର ୪ ଜଣ ନେତାଙ୍କୁ ସ୍ଥାନ ମିଳିଛି। ୪୩ ଜଣିଆ ଏହି ପରିଷଦରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ସୁଶିଳା ତିରିଆ, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରି ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି କମିଟି ବ୍ୟତୀତ ଏଆଇସିସି ପକ୍ଷରୁ ୩୯ ଜଣିଆ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କମିଟି ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ପାଇଁ ଏକ ୧୯ ଜଣିଆ ଆଦିବାସୀ ପରାମର୍ଶଦାତ୍ତା ପରିଷଦ ମଧ୍ୟ ଗଠନ ହୋଇଛି। ଅଖିଳ ଭାରତୀୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ବିକ୍ରାନ୍ତ ଭୁରିଆଙ୍କ ସୁପାରିସ୍ କ୍ରମେ ଏଆଇସିସି ଏହି କମିଟିକୁ ଅନୁମୋଦନ ଦେଇଛି।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ.3**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040, ତା.12.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| ବିବରଣୀ | ପ୍ରକାଶିତ ତାରିଖ (ଶୁଦ୍ଧିପତ୍ର ସଂ.2) | ସଂଶୋଧିତ ତାରିଖ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 04.11.2025, 1200 ଘଟିକା | 18.11.2025, 1200 ଘଟିକା |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-152/CI/25-26

**AFFIDAVIT**

I, **Memunaben Mosinbhai Gohil**, Wife of Mohsinbhai Husenibhai Gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Pin-751006, Odisha declare by this affidavit No.298/2025, dated: 03/11/2025 that now onwards I shall be known as **Memunaben Mohsinbhai Gohil** for all future purposes.

**AFFIDAVIT**

I, **Sekh Golam Ahemad**, S/O- SK Karim Bux, resident of At- Jaipura, Po- Kendrapara, Dist- Kendrapara, Pin- 754211, Odisha declare by this affidavit No.297/2025, dated: 03/11/2025 that now onwards I shall be known as **SK GOLAM AHEMAD** for all future purposes.

**AFFIDAVIT**

I, **Sekh Karim Bux**, S/O- Sk Maula Bux, resident of At- Jaipura, Po- Kendrapara, Dist- Kendrapara, Pin- 754211, Odisha declare by this affidavit No.296/2025, dated: 03/11/2025 that now onwards I shall be known as **SK KARIM BUX** for all future purposes.

**AFFIDAVIT**

I, Madhusudan Si, age-35, S/o- Tikayat Chandra Si, resident of At-Kathagohola,Po-Mahabila, PS-Suliapada,Dist-Mayurbhanj, Odisha.Declared by Affidavit before the court of The Executive Magistrate, Baripada, Odisha, No-24 dtd.03/11/2025.That my actual name **MADHUSUDAN SI** in all my certificate but wrongly mention **MADHU SUDAN SI** in my passport No-M1612036. Hence I declared that **MADHU SUDAN SI** & **MADHUSUDAN SI** are one and same person for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Kabita Nayak, W/o- Pranadhan Jena, Resident of M-74, Samanta Vihar, Mancheswar Railway Colony, Khorda,Odisha PIN-751017, declared by this Affidavit No.: 1357/ 2025, Dated: 03.11.2025. That now onwards I shall be known as **KABITA JENA** for all future Purposes.

**AFFIDAVIT**

I Pramod Nayak, S/o- Bula Nayak Village/Post- Purusottam Prasad, PS- Fategarh, Dist- Nayagarh, Pin-752077 , Odisha. Declare that an Affidavit before Deputy Collector-cum Executive Magistrate , Nayagarh on dated. 20/09/2025 that now onwards I shall be known as **Sushant Nayak** instead of Pramod Nayak for all future purposes.

**AFFIDAVIT**

I, **TABASSUM JAHAN** (also known as **Tabasum Jahan Begum**) wife of Gulam Moinuddin Khan resident of Ward No.- 25 Plot No.- N-1/ 316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No-36, dated- 28/10/2025. I, **Sayed Kausera Alli**, aged about 55 years, S/o- Sayed Amirulla, Plot No- 665/3409, Jagamara, Sidheswar Nagar, Khandagiri, Bhubaneswar-751030, Dist- Khordha, Odisha, declare that I have changed my name from **Sayed Kausera Alli** to **Sayed Kauser Alli.** Henceforth, I shall be known as **Sayed Kauser Alli** for all purposes.

**Sayed Kauser Alli**

**AFFIDAVIT**

I, Rasmita Nanda, aged about 52 years, W/o- Late Siddharth Hiru Nanda, resident of At- BL-B-FL-305, 3rd Floor, Info Heights Apartment, Ps- Chandrasekharpur, Bhubaneswar, Dist- khurda, Odisha, PIN- 751024, declare by this affidavit No. 2252, dtd. 03/11/2025, that now onwards I shall be known as **RASMITA DASH NANDA** for all future purposes.

**OFFICE OF THE ASHYANA OPEN SHELTER HOME**
**C/O – SOCIETY FOR WEAKER COMMUNITY, BHADRAK**

Chandbali Bypass Road, In front of Unani Research Centre, Post/PS/Dist–Bhadrak–756100,E.mail: swcbdkodisha@gmail.com

Advt. No.: 2567/1301/SWC/25-26 Date: 01/11/2025

**CONTRACTUAL ENGAGEMENT**

The Ashyana open shelter home in the District of Bhadrak intend to engage suitable professional staffs such as Care giver cum Bridge course educator (only for female) & Out reach Worker (Male & Female) on contractual basis in the Ashyana open shelter home, Bhadrak. The Posts are purely contractual and coterminous with the project. The completely filled up application form along with other documents should reach at the Office of "ASHYANA OPEN SHELTER HOME, Pin no: 756100, Odisha," on or before 20/11/2025 (5.00 PM) positively only through Online (Google E form) (https://docs.google.com /forms/d/1yndwheWcEiSAR67vxZ-M6O0yK46tvz7GOGaDVgRd-M/edit).No other mode of application will be accepted. The number of vacancies, selection procedure, remuneration, application form etc are available in the district website i.e. www.bhadrak.odisha.gov.in

Note- The Candidates are requested to login District website mentioned above for all future information related to the above recruitment and no personal intimation will be made.

**Sd/- Secretary**
**ASHYANA OPEN SHELTER HOME**
**SOCIETY FOR WEAKER COMMUNITY, BHADRAK**

**OFFICE OF THE**
**REGULATION MARKET COMMITTEE, JAGATSINGHPUR**
**At- Gopalsagar, Po/Dist.- Jagatsinghpur-754103**

**QUOTATION CALL NOTICE**

ଧାନକ୍ରୟ କେନ୍ଦ୍ରରେ ବ୍ୟବହୃତ ନିମନ୍ତେ ନିମ୍ନଲିଖିତ ଜିନିଷ ଯୋଗାଣ ପାଇଁ କୋଟେସନ ଗ୍ରହଣ କରାଯାଉଛି । ଆଗ୍ରହୀ ବ୍ୟକ୍ତି/ ବ୍ୟବସାୟୀ ପ୍ରତିଷ୍ଠାନ ନିମ୍ନଲିଖିତ ଉପକରଣ ଯୋଗାଣ ଓ କାର୍ଯ୍ୟ ପାଇଁ ତାଙ୍କର ମୂଲ୍ୟସୂଚୀ ତା.୦୪.୧୧.୨୦୨୫ରିଖ ଠାରୁ ତା.୧୩.୧୧.୨୦୨୫ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଉପରୋକ୍ତ ଠିକଣାରେ ପୋଷ୍ଟାଲ୍/ କୋରିୟର ଅଥବା କାର୍ଯ୍ୟାଳୟରେ ଥିବା ଉଦ୍ଦିଷ୍ଟ ପେଟିକାରେ ଆବେଦନ କରିପାରିବେ । ତା.୧୪.୧୧.୨୦୨୫ରିଖ ଅପରାହ୍ନ ଘ.୪.୩୦ ମିନିଟ୍ ସମୟରେ ସମସ୍ତ ଦରଖାସ୍ତ ଖୋଲାଯିବ । ଶେଷ ତାରିଖ ଏବଂ ସମୟ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଖୋଲାଯିବା ସମୟରେ ସମସ୍ତ କୋଟେସନଦାତା ଅଥବା ସେମାନଙ୍କର ପ୍ରାଧିକୃତ ବ୍ୟକ୍ତିବିଶେଷ ଉପସ୍ଥିତ ରହିପାରିବେ । କର୍ତ୍ତୃପକ୍ଷ ଯେତେବେଳେ ଗୃହିବେ ଯେକୌଣସି ଏକ ଅଥବା ସମସ୍ତ କୋଟେସନକୁ ଅଗ୍ରାହ୍ୟ କରିପାରିବେ ।

ଜିନିଷ/କାର୍ଯ୍ୟର ନାମ

୧. ଅସ୍ଥାୟୀ ସିସିଟିଭି ଲଗାଣ (କ୍ୟାମେରା ପ୍ରତି/ ଦିନ ପ୍ରତି ସମସ୍ତ ଖର୍ଚ୍ଚ ସହିତ)
୨. Temporary CAP Storage ୩ ମାସ ନିମନ୍ତେ (୨୦ ଫୁଟ X ୩୦ ଫୁଟ) ଏବଂ (୨୦ ଫୁଟ X ୨୦ ଫୁଟ) (ମାସପ୍ରତି/ ବର୍ଗଫୁଟ ପ୍ରତି) CAP Storage ନିମନ୍ତେ ଦରଖାସ୍ତକାରୀମାନେ ଅନ୍ୟାନ୍ୟ ସର୍ତ୍ତାବଳୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରୁ ପାଇପାରିବେ)
୩. ୨୧ ସେ.ମି. X ୨୮ ସେ.ମି. ପ୍ରସ୍ତୁତପତ୍ର (ଉଭୟ ପାଖ)
୪. ପ୍ରଚାର (ମାଇକ ଏବଂ ଗାଡ଼ି) ଗାଡ଼ିପ୍ରତି/ଦିନପ୍ରତି/କି.ମି. ପ୍ରତି
୫. ଫ୍ଲେକ୍ସ ବୋର୍ଡ ଲେଖା ସହ (ବର୍ଗଫୁଟ ପ୍ରତି ଦାମ) ବିଭିନ୍ନ ସ୍ଥାନମାନଙ୍କରେ ୩ ମାସ ପାଇଁ ଲଗାଇବା ଭଡ଼ା ସହିତ
୬. ବ୍ୟାନର (୫ ଫୁଟରେ ୩ ଫୁଟ) ଲେଖା ସହ
୭. ଅସ୍ଥାୟୀ କୃଷକ ବିଶ୍ରାମାଗାର ୩ ମାସ ନିମନ୍ତେ
୮. ଅସ୍ଥାୟୀ ପରିଶ୍ରାଗାର ୩ ମାସ ନିମନ୍ତେ
୯. ୱାଲ୍ ପ୍ରିଣ୍ଟ (ବିଭିନ୍ନ ସ୍ଥାନରେ କାନ୍ଥରେ ଲେଖିବା) ବର୍ଗଫୁଟ ପ୍ରତି ଦାମ
୧୦. 20Ltr Water Jar with Water Dispenser ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ସ୍ୱା/- ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦ ମୃତ...

ରେଳବାଇ ପକ୍ଷରୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସିଗ୍‌ନାଲିଂ ସିଷ୍ଟମରେ ତ୍ରୁଟି କିମ୍ବା ମାନବୀୟ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

ଦୁର୍ଘଟଣା ଯୋଗୁଁ ଉପରେ ଯାଇଥିବା ରେଲୱେ ୱାଇଂ ଏବଂ ସିଗ୍‌ନାଲିଂ ସିଷ୍ଟମ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ମାର୍ଗରେ ଟ୍ରେନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଅନେକ ଏକ୍ସପ୍ରେସ ଏବଂ ଯାତ୍ରୀବାହୀ ଟ୍ରେନକୁ ବାତିଲ କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ପାଇଁ ରେଳବାଇ ପକ୍ଷରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏହି ଦୁର୍ଘଟଣାରେ ଯାତ୍ରୀବାହୀ ଟ୍ରେନର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବଗି ମଧ୍ୟ ପ୍ରଭାବିତ ହୋଇଛି। ଏହା ଭିତରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି। ଏହି ଦୁର୍ଘଟଣାର ଅନେକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ ଏବଂ ଅନ୍ୟ ବଗିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଟ୍ରେନ ଗୁଡିକ ବାତିଲ ହୋଇଯାଇଥିବାରୁ ବିଳାସପୁର ଷ୍ଟେସନରେ ପ୍ରବଳ ଭିଡ଼ ହୋଇଛି। ଲୋକେ କେଉଁ ଟ୍ରେନ ବିଳମ୍ବରେ ଚାଲୁଛି ଆଉ କେଉଁଟିକୁ ବାତିଲ କରିଦିଆଯାଇଛି ତାହା ଜାଣିପାରୁନାହାନ୍ତି। ଦୁର୍ଘଟଣା ସଂପର୍କରେ ଅଧିକ ତଥ୍ୟ ଲାଗି ରେଳବାଇ ବିଭାଗ ପକ୍ଷରୁ ହେଲ୍‌ପ ଲାଇନ୍ (9752485499 8602007202) ଜାରି କରାଯାଇଛି।

## ସ୍ୱାସ୍ଥ୍ୟସେବାରେ ନୂଆପଡ଼ାକୁ...

ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବୀମା ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଯାହାଫଳରେ ଉନ୍ନତ ତଥା ଦେୟମୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ସନ୍ତୁଳି ହେଉଛନ୍ତି ନୂଆପଡ଼ାବାସୀ। କେଉଁ ଅପରାଧ ପାଇଁ ବିଜେପି ସରକାର ଆମକୁ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରଖିଲେ ବୋଲି ନୂଆପଡ଼ାବାସୀ ପଚାରୁଥିବା ବେଳେ ଏହାର ଉତ୍ତର କିନ୍ତୁ କାହା ପାଖରେ ନାହିଁ।

ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ୪ଟି ଆକସ୍ମିକ ଘଟଣା ଯଥା ସାପକାମୁଡା, ହୃଦଘାତ, ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜୀବନପ୍ରତି ବିପଦ ଥିବା ଜରୁରୀକାଳୀନ ସ୍ଥିତିରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପରି କୌଣସି ପରିସ୍ଥିତି ସୃଷ୍ଟି ହେଲେ ସେମାନଙ୍କୁ ଓଡ଼ିଶା କିମ୍ବା ରାୟପୁରରେ ଯେକୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହାବ୍ୟତୀତ ଅନ୍ୟ କୌଣସି ଘଟଣାରେ ନୂଆପଡ଼ାରେ ଉଭୟ ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଆବଶ୍ୟକସ୍ଥଳେ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ କୁହାଯାଇଥିବା ବେଳେ ଏହାର ସମସ୍ତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ନିର୍ବାଚନ ଖର୍ଚ୍ଚ ବ୍ୟୟ ଅଟକଳରୁ ବହନ କରାଯିବ ବୋଲି ସୂଚନା ମିଳିଛି ।

## ଆଜିଠୁ ଐତିହାସିକ...

ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ 'କଟକ ଇନ୍ କଟକ'। ନୂଆବୋହୂ ଭଳି ଏହି ପାଭିଲିୟନ୍ ସଜେଇ ହୋଇଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଇଛି।

ଏତଦ୍‌ବ୍ୟତୀତ, ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରିଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯାଇଛି। ଇଣ୍ଡୋନେସିଆର ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବେ। ଏପରିକି, ଇଣ୍ଡୋନେସିଆର କଳାକୃତିକୁ ନେଇ ଏକ ସ୍ୱତନ୍ତ୍ର ଷ୍ଟଲ ବାଲିଯାତ୍ରାରେ ରହିଛି।

## ନାବାଳିକାଙ୍କୁ ମଦ ପିଆଇ...

ପରେ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ତଦନ୍ତ କରି ଦେବୁକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଉଭୟଙ୍କ ଡାକ୍ତରୀମାଇନା କରାଯିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ବସନ୍ତ ଖପ୍ପା...

ଯିବାକୁ ପଡିବ ଯିଏ ଯୁଦ୍ଧ ଲଢ଼ିଛି ସେ ଜାଣିଛି। କେନ୍ଦ୍ର ନିଷ୍ପତ୍ତି ଅନୁସାରେ ବିଜେପି ନୂଆପଡ଼ା ପ୍ରାର୍ଥୀ କରିଛି ବୋଲି ସେ ମତ ରଖିଛନ୍ତି। ଅପରପକ୍ଷେ ପଦ୍ମଲୋଚନଙ୍କ ଏପରି ବୟାନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବସନ୍ତଙ୍କ ସମର୍ଥକ। ସେମାନଙ୍କ ଅନୁଯାୟୀ ପ୍ରଥମେ ଅଭିନନ୍ଦନଙ୍କୁ ପ୍ରାର୍ଥୀତ୍ୱକୁ ବଞ୍ଚିତ କରାଗଲା। ଦଳୀୟ ଶୃଙ୍ଖଳାକୁ ସର୍ବାଗ୍ରେ ରଖି ଆମେ ଚୁପ୍ ରହିଲୁ। ମାତ୍ର ଆମ ନେତାଙ୍କୁ ହାରୁ ଘୋଡ଼ା କହିବା ଆମ ପ୍ରତି ଅପମାନ, ନୂଆପଡ଼ା ପ୍ରତି ଅପମାନ। ଆମେ ଏହାକୁ ସହ୍ୟ କରିବୁ ନାହିଁବୋଲି ଚେତାବନୀ ଦେଇଛନ୍ତି। ତେବେ ପଦ୍ମଲୋଚନଙ୍କ ବୟାନକୁ ନେଇ ବସନ୍ତ କୌଣସି ପ୍ରତିକ୍ରିୟା ରଖି ନାହାନ୍ତି ଓ ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

## ଖସୁଛି ପାରଦ...

ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରବେଶ କରୁଛି। ଏହା ପ୍ରଭାବରେ ୨-୩ ଡିଗ୍ରୀ ରାତିର ତାପମାତ୍ରା ହ୍ରାସ ପାଇବ। ଗତ ୨ ତାରିଖରୁ ସାରା ରାଜ୍ୟରେ କମିଛି ରାତ୍ରି ତାପମାତ୍ରା। ଏହାକୁ ନେଇ ଆଗକୁ ରାଜ୍ୟରେ ଶୀତ ଅନୁଭୂତ ହେବ। ୨ରୁ ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ ରାତି ତାପମାତ୍ରା କମିବ ବୋଲି ସେ କହିଛନ୍ତି।

## ଅକାଳ ମୃତ୍ୟୁ...

ଅକ୍ଷରରେ ଲେଖା ଫଳକ ଟାଙ୍ଗି ଦେଇଛନ୍ତି। ନାରାୟଣପାଟଣା ସଦର ଗାଦବାଡୁଡ଼ା ଗାଁର ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁସାରେ, ଗାଁରେ ଜଣଜଣ କରି ୮ ଜଣଙ୍କ ଅକାଳରେ ଜୀବନ ଗଲାଣି। କିଏ ଦୁର୍ଘଟଣାରେ ତ କିଏ ରୋଗରେ ପଡ଼ି ପ୍ରାଣ ହରାଇଛି। ଏହାକୁ ନେଇ ଗାଁ ଲୋକଙ୍କ ମନରେ ଏବେ ଏକ ଅଜଣା ଭୟ ବସା ବାନ୍ଧିଛି। ଏହି ଅଘଟଣ କେବଳ ଦୁର୍ଯୋଗ ନୁହେଁ, ବରଂ ମା'ଙ୍କ କୋପରୁ ଏପରି ହେଉଛି ବୋଲି ଗ୍ରାମବାସୀ ଭାବି ନେଇଛନ୍ତି। ସେମାନଙ୍କ କହିବା କଥା, ଗାଁର ଇଷ୍ଟଦେବୀ କୌଣସି କାରଣରୁ ସେମାନଙ୍କ ଉପରେ ରାଗି ଗାଁ ଛାଡ଼ି ପଳାଇଛନ୍ତି। ତେଣୁ ମା' ଝାଙ୍କରଙ୍କୁ ଫେରାଇ ଆଣିବା ପାଇଁ ସେମାନେ ଗାଁରେ ପୂଜାପାଠ କରୁଛନ୍ତି। ମା' ସନ୍ତୁଷ୍ଟ ହେଲେ ଗାଁରେ ଆଉ ଏପରି ଅଘଟଣ ଘଟିବ ନାହିଁ ବୋଲି ସେମାନେ କହିଛନ୍ତି।

ଏନେଇ ଚଳିତ ସପ୍ତାହରେ ଗାଁରେ ବୈଠକ ବସିଥିଲା। ପ୍ରତି ଘରୁ ଚାନ୍ଦା ଆଦାୟ କରି ବେଜୁଣି ଜରିଆରେ ଆଦିବାସୀ ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ଝାଙ୍କର ମା'ଙ୍କୁ ଆରାଧନା କରାଯାଇଥିଲା। ତେବେ ବିଧି ଅନୁଯାୟୀ, ଏହି ସମୟ (୮ଦିନ) ମଧ୍ୟରେ ନା କେହି ଗାଁ ବାହାରକୁ ଯିବେ ନା କେହି ବାହାରିଆ ଗାଁକୁ ପ୍ରବେଶ କରିବେ। ଏଥିରେ ଅବହେଳା ହେଲେ ଝାଙ୍କର ଦେବତା ରାଗିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଗ୍ରାମବାସୀଙ୍କ କହିବା କଥା, ପୂର୍ବପୁରୁଷରୁ ଗାଁରେ ଏଭଳି ପରମ୍ପରା ଚାଲିଆସିଛି। ତେଣିକି ଯିଏ ଯାହା ବୁଝୁ... । ଆମେ ଏ ପରମ୍ପରା ଛାଡ଼ିପାରିବୁ ନାହିଁ।

## ଅଚଳ ହେଲା...

ଗୌଡ଼ାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଶାସକ ରବିନାରାୟଣ ବହିଦାର, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ଏକେ ସାବତ, ଆରଏନ ସେନାପତି ଓ ମୌସୁମୀ ପାଢ଼ୀ ପ୍ରମୁଖ କମିଟିର ସଦସ୍ୟ ଥିଲେ। ସର୍ଚ୍ଚ କମିଟିର କାର୍ଯ୍ୟ ସରିବା ପରେ ଏହାର ତାଲିକା ସିଲେକ୍ସନ କମିଟିକୁ ପଠାଯାଇଥାନ୍ତା। ହେଲେ ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ କୌଣସି ନୂତନ ନିଯୁକ୍ତି ଦିଆଯାଇପାରି ନ ଥିଲା ଓ ବିଜେପି ସରକାରକୁ ଆସିବା ପରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ସେହିଠାରେ ହିଁ ଅଟକିଗଲା।

ତୁରନ୍ତ ଲୋକପାଳ ନିଯୁକ୍ତି ପାଇଁ ଉଚ୍ଚନ୍ୟାୟାଳୟରେ ମଧ୍ୟ ମାମଲା ହୋଇଛି। କଟକ ଜିଲ୍ଲା ଚୌଦ୍ୱାରର ମନୋରଞ୍ଜନ ସାହୁ ୨୦୨୪ ଅକ୍ଟୋବର ୫ ତାରିଖରେ ଏନେଇ କେସ୍ ଫାଇଲ୍ କରିଛନ୍ତି। ଇତିମଧ୍ୟରେ ବର୍ଷେ ବିତିଥିଲେ ମଧ୍ୟ ମାମଲା ଫଏସଲା ହୋଇନାହିଁ ଓ ରାଜ୍ୟ ସରକାର ମଧ୍ୟ ଏହି ମାମଲା କ୍ଷେତ୍ରରେ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅପରପକ୍ଷରେ ଦେଢ଼ବର୍ଷ ହେବ ଲୋକାୟୁକ୍ତରେ କୌଣସି ପ୍ରକାର ଶୁଣାଣି ହେଉ ନ ଥିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ ଲୋକାୟୁକ୍ତରେ ଏଯାଏଁ ୮୦୦ରୁ ଅଧିକ କେସ୍ ବିଚାର ଅପେକ୍ଷାରେ ପଡ଼ି ରହିଛି। କେସ୍‌ଗୁଡ଼ିକର ବିଚାର ହେଉ ନ ଥିବାରୁ ଦୁର୍ନୀତିଖୋର୍ ଅଧିକରୁ ଅଧିକ ଦୁର୍ନୀତି କରିଚାଲିଛନ୍ତି। ସରକାର ଲୋକାୟୁକ୍ତ ଗଠନ ନ କରି ଦୁର୍ନୀତିକୁ ନୀରବ ସମର୍ଥନ ଦେଉଥିବା ଏବେ ସାଧାରଣରେ ଅଭିଯୋଗ ହୋଇଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ





ଝାରସୁଗୁଡ଼ା, ୪।୧୧(ସମିସ)

ସରସ୍ୱତୀ ଶିଶୁ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ଜେନା, ଭୁବନ କିଶୋର ତିୱାରୀ, ରାକେଶ ସାଥୁଆ, ରମେଶ ଗାନ୍ଧୀ, ଉଜ୍ଜ୍ୱଳ ଚାଟାର୍ଜୀ ଉପସ୍ଥିତ ଥିଲେ। ଅରୁଣ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କଦଳୀ ପଟୁଆ, ସୋଲ୍ହ, କାଗଜ ପେଟି ଇତ୍ୟାଦିର ୩୮ ୯ଟି ଡଙ୍ଗା ପ୍ରଦର୍ଶନ କରିଥିଲେ। ଚତୁର୍ଥ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ନିଜ ହାତରେ ଡଙ୍ଗା ପ୍ରସ୍ତୁତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୨୯୫ଟି ଡଙ୍ଗା ପ୍ରସ୍ତୁତ ହୋଇଥିଲା। ବିନୋଦିନୀ ସାଥୁଆ, ମିତାଲି ମହାନ୍ତି, ପ୍ରିୟା ପ୍ରତିଶ୍ରୁତି ଜେନା, ଚିନ୍ମୟୀ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସଭାପତି ଡ.ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଛାତ୍ରଛାତ୍ରୀ ଲକ୍ଷ୍ମୀପ୍ରିୟା ରୋହିଦାସ, ଜ୍ୟୋତି ରୋହିଦାସ, ଚନ୍ଦନ ମେହେର, ସ୍ମୃତିରଞ୍ଜନ ବାରିକ, ଫାଲ୍ଗୁନି ପାଣ୍ଡେ, ଅଂଶିତ ପଟେଲ ପୁରସ୍କାର ପ୍ରାପ୍ତ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ଏକ କୃତ୍ରିମ ଜଳାଶୟର ଆୟୋଜନ କରାଯାଇଥିଲା। ସେଥିରେ ଅତିଥି ଅଧିକାରୀ, ଛାତ୍ରଛାତ୍ରୀ, ଅଭିଭାବକ ଡଙ୍ଗା ଭସାଇଥିଲେ। ଛାତ୍ରଛାତ୍ରୀ ସାଧବପୁଅ ବୋହୂ, ତଅପୋଇ ବେଶ ହୋଇଥିଲେ। ଗୀତିନାଟ୍ୟ ମାଧ୍ୟମରେ ବୋଇତ ବନ୍ଦାପନା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଜୟ ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସଂଯୁକ୍ତା ମେହେର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉର୍ମିଳା ସେନାପତି ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ମିନାକ୍ଷୀ ପଣ୍ଡା, ସରିତା ପଣ୍ଡା, କବିତା ପଟେଲ, ମମତା ରାଉଳ, ଜ୍ୟୋତି ନାଏକ, ପିଙ୍କି ବରାଳ ସମେତ ଗୁରୁଜୀ ଗୁରୁମାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ, ଯୁବକ ଗିରଫ

ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ବେଲପାହାଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଭିତ୍ତିରେ ବେଲପାହାଡ ପୁଲିସ ମାମଲା ରୁଜୁ କରିଛି। ତଦନ୍ତ ପରେ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ମଙ୍ଗଳବାର ସନ୍ଧ୍ୟା ୭ ଟାରେ ସୂଚନା ଦେଇଛି। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଯୁବକ ଜଣକ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ବେଲପାହାଡ ଥାନାରେ ଅଭିଯୋଗ କରିଥିଲେ। ଏଂପରେ ପୁଲିସ ତଦନ୍ତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶିଶୁର ଚିକିତ୍ସା ପାଇଁ ଗଣ୍ଡା ସମାଜ ପକ୍ଷରୁ ଆର୍ଥିକ ସହାୟତା



ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ପରମାନପୁର ଛକ ଅଁଳାମାଲ ଗାଁର ଯୁଧିଷ୍ଠିର କୁମ୍ଭାରଙ୍କ ଶିଶୁପୁତ୍ରର ଅନ୍ତ୍ରନଳୀରେ କିଛିଦିନ ହେବ ସମସ୍ୟା ଲାଗି ରହିଛି। ଯୁଧିଷ୍ଠିର ତାଙ୍କ ଶିଶୁପୁତ୍ରଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପରେ ବୁର୍ଲା ମେଡିକାଲରେ ଅସ୍ତ୍ରୋପଚାର କରାଇଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା। ବର୍ତ୍ତମାନ ବୁର୍ଲାର ବିଶେଷଜ୍ଞ ଡାକ୍ତର ଅଧିକ ଚିକତ୍ସା ପାଇଁ ଭୁବନେଶ୍ୱର ନେବାକୁ ପରାମର୍ଶ ଦେଇଛନ୍ତି। ଯୁଧିଷ୍ଠିରଙ୍କ ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ଶିଶୁପୁତ୍ରର ଚିକିତ୍ସା ପାଇଁ ସେ ଅସମର୍ଥ ହୋଇ ପଡ଼ିଥିଲେ। ଏହା ଜାଣିବା ପରେ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲା ଲକ୍ଷେଘର ଗଣ୍ଡା ସମାଜର ସଭାପତି ପ୍ରେମ ସାଗର, ଗୌରାଙ୍ଗ ଜଗତ, ଗଙ୍ଗାଧର କଣ୍ଟା, ଉତ୍ତମ ଶୁନାନୀ, ମୁରଲୀ ଛଛାନ ପ୍ରମୁଖ ଯୁଧିଷ୍ଠିରଙ୍କ ଘରକୁ ଯାଇ ତାଙ୍କ ଶିଶୁପୁତ୍ରର ଚିକିତ୍ସା ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି। ସହାୟତା ପାଇଁ ଯୁଧିଷ୍ଠିର ଗଣ୍ଡା ସମାଜକୁ କୃତଜ୍ଞତା ଜଣାଇଛନ୍ତି।

# ସାଗରପାଲିରେ ରାଇ ଦାମ୍ବୋଦର ପୂଜା

ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗାଁରେ ଅଁଳା ଚତୁର୍ଦ୍ଦଶୀ ପାଳନ କରାଯାଇଛି। ଏହି ଅବସରରେ ଗାଁ ଶିବ ମନ୍ଦିରରେ ରାଇ ଦାମ୍ବୋଦର ବ୍ରତ ପୂଜା ଅନୁଷ୍ଠିତ ହୋଇଛି। ପଠନ କରିଥିଲେ। ପୂଜା ସାପମାନ ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଏହି ପୂଜାରେ ମହିଳା ମାନଙ୍କ ମଧ୍ୟରେ ସୁଷମା ପ୍ରଧାନ, ଜ୍ୟୋସ୍ନା ପ୍ରଧାନ, ମମତା ପ୍ରଧାନ, ଇତି ପ୍ରଧାନ, ମାମି ପ୍ରଧାନ, ଅନିତା



ଆଜି ଭୋରରେ ହବିଷ୍ୟାଳିମାନେ ଶିବ ମନ୍ଦିର ପୋଖରୀରେ କାର୍ତ୍ତିକ ବୁଡ ପକାଇବା ପରେ ଜଳ ଆଣି ଅଁଳା ଗଛ ପୂଜା କରିଥିଲେ। ଏହାପରେ ପୂଜା ସମ୍ପୂର୍ଣ୍ଣ ରୀତିନୀତିରେ କରାଯାଇଥିଲା। ହବିଷ୍ୟାଳି ମାନେ ଧାତ୍ରୀ ତୁଳସୀ ମାଳିତ ଜନ୍ମ ଗୀତ ନାଏକ, ଶିଖା ପ୍ରଧାନ, ବିଜିଲି ମେହେର, ବିଜୟା ନାଏକ, ସୋନୁମା ନାୟକ, ଯଶୋଦା ସେଟ, ଜୟନ୍ତୀ ପ୍ରଧାନ, ଗୀତା ପାତ୍ର, ସଞ୍ଜୁ ପାତ୍ର, ଉର୍କୁଲି ବଣିଆ, ଦୀପା ବଣିଆ, ଶାନ୍ତି ପାତ୍ର, ଭଗବତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ମକ୍ ପାର୍ଲିଆମେଣ୍ଟ



ପାଇକମାଳ, ୪।୧୧(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ଅଧ୍ୟକ୍ଷତାରେ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ଡନସନା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ପଟେଲ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ପାର୍ଲିଆମେଣ୍ଟରେ ହେଉଥିବା ବିଭିନ୍ନ କାର୍ଯ୍ୟ ଉପରେ ଅତିଥିମାନେ ଅବଗତ କରିଥିଲେ। ଏଥିରେ ଜୟକୃଷ୍ଣ ବାଗ, କ୍ରିଷ୍ଣା ବାଗ, ନରହରି ସିଂ, ପଦ୍ମଲୋଚନ ମାଝୀ, ଶଙ୍କର ଲାଲ ମହାନନ୍ଦ, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, ଶ୍ରୀନିବାସ ରାଓ, ସଦାନନ୍ଦ ଭୋଇ, ନୀଳମଣି ପୁଟା, ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ମୁଖ୍ୟାଳୟରେ ମହାସମାଧାନ ଶିବିର



ଝାରସୁଗୁଡ଼ା, ୪।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡି, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୩ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୧ଟି ସାମୂହିକ ଓ ୬୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ତରେଇଖେଲା, କୁମ୍ଭାରୀ ଗାଁବାସୀଙ୍କୁ ପୁନର୍ବାସ ଓ ଥଇଥାନ, ପଣ୍ଡରିପଥର ଓ ମରାକୁଟାରେ ବାହାଲ ଜମି ଜଳମଗ୍ନ, ଭାଗୀପାଲି ଗାଁକୁ ସରକାରୀ ସ୍ତରରେ ବିସ୍ଥାପନ, ରାଜପୁର, କଣ୍ଟାପାଲିରେ ବେଆଇନ୍ ଭାବେ ମଦ ବିକ୍ରି, ୱାର୍ଡ ନଂ ୧୪ରେ କଲ୍ୟାଣ ମଣ୍ଡପ ନିର୍ମାଣ, ୱାର୍ଡ ନଂ ୧୩ ବାଲିଯୋରୀରେ ରାସ୍ତା ନିର୍ମାଣ, ଶ୍ମଶାନ ଜମି ପ୍ରଦାନ, ଷ୍ଟ୍ରିଟ୍ ଲାଇଟ୍, ଡ୍ରେନଗୁଡିକୁ ଢଙ୍କାଯିବା, ଲୋଇସିଂରେ ଭାରୀଯାନ ଚଳାଚଳ ସମସ୍ୟା, କୁରେବଗାରେ ଖେଳ ପଡ଼ିଆ ନିର୍ମାଣ ପ୍ରାପ୍ୟ ନ ମିଳିବା, ରଘୁନାଥପାଲିରେ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ କରାଯିବା, ମଲଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନିର୍ମାଣ ଓ ମରାମତି, ସୁନାରିମୁଣ୍ଡାରେ ଆମିଷ ଗୃହ ନିର୍ମାଣ, ଭୁର୍କାମୁଣ୍ଡା ଗାଁକୁ ବିସ୍ଥାପିତ କରିବା ଏବଂ ଏମ୍ସିଏଲ୍ ଅଧୀନରେ ଥିବା ଗଣପଥ ମାଇନିଂ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ସାମୂହିକ ଅଭିଯୋଗଗୁଡ଼ିକ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି ହୋଇଥିଲା। ଶିବିରରେ ଚିକିତ୍ସା ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩ ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ସମୂହର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ 'ଧର୍ମ ସଂରକ୍ଷକ ସମ୍ମାନ' ପ୍ରଦାନ



ବରଗଡ଼, ୪।୧୧(ସମିସ): ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ ୧ରେ କାର୍ତ୍ତିକେଶ୍ୱର ପୂଜା ଅବସରରେ ପଡ଼ାରେ ଧାର୍ମିକ ପରମ୍ପରାର ସୁରକ୍ଷା ପାଇଁ 'ଧର୍ମ ସଂରକ୍ଷକ ସମ୍ମାନ ୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟିର ଅଧ୍ୟକ୍ଷ ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଡ଼ାରେ ଧର୍ମ ସଂସ୍କୃତି ପରମ୍ପରାର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ବରିଷ୍ଠ ନାଗରିକ ସନ୍ତୋଷ ପଣ୍ଡାଙ୍କୁ ଧର୍ମ ସଂରକ୍ଷକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସୁରେଶ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୀର୍ତ୍ତନ ପରିଷଦର ସଭାପତି ବାଙ୍କା ବିହାରି ସାହୁଙ୍କ ସମେତ ଉନ୍ନୟନ କମିଟିର ସମ୍ପାଦକ ଟିଖେଲାଲ ନାଏକ, ଉପ ସଭାପତି ଅର୍ଜୁନ ସେଟ୍ ପଣ୍ଡିତ ଉତ୍ତମ ଆଚାର୍ଯ୍ୟ, ହେମନ୍ତ ପ୍ରଧାନ, ବିଦ୍ୟାଧର କର, ଗଗନ ବିହାରୀ ଦାଶ, ଆକା ସେଠି, ଜଗବନ୍ଧୁ ନାଏକ ପ୍ରକାଶ ଭୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଜ୍ୟୋତି ନଗରରେ ରୁଦ୍ର ଯଜ୍ଞ ଉଦ୍ଯାପିତ



ପଦ୍ମପୁର, ୪।୧୧(ସମିସ): ଜ୍ୟୋତି ନଗର ପଦ୍ମପୁରରେ ଦ୍ୱିଦିବସୀୟ ରୁଦ୍ର ଯଜ୍ଞ ମହସମାରୋହରେ ଉଦ୍ଯାପିତ ହୋଇଯାଇଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯଜ୍ଞ ସମାପନ ପରେ ଆଜି ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ବ୍ୟାସ ଉଦ୍ଧବ ତ୍ରିପାଠୀଙ୍କ ଦ୍ୱାରା ସୁନ୍ଦରକାଣ୍ଡ ପାରାୟଣ କାର୍ଯ୍ୟକ୍ରମ ଭାବ ଓ ଭକ୍ତିର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ରକ୍ତଦାନ ଶିବିର, ୩୫ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ୪।୧୧(ସମିସ): ବରଗଡ଼ ବ୍ଲକ ବାଞ୍ଜିବାହାଲୀ ଗାଁରେ ମାଁ ମାହେଶ୍ୱରୀ ସେନା ଓ ଗ୍ରାମବାସୀ ତରଫରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ, ବରଗଡ଼ ଜିଲ୍ଲା ସଭାପତି ଗଣେଶ ପ୍ରଧାନ ଓ ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ ଓ ଡାକ୍ତର ମହାକୁରଙ୍କ ଦ୍ୱାରା ଶିବିରର ଶୁଭାରମ୍ଭ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର କାଉନସିଲର ଦେବାଶିଷ ମିଶ୍ର, ଟେକନିସିଆନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମାଁ ମାହେଶ୍ୱରୀ ସେନାର ସଦସ୍ୟ, ବାଞ୍ଜିବାହାଲୀ ଗାଁ ଯୁବ ସଦସ୍ୟ ଓ ଗ୍ରାମବାସୀ ଏଥିରେ ସାହାଯ୍ୟ ସହଯୋଗ କରିଥିଲେ।

# ଶୁଣ୍ଢୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୪।୧୧(ସମିସ): ବରଗଡ଼ ଶୁଣ୍ଢୀ ସମାଜ ଦ୍ୱାରା ରକ୍ତଦାନ ଶିବିର ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲରେ ଆୟୋଜିତ ହୋଇଯାଇଛି। ଶୁଣ୍ଢୀ ସମାଜର ସଭାପତି ଉଦ୍ଧବ ଚରଣ ବେହେରା ଶିବିରକୁ ଉଦ୍ଘାଟନ କରି ସପରିବାର ରକ୍ତଦାନ କରିଥିଲେ। ମହିଳା ମାନେ ବେଶୀ ସଂଖ୍ୟାରେ ରକ୍ତଦାନ କରି ରେକର୍ଡ କରିଥିଲେ। ସୁନୀତା ବେହେରା, ଅଧ୍ୟାପିକା ଅନୁପମା ବେହେରା, ଅଧ୍ୟାପିକା ବବିତା ବେହେରା, ଗୀତାଞ୍ଜଳି ସାହୁ, ମିଲିପମା ବେହେରା, ଗୀତା ସାହୁ, ସୁନିତା ବେହେରା, ରୋଜିଶ୍ମିତ ବେହେରା, ସୁସ୍ମିତା ବେହେରା, ରୀନା ବେହେରା, ନୀଳମାଧବ ସାହୁ, ରାଜୁ ଚୌଧୁରୀ, ଅଙ୍କୁଶ ବେହେରା, ନିରଞ୍ଜନ ବେହେରା, ଶ୍ରିବନ୍ତ ସାହୁ, ଶାହିଲ ବେହେରା, ଶାଶ୍ୱତ ମହାନ୍ତି, ଗଣେଶ ମିର୍ଦ୍ଧା ପ୍ରମୁଖ ରକ୍ତଦାନ କରିଥିଲେ। ଅଶୋକ ପରିଡ଼ା, ନରେନ୍ଦ୍ର ସାହୁ, ଅଶୋକ ବେହେରା, ଗଣେଶ ବେହେରା ଓ ମୀନାକ୍ଷୀ ପରିଡ଼ା ଶିବିରକୁ ପରିଚାଳନାରେ ସହାୟତା କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ସାଧାରଣ ବୈଠକ

## ● ହକିକୁ ଲୋକପ୍ରିୟ କରିବାକୁ ଜିଲ୍ଲାପାଳଙ୍କ ପ୍ରଚେଷ୍ଟା



ଝାରସୁଗୁଡ଼ା, ୪।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ତଥା ହକି ଆସୋସିଏସନର ସଭାପତିଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ତୁଷାର କାନ୍ତି ମିଶ୍ର ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ହକି ଆସୋସିଏସନର ସଭାପତିଙ୍କ ପ୍ରଥମ ବୈଠକ ଥିବାରୁ ସଭାପତିଙ୍କୁ ପୂର୍ବତନ ଭାରତୀୟ ଦଳର ମହିଳା କ୍ୟାପଟେନ ଓ ବର୍ତ୍ତମାନ ଭାରତୀୟ ମହିଳା ଦଳର ଚୟନ ସଭ୍ୟ ସୁଭଦ୍ରା ପ୍ରଧାନ ଓ ଜ୍ୟୋତି ଲାଟଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ହକି ଆସୋସିଏସନର ସଭ୍ୟ ତଥା ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ବିଗତ ୪ବର୍ଷର ବିବରଣୀ ପ୍ରଦାନ କରିବା ସହ ନୂତନ ୨୦୨୬ ବର୍ଷର ଖେଳସୂଚୀକୁ ଉପସ୍ଥାପନ କରିଥିଲେ। ଆସୋସିଏସନର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ସ୍କୁଲ ମାନଙ୍କରେ ହକି ଖେଳ ପାଇଁ ଯୋଜନା ଉପରେ ଆଲୋଚନା କରିଥିଲେ। ବୈଠକରେ ଆସୋସିଏସନର ସଭାପତି ତଥା ଜିଲ୍ଲାପାଳ ଶ୍ରୀ ଚହ୍ୱାନ ଝାରସୁଗୁଡ଼ା ଜିଲ୍ଲାରେ ବାଳକ, ବାଳିକା ହକି ଦଳ ଏକ ବିଶେଷ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ତୁରନ୍ତ ହକି ପଡ଼ିଆର ଟର୍ଫ କାର୍ଯ୍ୟ ଶେଷ ହେବା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ସ୍କୁଲ ଶିକ୍ଷା କ୍ରୀଡା ଅଧିକାରୀ ବିମଳ ତାଣ୍ଡି, ବିଜୟ ବେହେରା, ପ୍ରଜ୍ୱଳ ପଟେଲ, ଗଣେଶ ନାୟକ, ମାନସ ଆଚାର୍ଯ୍ୟ, ଅଶ୍ୱନୀ ପାଣ୍ଡେ, ସିମନ ବରୁଆ, ଅଭିଷେକ ଲାଟ, ଶାନ୍ତି ନାୟକ, ଏସକେ ମିଞ୍ଜ, କ୍ଲେମେଣ୍ଟ ରୋନାଲ୍ଡ, ହମିଦ ମହାପାତ୍ର, ଶକୁନ ନାୟକ, ପ୍ରଫୁଲ୍ଲ କୁଲୁ, ଡିଫର ଟେଟେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଫେସର ଟହଲୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବେଦାନ୍ତ ଆଲୁମିନିୟମ୍‌ରେ ସାଇବର୍ ସୁରକ୍ଷା ସଚେତନତା

ଝାରସୁଗୁଡ଼ା, ୪।୧୧(ସମିସ)



ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏବଂ ଓଡ଼ିଶା ପୁଲିସର ମିଳିତ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ 'ସାଇବର ସୁରକ୍ଷା ସଚେତନତା ଅଭିଯାନ-ଓଡ଼ିଶା ୨୦୨୫'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ବନ୍ଦ କରନ୍ତୁ, ଯାଞ୍ଚ କରନ୍ତୁ ଓ ସୁରକ୍ଷିତ ରୁହନ୍ତୁ' କାର୍ଯ୍ୟକ୍ରମରେ ଆଲୋଚନାର ଶୀର୍ଷକ ଥିଲା। ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ବିଷୟରେ ବ୍ୟାପକ ସଚେତନତାକୁ ପ୍ରୋତ୍ସାହନ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏଥିରେ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର, ଜେମ୍ସ ସାମଦ, ଏସ୍‌ଡିପିଓ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଉମା ଶଙ୍କର ସିଂହ, ଡିଏସ୍‌ପି ରାଜେନ୍ଦ୍ର ସିଆଲ ଏବଂ ବେଦାନ୍ତ ଓ ଏହାର ବ୍ୟବସାୟିକ ଅଂଶୀଦାର ତଥା ଟାଉନସିପ୍ ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାପ୍ରଦ ଭିଡିଓ ଏବଂ ଇଣ୍ଟରଆକ୍ଟିଭ୍ ଅଧିବେଶନ ମାଧ୍ୟମରେ ଓଡ଼ିଶା ପୁଲିସର ବିଶେଷଜ୍ଞମାନେ ବିଭିନ୍ନ ଉପାୟରେ ଠକେଇର ମାଧ୍ୟମ ବିଷୟରେ ସଚେତନ କରିଥିଲେ। ଲୋକମାନେ କିପରି ଫିସିଂ, ଓଟିପି/କ୍ୟୁଆର ସ୍କାମ୍, ରିମୋଟ୍ ଆକ୍ସେସ୍ ଆପ୍ସ, ଡିପ୍‌ଫେକ୍ ହେରଫେର, ପରିଚୟ ଚୋରି ଏବଂ ଆର୍ଥିକ ମାଲୱେର୍ ଭଳି ସାଧାରଣ ଅନଲାଇନ୍ ବିପଦକୁ ଚିହ୍ନଟ କରିପାରିବେ ଏବଂ ଏହାକୁ ଏଡାଇ ପାରିବେ ସେ ବିଷୟରେ ବୁଝାଇଥିଲେ। ଉପସ୍ଥିତ ଲୋକଙ୍କୁ ଅନଲାଇନ୍ କାରବାର, ସୁରକ୍ଷିତ ପାସୱାର୍ଡ ପରିଚାଳନା ଏବଂ ଦାୟିତ୍ୱପୂର୍ଣ୍ଣ ସାମାଜିକ ଗଣମାଧ୍ୟମ ଆଚରଣ ପାଇଁ ପରିଚିତ କରାଯାଇଥିଲା। ଏହା ସହିତ 'ସାଇବର ରଥ' ସହିତ ପରିଚିତ କରାଯାଇଥିଲା। ସାଇବର ରଥ ହେଉଛି ସରକାରଙ୍କ ମାସିକ ସଚେତନତା ଅଭିଯାନର ଏକ ଅନ୍ ହ୍ୱିଲ୍ ଆଉଟରିଚ୍ ୟୁନିଟ୍, ଯାହା ଜିଲ୍ଲାରୁ ଜିଲ୍ଲା ଭ୍ରମଣ କରିବ। ପଥପ୍ରାନ୍ତ ନାଟକ, ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ଇଣ୍ଟରଆକ୍ଟିଭ୍ କିଓସ୍କ ମାଧ୍ୟମରେ ନାଗରିକମାନଙ୍କୁ ସାମିଲ କରିବ। କାର୍ଯ୍ୟକ୍ରମରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ ଯୋଗ ଦେଇଥିଲେ। ଝାରସୁଗୁଡ଼ାର ପୁଲିସ ଅଧିକ୍ଷକ ଜିଆର ରାଘବେନ୍ଦ୍ର ତାଙ୍କ ଅଭିଭାଷଣରେ ସାଇବର ଅପରାଧ ବିରୁଦ୍ଧରେ ଅନେକ ସରଳ ପଦକ୍ଷେପ ବୁଝାଇ କହିଥିଲେ। ଘଟଣାଗୁଡିକୁ ରିପୋର୍ଟ କରିବା ଏବଂ ସମାଧାନ କରିବା ପାଇଁ ଉପଲବ୍ଧ ବିଭିନ୍ନ ପ୍ଲାଟଫର୍ମ ଉପରେ ମଧ୍ୟ ଝାରସୁଗୁଡ଼ା ଏସ୍‌ପି ଆଲୋକପାତ କରିଥିଲେ। ଏହି ପଦକ୍ଷେପକୁ ଆଗକୁ ନେବାରେ ବେଦାନ୍ତର ସହଯୋଗକୁ ସେ ପ୍ରଶଂସା କରିଥିଲେ।

## ତାଲପାଲିରେ ହରିହର ଭେଟ ମହୋତ୍ସବ



ଗାଇସିଲେଟ, ୪।୧୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ତାଲପାଲି ଗାଁରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଦିନ ହରିହର ଭେଟ ମହାସମାରୋହରେ ଉଦ୍‌ଯାପିତ ହୋଇଛି। ଗାଁ ସାରା ଭକ୍ତିମୟ ପରିବେଶ ମଧ୍ୟରେ ହରିହରଙ୍କ ମିଳନ ଉତ୍ସବ ଦେଖିବାକୁ ହଜାର ହଜାର ଭକ୍ତ ଜମା ହୋଇଥିଲେ। ପ୍ରଭାତରୁ ଗାଁରେ ଭଜନକୀର୍ତ୍ତନ, ଢୋଲ ମୃଦଙ୍ଗ ଓ ଶଙ୍ଖ ଧ୍ୱନିରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟାରେ ଗାଁ ଜଗନ୍ନାଥ ମନ୍ଦିରରୁ ପ୍ରଭୁ ରାଇଦାମୋଦରଙ୍କୁ ସୁସଜ୍ଜିତ ରଥରେ ବସାଇ ପରିକ୍ରମା ହୋଇଥିଲା। ସେହିପରି ଶିବାଳୟରୁ ଭଗବାନ ହରଗୌରୀଙ୍କୁ ବାହାର କରାଯାଇଥିଲା। ଗାଁ ମଧ୍ୟରେ ଏକ ବଟବୃକ୍ଷ ତଳେ ହରିହର ଭେଟ ହୋଇଥିଲା ଭେଟ ପରେ ଦୁଇ ଦେବତାଙ୍କୁ ପୁଣି ନିଜ ନିଜ ମନ୍ଦିରକୁ ଅଣାଯାଇ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଗାଁର ଗୌନ୍ତିଆ ମନୋରଞ୍ଜନ ସାହୁ ଓ ତାଙ୍କ ଧର୍ମପତ୍ନୀ ବବିତା ସାହୁ ପୂଜାରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜାପାଠ ଓ ବିଧିବିଧାନରେ ପୂଜକ ରୁଦ୍ରମଣି ଦାଶ ଓ ତପିରାଜ ମହାପାତ୍ର ସହଯୋଗ କରିଥିଲେ। ଏହି ହରିହର ଭେଟ ପାଳନ ଗାଁର ପୁରାତନ ପରମ୍ପରା ଅଟେ। ପ୍ରତିବର୍ଷ ଏହି ଅବସରରେ ଭଗବାନ ଜଗନ୍ନାଥ ଓ ଭଗବାନ ଶିବଙ୍କ ମିଳନ ରୀତି ଦେଖିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସନ୍ତି। ଏହି ଦିନ ହରିହର ଭେଟ ଦେଖିଲେ ଜୀବନରେ ଶାନ୍ତି ଓ ସମୃଦ୍ଧି ଆସେ ବୋଲି ଲୋକଙ୍କ ମଧ୍ୟରେ ମାନ୍ୟତା ରହିଛି।


**ବନ୍ଦଲା ଗାଁ ବାଲିଯାତ୍ରା**

# ବାଲିରେ ଦର୍ଶନ ଦିଅନ୍ତି ବାବା ବାଲୁଙ୍କେଶ୍ୱର

ବରଗଡ଼, ୪।୧୧(ସମିସ)

ପ୍ରାକୃତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବର ମହାମିଳନର ଜିଲ୍ଲା ହେଉଛି ବରଗଡ଼। ଏହି ଜିଲ୍ଲାର ପ୍ରସିଦ୍ଧ ଧନୁଯାତ୍ରା, ଶ୍ରୀ ବର୍ଦ୍ଧମାନ ମହାପ୍ରଭୁଙ୍କ ରଥଯାତ୍ରା, ବରପାଲିର ଶୀତଳଷଷ୍ଠୀ, ନୃସିଂହନାଥର ବୈଶାଖ ମେଳା, ଅଷ୍ଟଶମ୍ଭୁ ଶୈବ ଆରାଧନା ଓ ସୋହେଲାର ଦଶହରା ରାବଣପୋଡ଼ି ଅନନ୍ୟ ଅଟେ। ସେହିପରି ଜିଲ୍ଲାର ଅନେକ ଗାଁରେ ଅନୁଷ୍ଠିତ ଯାନିଯାତ୍ରାର ମଧ୍ୟ ସ୍ୱତନ୍ତ୍ର ପରିଚୟ ରହିଛି। ଏହି କ୍ରମରେ ବନ୍ଦଲା ଗାଁର ବାଲିଯାତ୍ରା ଏକ ନିଆରା ଯାତ୍ରା ଅଟେ। ସୋହେଲା ବରପାଲି ଜଗନ୍ନାଥ ରୋଡରେ ସୋହେଲାରୁ ୬ କିମି ତଥା ବରପାଲିରୁ ୧୬ କିମି ଦୂରରେ ଏହି ଗାଁ ଅବସ୍ଥିତ। ଗାଁର ପୂର୍ବ ଦିଗରେ ଗାଞ୍ଜ ନଦୀ ରହିଛି। ପ୍ରତିବର୍ଷ ଏହି ନଦୀ କୂଳରେ ବାଲି ତିଆରି ଲିଙ୍ଗରେ ପୂଜା ପାଉଥିବା ବାବା ବାଲୁଙ୍କେଶ୍ୱର। କାର୍ତ୍ତିକ ମାସ ଦଶମୀରୁ ପୂର୍ଣ୍ଣିମା ପଞ୍ଚକ ସମୟରେ ଶିବ ଓ ଶକ୍ତି ବାଲୁକା ଲିଙ୍ଗ ପୂଜା ମହା ସମାରୋହରେ ପାଳିତ ହୋଇ ଆସୁଛି। ପାଖାପାଖି ୨୦୦ ବର୍ଷ ହେଲା ଏହି ପୂଜା ହୋଇ ଆସୁଛି।

୧୮୦୦ ମସିହାରେ ଦଶହରା ପୂର୍ଣ୍ଣିମା ଦିନ ଗାଁର ଭୁବନ ଭୋଇଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ଏହି ସ୍ୱପ୍ନରେ ସେ ଗ୍ରାମବାସୀଙ୍କ ସହ ଗାଞ୍ଜ ନଦୀକୂଳରେ ପୂଜା କର୍ତ୍ତା ଭାବେ ତାଙ୍କ ସ୍ତ୍ରୀ କୋଇଲି ଭୋଇଙ୍କ ସହ ବାଲି ଲିଙ୍ଗ ପୂଜା କରି କାର୍ତ୍ତିକରେ ନାଚି ନାଚି ଗାଁକୁ ଫେରୁଥିଲେ। ସକାଳ ସମୟରେ ସେ ଗାଁର ତତ୍କାଳୀନ ଗୌନ୍ତିଆ ତଥା ଭଦ୍ର ବ୍ୟକ୍ତିଙ୍କୁ ଏକଥା କହିବାପରେ ସମସ୍ତେ ଗାଁ ନଦୀ କୂଳରେ ପୂଜା ଆରମ୍ଭ କରିବା ସହ ମନ୍ଦିର ନିର୍ମାଣର ଯୋଜନା କରିଥିଲେ। କାଳକ୍ରମେ ଏହି ପୂଜା ଅଞ୍ଚଳର ଏକ ଯାତ୍ରାରେ ପରିଣତ ହୋଇଛି।



ଶ୍ରୀ ଚୈତନ୍ୟ ପୁରାରୁ ବୃନ୍ଦାବନ ଯିବା ସମୟରେ ଏହି ନଦୀ କୂଳରେ ଅବସ୍ଥାନ କରିଥିବା ଅନୁମାନ କରାଯାଏ। କାର୍ତ୍ତିକ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପୂଜା ପାଇଁ ସାରା ଗାଁ ଓ ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠେ। ଦୀପାବଳୀର ପୂର୍ବଦିନ ଗାଁର ମଧ୍ୟଭାଗ ଓ ନଦୀ କୂଳରେ ଶୁଭସ୍ତମ୍ଭ ଓ ଧ୍ୱଜା ଲଗା ଯାଇଥାଏ। କାର୍ତ୍ତିକ ନବମୀରୁ ପୂଜାର ପ୍ରସ୍ତୁତି ଗାଁବାସୀ କରିଥାନ୍ତି। ଦଶମୀ ଦିନ ସକାଳେ କର୍ତ୍ତା ଓ ଗାଁବାସୀଙ୍କ ଉପସ୍ଥିତିରେ ବାଲି ଲିଙ୍ଗ ପ୍ରଜ୍ୱଳନ ହୋଇଥାଏ। ଏହାଁ ଚତୁର୍ଦ୍ଦଶୀ ଦିନ ସଂଧ୍ୟାରେ ଆଳତି ସହ ଭୋଗ ଲାଗି ହେବାପରେ ଭକ୍ତ ମାନେ ପ୍ରସାଦ ସେବନ କରିଥାନ୍ତି। ଏହାପରେ ପୂର୍ଣ୍ଣିମା ଦିନ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଯଜ୍ଞ ଅନୁଷ୍ଠିତ ହୋଇଥାଏ। ସଂଧ୍ୟା ଆଳତି ପରେ ବାଲୁକା ଲିଙ୍ଗ, କଳସ, ଅଖଣ୍ଡ ଦୀପକୁ ନଦୀରେ ବିସର୍ଜନ କରା ଯାଇ ପୂଜା ସମାପିତ ହୋଇଥାଏ। ଭକ୍ତ ମାନେ କରିଥିବା ମାନସିକ ପୂରଣ ହେଲେ ବାବା ବାଲୁଙ୍କେଶ୍ୱରଙ୍କୁ ବେଲପତ୍ର, ଛିଟ କପଡ଼ା, ନଡ଼ିଆ, ଘଣ୍ଟ, ଶଙ୍ଖ, ଛତର ଅର୍ପଣ କରିଥାନ୍ତି। ଅନେକ ଅପୁତ୍ରିକ ଦମ୍ପତି ଏଠାରେ ମାନସିକ କରି ପୁତ୍ର ସନ୍ତାନ ଲାଭ କରିଥିବା ଯୋଗୁଁ ବହୁତ ଭିଡ ପରିଲକ୍ଷିତ ହୁଏ। ଏହି ଉପଲକ୍ଷେ ଗ୍ରାମବାସୀ ଗାଁ ସଫେଇ ସହ ପ୍ରତି ଘର ସମ୍ମୁଖରେ ଝୋଟି, ରଙ୍ଗୋଳି, ପୂର୍ଣ୍ଣ କଳସ ସ୍ଥାପନ କରିଥାନ୍ତି। ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ କୀର୍ତ୍ତନ, ପଣ୍ଡାର, କବି ସମ୍ମିଳନ, ନୃତ୍ୟ ଗୀତ ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ସ୍ୱର୍ଗତ ଭୁବନ ଭୋଇଙ୍କ ପରେ ପରାଗ ଭୋଇ, କାଶି ଭୋଇ ଏବେ ପଣନାତି ତପୋବନ୍ତ ଭୋଇ ଓ ଦେବୀପ୍ରସାଦ ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ପାଣିମୋରାର ନିରଞ୍ଜନ ଦେହୁରୀ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସ୍ୱର୍ଗତ ଭୂବନ ଭୋଇ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତା କୋଇଲି ଭୋଇଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆଜି ଅଞ୍ଚଳର ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ଦିଗରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଛି।

## ରେନବୋ କିଡ୍ସ ପ୍ଲେ ସ୍କୁଲ୍‌ର ଉଦ୍‌ଘାଟନ




ବରଗଡ଼, ୪।୧୧(ସମିସ): ରେନବୋ ପବ୍ଲିକ ସ୍କୁଲ୍ ପରିସରରେ କବ୍, ବୁଲବୁଲ, ସ୍କାଉଟ୍, ଗାଇଡ୍ ଏବଂ ବନି ୟୁନିଟ୍‌ର ଉଦ୍‌ଘାଟନ ସମାରୋହ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୮୦ କବ୍, ୭୨ ବୁଲବୁଲ, ୭୦ ସ୍କାଉଟ୍ ଏବଂ ୩୦ ବନି ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ଡୋଲାମଣି ଶତପଥୀ, ପ୍ରଧାନଶିକ୍ଷକ ହିମାଂଶୁ ମେହେର ଏବଂ ସଚିବ ଚନ୍ଦନାରଥ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି ସୁଦର୍ଶନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ଭାଷଣ ମିସ୍ ମୋନାଲିସା ମିଶ୍ର ପ୍ରଦାନ କରିଥିଲେ। ଛାତ୍ର ଆୟାଂଶ ପଧାନ, ଅନଭି, ପ୍ରଜ୍ଞା ପରିମିତ ଏବଂ ସ୍ଥିତିଜାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଡୁମାଲ ପରିଷଦର ଜିଲ୍ଲାସ୍ତରୀୟ ବୈଠକ




ବରଗଡ଼, ୪।୧୧(ସମିସ): ବରଗଡ଼ ବ୍ଲକ ସରଳା କେନ୍ଦ୍ର ଅଧୀନ ବାଞ୍ଜିବାହାଲୀ ଗାଁରେ ବରଗଡ଼ ଜିଲ୍ଲା ଡୁମାଲ ପରିଷଦର ଜିଲ୍ଲା ସ୍ତରୀୟ ବୈଠକ ମଙ୍ଗଳବାର ଜିଲ୍ଲା ସଭାପତି ଗଣେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡୁମାଲ ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଡୁମାଲ ସମାଜର ସାମାଜିକ ଓ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିଲା। ଗ୍ରାମ ସ୍ତରରେ କମିଟି ଗଠନ, ପରିବାର ପଞ୍ଜୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ରାଜ୍ୟସ୍ତରୀୟ ଡୁମାଲ ମହାସଭାର ଆୟୋଜନ ବରଗଡ଼ ଜିଲ୍ଲାରେ କରିବା ପାଇଁ ସଭ୍ୟମାନେ ମତାମତ ଦେଇଥିଲେ। ବରଗଡ଼ ସହର କେନ୍ଦ୍ରରେ ରହୁଥିବା ଡୁମାଲ ପରିବାରମାନଙ୍କ ପଞ୍ଜୀକରଣ ପାଇଁ ଗୁଣ ସିଣ୍ଟୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ, କେନ୍ଦ୍ର ସମ୍ପାଦକ ଦିଲୀପ ପ୍ରଧାନ, ଚକମହାକୁର, ବିପିନ ମହାକୁର, ଅବସରପ୍ରାପ୍ତ ଶିକ୍ଷକ ରଙ୍କମଣି କ୍ଷେତି, ଡାକ୍ତର ମହାକୁର, ଗମ୍ଭାରୀପାଲି କେନ୍ଦ୍ରରୁ ପ୍ରତୁଲ କର୍ଣ୍ଣ, ସମସ୍ତ କେନ୍ଦ୍ର ସଭାପତି ବୃନ୍ଦ ଓ ବାଞ୍ଜିବାହାଲୀ ଗାଁର ଜାତିଭାଇ ବୃନ୍ଦ ଉପସ୍ଥିତ ଥିଲେ। ସରଳା ଗାଁର ରୀତିଶା ପ୍ରଧାନ ମାଟ୍ରିକ ପରୀକ୍ଷାରେ ବରଗଡ଼ ଜିଲ୍ଲାରେ ସର୍ବୋଚ୍ଚ ନମ୍ବରରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଡୁମାଲ ସମାଜ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ୪ ମାସ ଗଲାନି ପିଚୁ ରାସ୍ତା

ବିଜେପୁର, ୪।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଜାଟିଂ ଗାଁର ପ୍ରସିଦ୍ଧ ବାଲିଯାତ୍ରା ଜମୁଥିବା ବେଳେ ରାସ୍ତା ଦୂରାବସ୍ଥା ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରା ଆଜି ଚତୁର୍ଥ ଦିନରେ ପହଞ୍ଚି ଥିବା ବେଳେ ଲୋକଙ୍କ ଭିଡ ଲାଗି ରହିଛି। ମନ୍ଦିର ପଡ଼ିଆରେ ଜଳନ୍ଧର ମହାରାଜଙ୍କ ଦରବାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କିନ୍ତୁ ଜାଟିଂ ବଜାର ଠାରୁ ନଦୀ ପଟକୁ ଯାଇଥିବା ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ରାସ୍ତା କଦର୍ଯ୍ୟ ଅବସ୍ଥାରେ ରହିଛି। ରାସ୍ତା କାମ ନିମ୍ନ ମାନର ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗାଁବାସୀ କହିଛନ୍ତି ଯେ ରାସ୍ତା ତିଆରି ହେବାର ୪ ମାସ ନ ପୂରୁଣୁ ମେଟାଲ ଉଠିଗଲାଣି। ପିଚୁ ରାସ୍ତା ପାର୍ଶ୍ୱରେ ମୋରମ୍ ବଦଳରେ ମାଟି ପକାଯାଇଛି। ତେଣୁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଛନ୍ତି। ବିଭାଗୀୟ ଠିକାଦାର ତଥା ଦାୟିତ୍ୱରେ ଥିବା ଜୁନିୟର ଇଞ୍ଜିନିୟର ମଧୁସୂଦନ ଚୌଧୁରୀଙ୍କୁ ପଚରା ଯିବାରୁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନି ଏବଂ ସମସ୍ୟା ଥିବା ସ୍ଥାନରେ ମରାମତି କରିବେ ବୋଲି କହିଛନ୍ତି। ଆରଡି ବିଭାଗର ଏହି ନିମ୍ନ ଧାରଣର କାମ ପାଇଁ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଇ ଏହାର ସମାଧାନ ପାଇଁ ମତ ପ୍ରକାଶ ପାଇଛି।



## ଜାମସେଠ ଗାଁର ଯୁବକ ନିଖୋଜ



ପାଇକମାଳ, ୪।୧୧(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ଥାନା ଜାମସେଠ ଗାଁର ଯଶୋଦା ମନିହୀରାଙ୍କ ଏକମାତ୍ର ପୁଅ ଉମାକାନ୍ତ ମନିହୀରା (୪୦) ଶୁକ୍ରବାର ଠାରୁ କେଉଁଆଡେ ଚାଲିଯାଇ ନିଖୋଜ ହୋଇଛନ୍ତି। ଉମାକାନ୍ତ ଜାମସେଠ ବସଷ୍ଟାଣ୍ଡ ନିକଟରେ ଏକ ଛୋଟିଆ ହୋଟେଲ ଖୋଲି ପରିବାର ଚଳାଉଥିଲେ। ଗତ ଶୁକ୍ରବାର ସେ ହୋଟେଲ ବନ୍ଦ କରି ଘରକୁ ଯାଇଥିଲେ। ଘରକୁ ଯାଇ ତାଙ୍କ ମା'ଙ୍କୁ ଚେରେଙ୍ଗାଝାଞ୍ଜୀ ନିକଟସ୍ଥ ମହାବନ୍ଧ ପୋଖରୀକୁ ଗାଧୋଇବାକୁ ଯାଉଥିବା କହି କେଉଁଆଡେ ଚାଲିଯାଇଛନ୍ତି। ଏନେଇ ତାଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନଥିଲେ। ଫଳରେ ପରିବାର ସୋମବାର ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଇକମାଳ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି। ପୁଅକୁ ନ ପାଇବାରୁ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ସୂଚନା ପାଇଲେ ଜଣାଇବାକୁ ଅନୁରୋଧ କରିଛନ୍ତି।

## ଦାନ ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର

ପାଇକମାଳ, ୪।୧୧(ସମିସ): ପାଇକମାଳ ବ୍ଲକ ଝାରବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗାଁର ସ୍ୱର୍ଗତ ଘାସିରାମ ଭୋଇ ଓ ତାଙ୍କ ଭାଇ ମାନେ ନିଜସ୍ୱ ଜମି ଦାନ ଦେଇଥିଲେ। ତାହା ଉପରେ ବିଦ୍ୟାଳୟ



ତିଆରି ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ବଦାନ୍ୟ ବ୍ୟକ୍ତିଙ୍କ ଉତ୍ତରାଧିକାରୀ ଅମର ଭୋଇଙ୍କ ନେତୃତ୍ୱରେ ତାଙ୍କର ୨୨ ଜଣ ଉତ୍ତାରାଧିକାରୀଙ୍କ ଉପସ୍ଥିତିରେ ଏହି ଜମି ପଞ୍ଜୀକୃତ ହୋଇଛି। ଏହି ପରିପ୍ରେକ୍ଷିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଝାରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାମରେ ୩୨ ଡିସିମିଲ ଜମି ଦାନପତ୍ର ରେଜିଷ୍ଟ୍ରେସନ ପାଇକମାଳ ତହସିଲଦାର ସିନ୍ଧୁସୂତା ପାତ୍ରଙ୍କ ଶୁଣାଣିରେ ସୋମବାର ସମ୍ପୂର୍ଣ୍ଣ ହୋଇଛି। ଝାରବନ୍ଧ ଗାଁର ବିକ୍ରମ ପୁଝାରୀ, ମକୁନ୍ଦ ଝାଙ୍କର, ୱାର୍ଡ ମେମ୍ବର ପଦ୍ମନ ଭୋଇ ତଥା ଗ୍ରାମବାସୀ ମାନଙ୍କ ସହଯୋଗରେ ପାଇକମାଳ ବିଇଓ ଅଦନ ସୁନା, ପ୍ରଧାନଶିକ୍ଷକ ସହଦେବ ଧରୁଆ, ସିଆରସିସି ସନ୍ତୋଷ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜମି ଦାନ କରିଥିବା ଉତ୍ତରାଧିକାରୀଙ୍କୁ ବିଇଓ ଅଦନ ସୁନା ଓ ସିଆରସିସି ସନ୍ତୋଷ ମେହେର କୃତଜ୍ଞତା ଜଣାଇଛନ୍ତି।

## ଓସେପା ଡେପୁଟି ଡାଇରେକ୍ଟରଙ୍କ ସଂକ୍ରି ବିଦ୍ୟାଳୟ ପରିଦର୍ଶନ

ବରଗଡ଼, ୪।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଅଧୀନ ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଓସେପା ଡେପୁଟି ଡାଇରେକ୍ଟର ଶୈଳଧିରାଜ ଶତପଥୀଙ୍କ ସମେତ ତିନିଜଣିଆ ଦଳ ବିଦ୍ୟାଳୟ ପରିଦର୍ଶନ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସ୍ଥଳ ସତ୍ୟାପନ ପାଇଁ ଆସିଥିଲେ। ଏହି ଦଳରେ ପେଡ଼ାଗୋଜି କୋଓର୍ଡିନେଟର ପୁଷ୍ପାଞ୍ଜଳି ଦାସ ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ସାହୁ ଉପସ୍ଥିତ ଥିଲେ। ସଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଏବଂ ଭୌତିକ ପରିବେଶ ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଦଳ ଦ୍ୱାରା ସତ୍ୟାପନ କରାଯାଇଥିଲା। ବୈତାଳି କ୍ଲଷ୍ଟରର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିବସ ସାହୁ ମଧ ଉପସ୍ଥିତ ଥିଲେ। ଶ୍ରୀ ଶତପଥୀ ବିଦ୍ୟାଳୟର ପରିବେଶ ତଥା ଉପାନ୍ତ ଅଞ୍ଚଳରେ ଶିକ୍ଷା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଥିବାରୁ ସିଆରସିସି ଶ୍ରୀ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଉକ୍ତ ବିଦ୍ୟାଳୟରେ ଶୈକ୍ଷିକ ଉନ୍ନତି ସକାଶେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସିଆରସିଙ୍କ ତଥା ପ୍ରଧାନଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ କୋଠରୀରେ ଛାପା ଲେଖା ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ସିସିଟିଭି ସହ ଇଣ୍ଟରନେଟ ସଂଯୋଗ କରାଯାଇଛି। ଯାହାଦ୍ୱାରା ଅଭିଭାବକ ମାନେ ଘରେ ଥାଇ ମୋବାଇଲ ମାଧ୍ୟମରେ ପିଲାଙ୍କ ସ୍ଥିତି ତଥା ପାଠପଢ଼ା ଦେଖି ପାରୁଛନ୍ତି। ବିଦ୍ୟାଳୟରେ ପିଲାମାନଙ୍କ ସୁରକ୍ଷା ପାଇଁ ବଜ୍ରପାତ ଅବରୋଧକ ଯନ୍ତ୍ର, ପକ୍ସୋ ମତାମତ ବାକ୍ସ ଆଦି ସ୍ଥାପନ କରାଯାଇଛି। ବର୍ଷା ଜଳ ସଂରକ୍ଷଣ ପାଇଁ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛତା ଏବଂ ହାତଧୁଆ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟରେ ସାବୁନ ବ୍ୟାଙ୍କ ତିଆରି ହୋଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ସବତ ମହାଲିଙ୍ଗ, ଜୋହନ ବାଗ, ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ପ୍ରମୁଖଙ୍କ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସମସ୍ତଙ୍କ ସମର୍ପିତ ମନୋଭାବ ଯୋଗୁଁ ଏହା ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇପାରିଛି। ସଂକ୍ରି ସେବାଶ୍ରମ ବିଦ୍ୟାଳୟର ମୁଖ୍ୟ ସେବକ ଲଳିତ ମଲ୍ଲିକ ରାଜ୍ୟ ସ୍ତରୀୟ ଦଳକୁ ଧନ୍ୟବାଦ ଅର୍ପଣ କରିଥିଲେ।

## କମଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼, ୪।୧୧(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଆବାସିକ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ମିତ୍ରଭାନୁ କଚ୍ଛପ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲାର ସମସ୍ତ ସାଧନକର୍ମୀଙ୍କ ଠାରୁ ଜିଲ୍ଲାର ସମସ୍ତ ବ୍ଲକରୁ ମୋଟ ୧୪୪ ଜଣ ଛାତ୍ରଛାତ୍ରୀ ତାଲିମ ନେଇଥିଲେ। ଶିକ୍ଷକ ବିକାଶ ରଣା, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଡୋଳାମଣୀ ଶତପଥୀ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଅନୁଭୂତିକୁ ବ୍ୟବହାର କରି ଶିକ୍ଷାର୍ଥୀମାନେ ଆଗକୁ ବଢ଼ିବା ଉଚିତ୍ ବୋଲି ମତ ଦେଇଥିଲେ। ଅଧ୍ୟାପିକା ପାର୍ବତୀ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜାମପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ବୀରେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ



ଅଧ୍ୟାପିକା ଟୁନି ବେହେରା, ଅନୁପମା ପଣ୍ଡା, ଅଧ୍ୟାପକ ରବିନାରାୟଣ ସାହୁ, ଅରବିନ୍ଦ ଦାଶ, ହରେକୃଷ୍ଣ ଦେବତା, ଶ୍ୟାମ ସୁନ୍ଦର ସାହୁ, ସୁଶାନ୍ତ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ଛାୟା ବିଧାନସଭା

ବରଗଡ଼, ୪।୧୧(ସମିସ): ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲ ବରଗଡ଼ରେ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀମାନେ ବାଚସ୍ପତି, ସିକ୍ୟୁରିଟି ଗାର୍ଡ, ଶାସକ ଦଳ, ବିରୋଧୀ ଦଳର ନେତା ଆଦି ଭୂମିକାରେ ଅଭିନୟ କରି ଅବିକଳ ବିଧାନସଭାର କାର୍ଯ୍ୟଧାରା ପ୍ରଦର୍ଶନ କରିଥିଲେ। କୁନିକୁନି ଛାତ୍ରୀମାନେ ସାମ୍ବାଦିକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶାସକ ଦଳ ଓ ବିରୋଧୀ ଦଳର ନେତାଙ୍କଠାରୁ କିପରି ସାକ୍ଷାତକାର ନିଆଯାଇଥାଏ ତାହା ସୁନ୍ଦର ଭାବେ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପିରାମଲ୍ ଫାଉଣ୍ଡେସନର ସଦସ୍ୟା ପୁନମ୍ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀମସେନ୍ ରାଉତ, ଉପସଭାପତି ଗୀତାଞ୍ଜଳି ପ୍ରଧାନ ତଥା ଅନ୍ୟାନ୍ୟ ସଦସ୍ୟବୃନ୍ଦ ଯୋଗଦାନ କରିଥିଲେ। ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତା**

## ଲେବିଡି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସଫଳତା



ବରଗଡ଼, ୪।୧୧(ସମିସ)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ୬୯ ତମ ରାଜ୍ୟ ବିଦ୍ୟାଳୟ ସମୂହ ରଗ୍‌ବି ଫୁଟବଲ୍, ଟେବୁଲ୍ ଟେନିସ ଓ ସ୍କେଟିଂ ପ୍ରତିଯୋଗିତା -୨୦୨୫ ଭୁବନେଶ୍ୱରର ଆଇଆର୍‌ସି ଭିଲେଜ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ଏବଂ ବାଳକ ଦଳରେ ବରଗଡ଼ ଜିଲ୍ଲା ତରଫରୁ ଲେବିଡି ହାଇସ୍କୁଲ, ସୋହେଲାରୁ ଚନ୍ଦନ ବିଶ୍ୱାଳ, ସୋଭିତ୍ ସା, ସ୍ୱାଗତ ଗହୀର, ବବଲୁ ନାଗ, ମୋହିତ ସାହୁ, ସାନନ୍ଦ ଭୁଏ, ସଦାନନ୍ଦ ବର୍ଗେ, ପାଣିମୋରା ହାଇସ୍କୁଲ, ସୋହେଲାର ମାନସ ସେଠ୍ ଆଦି ୮ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ବରଗଡ଼ ଜିଲ୍ଲା ପୁରୀ, ନୟାଗଡ଼, ଗଜପତିକୁ (୨-୦, ୧-୦, ୧-୦) ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଜିଲ୍ଲା ତରଫରୁ ମ୍ୟାନେଜର ଭାବେ ହୃଷିକେଶ ବରିହା ଯୋଗ ଦେଇଥିଲେ। କୋଚ ଭାବେ ଲେବିଡି ହାଇସ୍କୁଲର କ୍ରୀଡା ଶିକ୍ଷକ ଗିରିଧାରୀ ଡନସନାଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ବିନୟ ସୋଏ ଖେଳାଳିମାନଙ୍କ କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଝାରବନ୍ଧ, ୪।୧୧(ସମିସ): ଝାରବନ୍ଧ ବ୍ଲକ ସଭାଗୃହ ଠାରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ବିଜେପି ନେତା ଗୁର୍ଗାପ୍ରସାଦ ଅଗ୍ରୱାଲ, ବିଏସଏସଓ ଆଶିଷ କାଣ୍ଡୁଲାନା, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ଯୁବ ସମାଜସେବୀ ମନୋଜ ପ୍ରଧାନ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡ.ସଞ୍ଜୟ ନାୟକ, ଡ.ଯଦୁମଣି ସାହୁ, ତନୁଜା ପାତ୍ର, ଡ.ପ୍ରଭାତ ରାୱଲ, ଡ.ସନାତନ ସାହୁଙ୍କ ସହିତ ନେପାଳ ଦୁଆନ, ସରୋଜ ସାହୁ, ଗୀତା ବାରିକ, ଫକୀର ଚରଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୭୭ ଜଣ ଆବେଦନକାରୀ ଥିବା ବେଳେ ଏଲଡି ୬୯ ଜଣ, ଭିଆଇ ୧୧ ଜଣ, ଏଚଆଇ ୩୦ ଜଣ, ଏମଆର ୭ ଜଣ, ମେଡିସିନ ୯ ଜଣ, ବସ ପାସ ୮ ଜଣ ଏବଂ ଆରଭିଡିଆଇ ୪୩ ଜଣ ସାମିଲ ଥିଲେ।

# ନୂଆପଡ଼ା ପ୍ରତି ଅନ୍ୟାୟ ହେବାକୁ ଦିଆଯିବନି: ସ୍ନେହାଙ୍ଗିନୀ




## ନବୀନଙ୍କ କାମକୁ ସବୁଠି ମିଳୁଛି ସ୍ୱୀକୃତି

**ନୂଆପଡା,୪।୧୧(ସମିସ):** ମା'ଙ୍କୁ ସମ୍ମାନ,ଗାଁକୁ କାମ ମିଳିବ।ଅଟକି ଯାଇଥିବା ମହିଳା ସଶକ୍ତିକରଣ ପୁଣି ଆଗକୁ ବଢିବ।ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ।ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ। ମଙ୍ଗଳବାର ବିଜେଡି



ପ୍ରାର୍ଥୀନୀ ନୂଆପଡା ବ୍ଲକ୍‌ରେ ଜିଲ୍ଲାପରିଷଦ ଜୋନ-୮ର ୫ଟି ପଞ୍ଚାୟତରେ ପ୍ରଚାର ଅବସରରେ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।ମଙ୍ଗଳବାର ସ୍ନେହାଙ୍ଗିନୀ କୁଲିଆବନ୍ଧା, ଭାନପୁର, ବିରୋମୋଲ, ଜାମପାଣି ଓ ଗୋଡ଼ଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ।ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଶୁଣିଥିଲେ। ଅଞ୍ଚଳର ବିକାଶ ପାଇଁ କ'ଣ ଆବଶ୍ୟକ ପଚାରି ବୁଝିଥିଲେ। ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡିର ବରିଷ୍ଠ ନେତା ଡ. ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ,ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ। ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ। ପ୍ରଚାର ଅଭିଯାନରେ ଶ୍ରୀମତୀ ଛୁରିଆ କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତର ଅନେକ ସ୍ଥାନୀୟ ଗ୍ରାମକୁ ଯାତ୍ରା କରି ବିଜେଡି ସରକାରଙ୍କ ସଫଳ ଗାଥା ଦୋହରାଇଥିଲେ। କୁଲିଆବନ୍ଧାରେ ସେ ବୋଥା, ଘେରେଣ୍ଡିହୀ, ସେନଭଟା, ଧନୋରା,କୁଲିଆବନ୍ଧା ଓ ଧୁମାଧତା ଗ୍ରାମକୁ ଯାଇ ପ୍ରଚାର କରିଥିଲେ। ଭାନପୁରରେ ସେ ମାସାଙ୍କୁଣ୍ଡା, ଚୁହୁରା, ଚିଞ୍ଚିଆନ, ରାଣିଦର୍ହା ଓ ଭାନପୁର, ବିରୋମାଲ ଓ ଦରଲିନୂଆପଡାରେ ପ୍ରଚାର କରିଥିଲେ। ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ। ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ,ଗୋଦଫୁଲ୍ଲା ଓ ଭେରାଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ।



# ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ



**ନୂଆପଡା,୪।୧୧(ସମିସ):** ନୂଆପଡ଼ା ଉପନିର୍ବାଚନ ବଢ଼ିଛି ବିଜେଡିର ବଳ। ଖୁଟବନଭେରା ପଞ୍ଚାୟତରେ ମିଶ୍ରଣ ପର୍ବରେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇ ବିଜୟ ସୁନିଶ୍ଚିତ କରିବା ପାଇଁ ଶପଥ ନେଇଛନ୍ତି।ନୂଆପଡ଼ା ବ୍ଲକ୍ ଭରୁଆମୁଣ୍ଡା ପଞ୍ଚାୟତ ଗୋଧାସଗାଁରେ ଆୟୋଜିତ ମହିଳା ସମାବେଶରେ ବିଜେଡିର ବରିଷ୍ଠ ନେତୃବୃନ୍ଦ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କରିଥିବା ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ଅବଗତ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମହିଳାଙ୍କୁ ଜଙ୍ଗଲ,ଜମି ଓ ଜୀବିକା ଅଧିକାର ଦେଇ ସଶକ୍ତ କରିଛନ୍ତି।ସେହିପରି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଯୋଜନା, ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାବଲମ୍ବନ ନିମନ୍ତେ ଅନେକ ଯୋଜନା ପ୍ରଚଳନ କରିଥିଲେ।କିନ୍ତୁ ବର୍ତ୍ତମାନର ସରକାର ବିଭିନ୍ନ ଯୋଜନାକୁ ବନ୍ଦ କରିବା ଓ ଜନ ମଙ୍ଗଳକାରୀ ଯୋଜନାରୁ ସାଧାରଣ ଜନତାକୁ ବଞ୍ଚିତ କରିବାରେ ବ୍ୟସ୍ତ ବୋଲି କ୍ଷୋଭର ସହ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ମାନସ ମାଡକାମୀ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ଯୋଗଦେଇ ବିଜେଡିକୁ ବିପୁଳ ବିଜୟ ଦେବା ପାଇଁ ନିବେଦନ କରିଥିଲେ। ସମାବେଶରେ ବିଜେଡି କର୍ମୀ, ଯୁବଛାତ୍ର, ସ୍ଥାନୀୟ ଆଦିବାସୀ ଓ ମହିଳାମାନେ ଉପସ୍ଥିତ ଥିଲେ।

● ସେଠ ଯାମପାଣିରେ ବିଶାଳ ଆଦିବାସୀ ସମ୍ମିଳନୀ

# ବିଜେପି ସରକାରଙ୍କ ଏସ୍‌ଟି-ଏସ୍‌ସି ବିରୋଧୀ ନୀତିକୁ ନିନ୍ଦା



**ନୂଆପଡା,୪।୧୧(ସମିସ):** ନୂଆପଡ଼ା ବ୍ଲକ୍‌ସେଠଜାମ୍ପାଣିରେ ବିଶାଳ ଆଦିବାସୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି।ହଜାର ହଜାର ଆଦିବାସୀ ଭାଇ ଭଉଣୀ ମହାସଭାରେ ଯୋଗଦେଇ ବିଜେପି ସରକାରଙ୍କ ଆଦିବାସୀ ଓ ଅନୁସୂଚିତ ଜାତି ଦମନ, ଶୋଷଣ, ଅତ୍ୟାଚାର ନୀତି ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ରାଜ୍ୟସଭା ସାଂସଦ ରାଜ୍ୟସଭା ନିରଞ୍ଜନ ବିଶି , ପୂର୍ବତନ ମନ୍ତ୍ରୀ ଓ ଆଦିବାସୀ ନେତା ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ମୁଜିବୁଲ୍ଲା ଖାନ (ସାଂସଦ ରାଜ୍ୟସଭା), ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ନୂଆପଡା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଅଧ୍ୟକ୍ଷ ଭାନୁ ପ୍ରତାପ ସିଂହ ମାଝି, ରାଜ୍ୟ ସାମାନ୍ୟ ସଚିବ ସାବର ସମାଜ ତେଜରାଜ ସାବର, ବିଷ୍ଣୁ ଭୁଞ୍ଜିଆ, ରୂପସିଂ ଭୁଞ୍ଜିଆ, ତେଜରାଜ ଭୁଞ୍ଜିଆ ସହ ବହୁ ନେତା ସାମିଲ ହୋଇଥିଲେ।ଆଦିବାସୀ ନେତାମାନେ ବିଜେପି ସରକାରକୁ କଡା ସମାଲୋଚନା କରି ଆଦିବାସୀ ଓ ଅନୁସୂଚିତ ଜାତିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସମୃଦ୍ଧି ପାଇଁ ପୂର୍ବରୁ ଚାଲୁ ଥିବା ଯୋଜନାମାନଙ୍କୁ ବିଜେପି ସରକାର ବନ୍ଦ କରିଦେଇଛି। ଆଦିବାସୀ ଉପଯୋଜନା ବନ୍ଦ,ଆଦିମ ଆଦିବାସୀମାନଙ୍କ ପାଇଁ କୌଣସି ନୂଆ ଯୋଜନା ନାହିଁ, କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ଗୋଟିଏ ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇ ନାହିଁ।ଆଦିବାସୀ ଭାଷା ଗୋଣ୍ଡି, ହୋ,କୁଇ,ମୁଣ୍ଡାରୀ, ସାଓରା, ଭୁମିଜ, କୋଶଳୀକୁ ସଂବିଧାନର ଅଷ୍ଟମ ଅନୁସୂଚୀରେସ୍ଥାନ ଦେବାକୁ ବିଜେପି ସରକାର ବିଫଳ ହୋଇଛି ଆଦିବାସୀ ଧର୍ମକୁ ସମ୍ବିଧାନିକ ମାନ୍ୟତା ଦିଆଯାଇ ନାହିଁ।ସମ୍ମିଳନୀରେ ଆଦିବାସୀ ନିଜସ୍ୱ ପରିଚୟ, ଭୂମି, ମୂଲ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବା ନିଷ୍ପତ୍ତି ଗ୍ରହଣ କରିବା ସହିତ ବିଜେପି ଠାରୁ ଦୁରେଇ ରହିବାକୁ ଆହ୍ୱାନ ଦିଆଯାଇଛି।

# ଜୟ ଢୋଲକିଆ ଓ ତାଙ୍କ ମା'ଙ୍କ ମନ୍ତବ୍ୟ ଭିତ୍ତିହୀନ ଓ ଦୁର୍ଭାଗ୍ୟଜନକ: ବିଜେଡି

## ଫାଇଦା ପାଇଁ ପର୍ଟି ପରିବର୍ତ୍ତନ କରି ଜୟ ମିଛ କହୁଛନ୍ତି: ସଞ୍ଜୟ

## ନବୀନ ବାବୁଙ୍କ ଆଶୀର୍ବାଦରେ ରାଜୁ ଭାଇ ମନ୍ତ୍ରୀ ହୋଇଥିଲେ: ଲେଖାଶ୍ରୀ



ବିଜେଡି ବିମାନ ଯୋଗାଡ଼ କରି ପାର୍ଥୀବ ଶରୀର ଚେନ୍ନାଇରୁ ଆଣିଥିଲା

ଚିକିତ୍ସା ଓ ଏକାଦଶାହ ପାଇଁ ଦଳ ବ୍ୟବସ୍ଥା କରିଥିଲା

ବିଜେପି ଚାପରେ ଜୟ ଏପରି ହୀନ ମନ୍ତବ୍ୟ ଦେଉଛନ୍ତି



**ନୂଆପଡା,୪।୧୧(ସମିସ):** ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ତାଙ୍କ ମା' ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯେଉଁ ଅରୁଚିକର,ତଥ୍ୟ ବିହୀନ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଭିତ୍ତିହୀନ ବୋଲି ବିଜେଡି କହିଛି। ବିଜେଡି ଓ ନବୀନ ବାବୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କୁ ଅଣଦେଖା କରିଥିବା ନେଇ ଜୟ ଢୋଲକିଆ ଏବଂ ତାଙ୍କ ମା'ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାର ତୀବ୍ର ନିନ୍ଦା କରିବା ସହ ଜୟଙ୍କ ଅଭିଯୋଗ ଦୁର୍ଭାଗ୍ୟଜନକ ଓ ନିରାଧାର ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା। ରାଜେନ୍ଦ୍ରଙ୍କ ବିଚାରଧାରାକୁ ହତ୍ୟା କରି ଜୟ ଢୋଲକିଆ ବିଜେପିକୁ ଯାଇ ତାହା ମିଛ କହୁଛନ୍ତି। ଜୟ ନିଜ ମନ୍ତବ୍ୟର ଆତ୍ମସମୀକ୍ଷା କରନ୍ତୁ।

ସେହିପରି ଦଳର ବରିଷ୍ଠ ନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବଦଳାଇବା ପରେ ବିଜେଡି ବିରୋଧରେ ଅମୂଳକ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ। ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖି ଜୟ ଢୋଲକିଆ ନିଜ ସ୍ୱାର୍ଥ ପାଇଁ କୌଣସି ଦଳକୁ ବି ଯାଇପାରିବେ। କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଯେଉଁ ଦଳ ସହିତ ତାଙ୍କ ବାପାଙ୍କ ପରିଚୟ ଥିଲା, ଯେଉଁ ନେତାଙ୍କ ସହ ସ୍ୱର୍ଗତ ରାଜୁ ଭାଇ ଦୀର୍ଘ ଦିନ ଧରି କାମ କରିଥିଲେ, ନିଜ ଆନୁଗତ୍ୟ ପ୍ରକାଶ କରି ଆସୁଥିଲେ, ସେହି ଦଳକୁ ହଠାତ କୁତ୍ସାରଟନା କରିବା ହୀନମନ୍ୟତାର ପରିଚୟ। ଏହାକୁ ହୀନ ରାଜନୀତି ବୋଲି କୁହାଯିବ।ରାଜୁ ଭାଇ ତିନି ଥର ବିଧାୟକ ହୋଇଛନ୍ତି,ନବୀନ ବାବୁଙ୍କ ସରକାରରେ ମନ୍ତ୍ରୀ ହୋଇଛନ୍ତି। ଆଜି ଯେଉଁମାନେ ବିଜେଡି ସହ ରାଜୁ ଭାଇଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ କହିବାକୁ ଚାହୁଁ, ବିଜେଡିର ଆଶୀର୍ବାଦ ବିନା ସେ ବିଧାୟକ ହୋଇଥିଲେ କି? ନବୀନ ବାବୁଙ୍କ ସହଯୋଗ ବିନା ସେ କିପରି ମନ୍ତ୍ରୀ ହେଲେ। ଶେଷ ପର୍ଯ୍ୟନ୍ତ ନବୀନ ବାବୁଙ୍କ ସହ ରାଜୁ ଭାଇଙ୍କର ଉତ୍ତମ ସମ୍ପର୍କ ଥିଲା। ନିର୍ବାଚନ ପରାଜୟ ଭୟରେ ଜୟଙ୍କୁ ନେଇ ଏକ ହୀନ ରାଜନୀତିର କାର୍ଡ ଖେଳାଯାଇଛି।ରାଜୁ ଭାଇ ଚେନ୍ନାଇରେ ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ନବୀନ ନିବାସରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ଯାଞ୍ଚ କରାଯାଉଥିଲା। ସେଠାରେ ତାଙ୍କର ଭଲ ଚିକିତ୍ସା ପାଇଁ ବିଜେଡି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।ପରେ ନବୀନ ବାବୁ ନିଜ ଚିକିତ୍ସା ପାଇଁ ମୁମ୍ବାଇ ଗଲେ। ସେ ସମୟରେ ଦୁର୍ଭାଗ୍ୟବଶତଃ ରାଜୁ ଭାଇଙ୍କର ପରଲୋକ ହେଲା। ଏହାପରେ ତାଙ୍କ ମରଶରୀରକୁ ନୂଆପଡ଼ା ଆଣିବା ପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଚାଟାର୍ଡ ବିମାନର ବ୍ୟବସ୍ଥା କରାଯାଇଥିଲା। ତାଙ୍କ ମୃତଦେହ ଆସିବା ପରେ ଅନ୍ତ୍ୟେଷ୍ଟିକ୍ରିୟା କେବଳ ବିଜେଡି ସହଯୋଗରେ ହୋଇଥିଲା। ଏକାଦଶାହରେ ଦଳର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ ଏବଂ ନବୀନ ବାବୁ ଦିଲ୍ଲୀରୁ ଭିଡିଓ କନଫରେନସିଂ ଜରିଆରେ ଯୋଗ ଦେଇଥିଲେ। ଜୟ ଢୋଲକିଆ କେବଳ କାହା ଦ୍ୱାରା ପ୍ରେରିତ ହୋଇ ବିଜେଡି ବିରୋଧରେ ଅଣଦେଖା ଅଭିଯୋଗ କରୁଛନ୍ତି। ବିଜେପିର ପ୍ରାର୍ଥୀ ହେଲା ପରେ ଜୟ ବିଜେଡି ବିରୋଧରେ ବିଷୋଦଗାର କରୁଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ଉପସ୍ଥିତ ଥିଲେ।

# କୋମନା ବ୍ଲକ୍‌ରେ କଂଗ୍ରେସର ମାରାଥନ ପ୍ରଚାର



**ନୂଆପଡ଼ା,୪।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଜୋନ ୩ରେ କଂଗ୍ରେସ ନିର୍ବାଚନୀ ପ୍ରଚାର କରିଛି। ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଜୟ ଲଲୁଙ୍କ ନେତୃତ୍ୱରେ ଟିକ୍ରାପଡ଼ା, ଜେଠୁପାଲି, ଡୁଙ୍ଗୁରିପାଲି, ଜଳମକଟା, ବୁଦ୍ଧିକୋମନା,କାଳିମାଟି, ଠୁଟିବରରେ ପଦଯାତ୍ରା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏଥିରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ବିଧାୟକ ସୁର ରାଉତରାୟ, ରାଜଗାଙ୍ଗପୁର ବିଧାୟକ ଡ଼ରାଜନ ଏକ୍କା,ପୂର୍ବତନ ବିଧାୟକ ଡ଼ାବୁଗାଁ ଭୁଜବଳ ମାଝି,ମାଲକାନଗିରି ପୂର୍ବତନ ବିଧାୟକ ନିମାଇଁ ସରକାର, ଖଡ଼ିଆଳ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ନବରଙ୍ଗପୁର ଯୁବକଂଗ୍ରେସ ସଭାପତି ଅଖିଳ ବାତ୍ରା,ଜିଲ୍ଲା ମେଡିଆ ସେଲ ସଂଯୋଜକ ସୁଧୀର ମିଶ୍ର, ବରିଷ୍ଠ ଯୁବନେତା ରବି ମଙ୍ଗରାଜ, ରୂପକ ତୁରୁ, ଅନିଲ ମଲ୍ଲିକ,ଲମ୍ବୁ ଜାଲ,ଜୋନ ଇନଚାର୍ଜ ଭୀଷ୍ମ ସୁନାନୀ, ଅର୍ଜୁନ ସୁନାନୀ, କୈଳାସ ବାଗ, ଦିଲୀପ ହରିଆ, ନିରାକାର ନାଏକ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଲିଙ୍ଗୀ କରୁଛନ୍ତି ସଚେତନ



**ନୂଆପଡା,୪।୧୧(ସମିସ):** ନୂଆପଡା ବିଧାନସଭା ଉପନିର୍ବାଚନରେ ମତଦାନ ସାବ୍ୟସ୍ତ କରିବା ପାଇଁ ତୃତୀୟ ଲିଙ୍ଗୀ, ଟ୍ରାନ୍ସଜେଣ୍ଡର ମଧ୍ୟ ଅତ୍ୟନ୍ତ ଆଗ୍ରହୀ। ସମସ୍ତ ଭୋଟରଙ୍କୁ ମତଦାନ ଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଅନୁରୋଧ କରୁଛନ୍ତି। ସୂଚନଯୋଗ୍ୟ ଯେ ନୂଆପଡ଼ା ଉପନିର୍ବାଚନରେ ୨୧ ଜଣ ତୃତୀୟ ଲିଙ୍ଗୀ ମତଦାନ କରିବେ।


# ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁକେଶ ମହାଲିଙ୍ଗଙ୍କ ପ୍ରଚାର



**ନୂଆପଡା,୪।୧୧(ସମିସ):** ଉପନିର୍ବାଚନ ଦୁନ୍ଦୁଭି ବାଜିଲା ଦିନ ଠାରୁ ନୂଆପଡା ଜିଲ୍ଲା ସଦର ମହାକୁମା ସମେତ ଜିଲ୍ଲାର ପ୍ରମୁଖ ସହର ଛକ ଜାଗାମାନଙ୍କରେ ସକାଳ ହେଲେ ନେତା, ଅଭିନେତାମାନଙ୍କର ଭିଡ଼ ଜମୁଛି। ନେତାମାନେ ତ ଦିନ ତମାମ ବିଭିନ୍ନ ଗାଁ, ୱାର୍ଡକୁ ଗସ୍ତ କରି ପ୍ରଚାର କରିଥାନ୍ତି। ହେଲେ ସକାଳେ ପ୍ରାତଃ ଭ୍ରମଣ ଆଳରେ ମଧ୍ୟ ନିଜ ନିଜର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି।ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆଜି ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଯାଇ ନୂଆପଡ଼ା ତେଲିପଡାରେ ଏକ ଚା' ଖଟିରେ"ଚାଏପେ ଚର୍ଚ୍ଚା" ମାଧ୍ୟମରେ ଭୋଟରଙ୍କୁ ବିଜେପି କୁ ଭୋଟ ଦେବାକୁ ସଚେତନ କରାଇଛନ୍ତି।

# ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ଶେଷ

**ନୂଆପଡା,୪।୧୧(ସମିସ):** ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ଦ୍ୱିତୀୟପର୍ଯ୍ୟାୟଟ୍ରେନିଂର ମଙ୍ଗଳବାର ଶେଷ ଦିନଥିଲା। ସ୍ଥାନୀୟ ନ୍ୟାସନାଲ ହାଇସ୍କୁଲ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଓ ୱାଟର ସେଡ୍ ସମ୍ମିଳନୀ କକ୍ଷରେ ତାଲିମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଓ ପ୍ରଫୁଲ୍ଲ କୁଜୁରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଓ ମାଷ୍ଟର ଟ୍ରେନରମାନେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ଇଭିଏମ୍,କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାର୍ଟ କାର୍ଯ୍ୟକାରିତା ସମ୍ବନ୍ଧରେ ବିଷଦ ଭାବରେ ତାଲିମ ପ୍ରଦାନ କରିଥିଲେ।



ଜିଲ୍ଲାପାଳ ମଧୁସୁଦନ ଦାଶ ତାଲିମ କେନ୍ଦ୍ରରେ ଉପସ୍ଥିତ ରହି ଅଧିକାରୀଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ ଦେଇଥିଲେ। ତାଲିମ ସମୟରେ ପ୍ରିଜାଇଡିଂ ଅଫିସରମାନେ ୧୦୦ଟି ମକ୍ ଭୋଟ ଦେଇ ଏବଂ ଏହାକୁ ଭିଭିପାଟ ସ୍ଲିପ୍ ସହିତ ମିଳାଇ ମକ୍‌ଡ୍ରିଲ କରିଥିଲେ। ମକ ପୋଲ ସମୟରେ ଭୋଟିଂ ମେସିନ ଓ ଭିଭିପାଟର ଶତ ପ୍ରତିଶତ ସଠିକତା ସୁନିଶ୍ଚିତ ହୋଇଥିଲା। ଭୋଟ ଗ୍ରହଣ ଦିନ ଭୋଟ ଆରମ୍ଭ ପୂର୍ବରୁ ଟିମ୍ ମକ ପୋଲ କରି ତାହାର ରିପୋର୍ଟ ତିଆରି କରିବେ। ଶେଷରେ ସମସ୍ତ ମେସିନକୁ ଦଳ ଏଜେଣ୍ଟଙ୍କ ଉପସ୍ଥିତିରେ ସିଲ କରିବେ। ଭୋଟିଂ ସମୟରେ ମତଦାତା ଇଭିଏମ୍‌ରେ ବଟନ ଦବାଇଲେ, ଭିଭିପାଟରେ ତାଙ୍କ ଭୋଟର ସ୍ଲିପ ୭ ସେକେଣ୍ଡ ପର୍ଯ୍ୟନ୍ତ ଦେଖି ପାରିବେ, ଯାହା ପରେ ସେହି ସ୍ଲିପ୍ ସ୍ୱୟଂକ୍ରିୟ ଭାବେ ବକ୍ସରେ ପଡ଼ିଯିବ। ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ମତଦାତାଙ୍କୁ ଭିଭିପାଟ ମେସିନ କିମ୍ବା ସ୍ଲିପ୍ ଛୁଇଁବାକୁ ଅନୁମତି ଦିଆଯିବ ନାହିଁ।ଯଦି କୌଣସି ମେସିନରେ ଯାନ୍ତ୍ରିକ ତ୍ରୁଟି ହୁଏ ତାହେଲେ ସେକ୍ଟର ଅଫିସରଙ୍କୁ ଶୀଘ୍ର ଜଣାଇବେ। ଭୋଟିଂ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟର ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ଇଞ୍ଜିନିୟରମାନେ ସଦା ପ୍ରସ୍ତୁତ ରହିବେ।ଉତ୍ସର୍ଗୀକୃତ ଭାବରେ ନିଜର ଦାୟିତ୍ୱ ନିର୍ବାହ କରିବାପାଇଁ ସେ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

● ଅବକାରୀ ବିଭାଗର ତଲାସୀ ଅଭିଯାନ

# ୧କୋଟି ୧୨ଲକ୍ଷ ୮୪ ହଜାର ୫୩୬ ଟଙ୍କାର ସାମଗ୍ରୀ ଜବତ

**ନୂଆପଡା,୪।୧୧(ସମିସ):** ନୂଆପଡା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି।ଗତ ୦୩ ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୯୨ ଲିଟର ହାତ ରନ୍ଧା ମଦ, ୪୪ଲିଟର ବାହାର ଭାଟି ମଦ,୩.୬୦୦ ବିଦେଶୀ ମଦ ଏବଂ ୨୩୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧ଲକ୍ଷ ୪୮ହଜାର ଟଙ୍କା ହେବ। ଅଦ୍ୟାବଧି ଅବକାରୀ ବିଭାଗ ୭୭ ଲିଟର ବିଅର, ୪୨ ଲିଟର ବିଦେଶୀ ମଦ,୬୬୧୫ ଲିଟର ହାତ ରନ୍ଧା ମଦ, ୧୩୧୨ଲିଟର ବାହାର ଭାଟି ମଦ ,୬୦କେଜି ଗଞ୍ଜେଇ ଏବଂ ୧,୬୨,୩୫୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧କୋଟି ୧୨ଲକ୍ଷ ୮୪ହଜାର ୫୩୬ଟଙ୍କା ହେବ।ଏହା ସହିତ ପାଞ୍ଚଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛି।ବର୍ତ୍ତମାନ ସୁଦ୍ଧା ୨୧୬ଟି ଅବକାରୀ କେଶ୍ ରୁଜୁ ହୋଇଛି ଓ ୧୧୫ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକ୍ଷକ ଜଣାଇଛନ୍ତି। ନିର୍ବାଚନ ସମୟରେ ବେଆଇନ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସକାଳ
THE SAKALA
www.sakalaepaper.com



# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳମନସ୍କ ହେବେ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଜମି ବିବାଦର ସମାଧାନ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅହଂକାର ମନୋଭାବକୁ ଦୂର କରନ୍ତୁ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ମାନ ସମ୍ମାନ ବୃଦ୍ଧି ପାଇବ। ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୭୦- ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ।
- ୧୯୧୪- ଇଂଲଣ୍ଡ ଏବଂ ଫ୍ରାନ୍ସ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୨୦- ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟିର ସ୍ଥାପନା।
- ୧୯୬୧- ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ନ୍ୟୁୟର୍କ ଯାତ୍ରା କଲେ।
- ୧୯୭୬- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୨୦୧୩- ଇସ୍ରୋ ଦ୍ୱାରା ମଙ୍ଗଳଯାନ-୧ ପ୍ରକ୍ଷେପଣ।

## ଆ-କା-ମା-ବୈ...


କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହ ଜଡ଼ିତ। ସନାତନ ଧର୍ମରେ ଯଦି କୌଣସି ମାସକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ ତାହା ହେଲା କାର୍ତ୍ତିକ ମାସ। ଏହି ମାସରେ ଦୀପ ଦାନ କରିବା ଏବଂ ଗଙ୍ଗାରେ ସ୍ନାନ କରିବାକୁ ବେଶ୍ ଗୁରୁତ୍ୱ ଦିଆଯାଏ। ଏହା କରିବାଦ୍ୱାରା ସବୁ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ମାସରେ ଧର୍ମପ୍ରାଣ



ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି। କୁହାଯାଏ ଯେ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ। ହବିଷ୍ୟାଳୀମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ଜ୍ୱଳନ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ କାର୍ତ୍ତିକ ବ୍ରତର ଉଦ୍‌ଯାପନ କରାଯାଇଥାଏ। ହବିଷ୍ୟାଳିମାନେ ବ୍ରାହ୍ମଣମାନଙ୍କୁ ଛଞ୍ଚା ଦେଇ ଏହି ଦିନ କାର୍ତ୍ତିକ ବ୍ରତ ଉଦ୍‌ଯାପନ କରନ୍ତି। ପୌରାଣିକ କଥାନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁରକୁ ବଧ କରିଥିଲେ। ଏଥିସହ ଏହି ଦିନ ଶ୍ରୀକୃଷ୍ଣ ରାଧାଙ୍କ ସହ ବୃନ୍ଦାବନରେ ରାସକ୍ରୀଡ଼ା କରିଥିବାରୁ ଏହାକୁ ରାସ ପୂର୍ଣ୍ଣିମା କୁହାଯାଏ। ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀକୃଷ୍ଣଙ୍କ ଶରତ ରାସ ଯାତ୍ରା ଆରମ୍ଭ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଉଦ୍‌ଯାପନ ହୋଇଥାଏ। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହିତ ମଧ୍ୟ ଏହା ନିବିଡ଼ ଭାବେ ସମ୍ପୃକ୍ତ। ସହସ୍ରବର୍ଷ ପୂର୍ବେ ଓଡ଼ିଆ ସାଧବ ପୁଅମାନେ ବାଲି, ଜାଭା, ସିଂହଳ ଓ ସୁମାତ୍ରା ଦ୍ୱୀପକୁ ମହାନଦୀବାଟେ ବୋଇତରେ ଆଷାଢ଼ ମାସରେ ବାଣିଜ୍ୟ ପାଇଁ ଯାଉଥିଲେ ଏବଂ କାର୍ତ୍ତିକ ମାସରେ ଧନରତ୍ନ ନେଇ ଫେରୁଥିଲେ। ଏହି ଦିନ ଦାନ କଲେ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଅଛି। କାର୍ତ୍ତିକ ମାସ ସାରା ଦେବଦେବୀଙ୍କ ନିକଟରେ ପୂଜା ଉପାସନା କରାଯାଇଥାଏ। ଏହାଦ୍ୱାରା ଅକାଳ ମୃତ୍ୟୁ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି। ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ଧାରଣ କରିଥିଲେ। ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା। ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସପ୍ତର୍ଷିଙ୍କୁ ରକ୍ଷା କରିଥିଲେ। ସେହିପରି ଶୈବ ମତ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ସଂହାର କରିଥିଲେ ଭଗବାନ ଶିବ। ଯେଉଁଥିପାଇଁ ତାଙ୍କ ନାଁ ତ୍ରିପୁରାରୀ ରହିଛି। ମାସସାରା ହବିଷ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇ ବ୍ରତ ଉଦ୍‌ଯାପନ କରନ୍ତି। ଏହିଦିନ କଦଳୀପଟୁକା ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ ରହିଛି। ପ୍ରତ୍ୟୁଷରୁ ଆବାଳ ବୃଦ୍ଧା ବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାସୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି। ଏହି ଅବସରରେ ଗାଇଥାନ୍ତି 'ଆ - କା - ମା - ବୈ, ପାନ ଗୁଆ ଥୋଇ। ପାନ, ଗୁଆ ତୋର, ମାସକ ଧରମ ମୋର।' ତେବେ ଏହି ଆ - କା - ମା - ବୈର ଅର୍ଥ ହେଉଛି - ଆ - ଆଷାଢ଼, କା - କାର୍ତ୍ତିକ, ମା - ମାଘ, ବୈ - ବୈଶାଖ। ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ଏହିଦିନ ଡଙ୍ଗା ଭସାଇ ଭକ୍ତମାନେ ମନ୍ଦିର ଯାଇ ଦେବାଦେବୀଙ୍କୁ ଦର୍ଶନ କରିଥାନ୍ତି। ଚତୁର୍ଦ୍ଦିଗରୁ ନାମ ସଂକୀର୍ତ୍ତନ ମଧ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। କାର୍ତ୍ତିକ ପୂର୍ଣ୍ଣିମାଠାରୁ କଟକରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହୁଏ। ଏହି ଦିନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

## କିଡ୍‌ନୀ ଉପରେ ପ୍ରଭାବ ପକାଏ ହେୟାର୍ କଲର୍ !

ଆଜିକାଲି କେଶ ରଙ୍ଗ କରିବା ଅତି ସାଧରଣ କଥା ହୋଇଛି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଫେଶନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତେବେ ଅନେକ ବିଶେଷଜ୍ଞଙ୍କ କହିବା କଥା, ବାରମ୍ବାର କେଶକୁ ରଙ୍ଗ କରିବାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିପାରେ। ତେବେ ଚୀନ୍‌ରେ ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାକାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ପ୍ରିୟ ସେଲିବ୍ରିଟିଙ୍କ ଭଳି ଦେଖାଯିବା ଲାଗି ସବୁମାସ ନିଜ କେଶର ରଙ୍ଗ କରୁଥିଲେ। ଧୀରେ ଧୀରେ ଏହାର ଭୟାନକ ପରିଣାମ ଦେଖିବାକୁ ମିଳିଲା। ସମ୍ପୃକ୍ତ ଯୁବତୀଙ୍କର ପାଦରେ ନାଲି ଦାଗ ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏବଂ ପେଟରେ ଯନ୍ତ୍ରଣା ହୋଇଥିଲା। ସେ ହସ୍‌ପିଟାଲ ଯିବାରୁ ତାଙ୍କ କିଡ୍‌ନୀ ଫୁଲି ଯାଇଥିବା ଡାକ୍ତର ତାଙ୍କୁ କହିଲେ। ଏନେଇ ଡାକ୍ତରଙ୍କ କହିବା କଥା, ଲଗାତାର କେଶ ରଙ୍ଗ କରିବାରୁ ଏଭଳି ସମସ୍ୟା ତାଙ୍କୁ ଭୋଗିବାକୁ ପଡ଼ିଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା କଥା, ଅଧିକାଂଶ କେଶ ରଙ୍ଗରେ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ। ଯାହାକି ଦୀର୍ଘ ସମୟ ଶରୀରରେ ଜମା ହୋଇ ରହି କିଡ୍‌ନୀ, ଫୁସ୍‌ଫୁସ୍ ଏବଂ ଲିଭର୍‌କୁ କ୍ଷତି ପହଞ୍ଚାଏ। କେବଳ ସେତିକି ନୁହେଁ, ଏଭଳି ରଙ୍ଗ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ଆଶଙ୍କା ମଧ୍ୟ ବୃଦ୍ଧି ପାଏ। କିଡ୍‌ନୀକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ବାରମ୍ବାର କେଶ ରଙ୍ଗ କରିବାରୁ ଦୂରେଇ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। କେଶ ରଙ୍ଗ ପାଇଁ ହର୍ବାଲ ରଙ୍ଗର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାବାଦ୍ କେଶରେ ରଙ୍ଗ କରିବାବେଳେ ଗ୍ଲୋଭସ୍ ବ୍ୟବହାର କରିବା ଜରୁରି।



## ଆସିବନି 'ତେରେ ନାମ ୨'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହି ଫିଲ୍ମ ଫ୍ଲପ୍ ହେବା ପରେ ଏ. ଆର୍ ମୁରୁଗାଦୋସ ସଲମାନ୍‌ଙ୍କୁ ଦାୟୀ କରିଥିଲେ। ସଲମାନ୍ ମଧ୍ୟ ଏହାର ପାଲଟା ଜବାବ ରଖି ତାଙ୍କୁ ଦାୟୀ କରିଥିଲେ। ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଡୱାଲା ଥିଲେ। ସାଜିଦ୍, ସଲମାନ୍‌ଙ୍କର ପୁରୁଣା ବନ୍ଧୁ। କିଛିଦିନ ପୂର୍ବରୁ ସାଜିଦ୍ ସଲମାନ୍‌ଙ୍କ ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେନାମ'ର ସିକ୍ୱେଲ ଆଣୁଛନ୍ତି ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାର କାହାଣୀ ଲେଖା ଆରମ୍ଭ ହୋଇଥିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ଏବେ 'ତେରେ ନାମ ୨' ଆସିବ ନାହିଁ ବୋଲି ଜଣାପଡ଼ିଛି। କାରଣ ନିଜେ ସାଜିଦ୍ ଏନେଇ କହିଛନ୍ତି- 'ଏହା ପୂରାପୂରି ଗୁଜବ। ମୋ ପୁଅ ଶଶାଙ୍କ ଖେତାନଙ୍କ ଏକ ଫିଲ୍ମରୁ ଡେବ୍ୟୁ କରିବାକୁ ଯାଉଛି ଓ ଏହା 'ତେରେ ନାମ' ଭଳି ହେବ ବୋଲି ମୁଁ କହିଥିଲି। ମୋର ଏହି କଥାକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇ 'ତେରେ ନାମ ୨' ଆସୁଛି ବୋଲି ପ୍ରଚାର କରି ଦିଆଗଲା।' ସାଜିଦ୍ ଓ ସଲମାନ୍ ଏକାଠି 'କିକ୍ ୨' ଫିଲ୍ମରେ କାମ କରୁଛନ୍ତି। ସେହିପରି ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ସମ୍ଭାବନା



## ହ୍ୱାଟ୍ସଆପ୍‌ରେ ଫେସ୍‌ବୁକ୍ ଭଳି ଫିଚର୍

ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍ ଏକ ନୂଆ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥର କମ୍ପାନି ଫେସବୁକ ଭଳି ହ୍ୱାଟ୍ସଆପ୍‌ର କଭର ଫଟୋ ଫିଚର ଉପରେ କାମ କରୁଛି। ଏହା ଦ୍ୱାରା ବ୍ୟବହାରକାରୀ ନିଜ ପ୍ରୋଫାଇଲକୁ ଅଧିକ ବ୍ୟକ୍ତିଗତ ଏବଂ ନିଆରା କରିପାରିବେ। ଏବେ ସୁଦ୍ଧା ବ୍ୟବହାରକାରୀ ପ୍ରୋଫାଇଲ ଫଟୋ ରଖିପାରୁଥିଲେ। ହେଲେ ଏବେ ସେମାନେ ନିଜ ମୁଡ ପର୍ସନାଲିଟି ଏବଂ ଷ୍ଟାଇଲ ହିସାବରେ କଭର ଇମୋଜି ଯୋଡ଼ିପାରିବେ। ଏହି ଫିଚର ବିଟା ଭର୍ସନର ପରୀକ୍ଷଣ ପର୍ଯ୍ୟାୟରେ ଅଛି। ସେହିପରି ହ୍ୱାଟ୍ସଆପ୍‌ରେ କଭର ଫଟୋ ଅପସନ ପ୍ରୋଫାଇଲ ସେଟିଂରେ ଉପଲବ୍ଧ ହେବ। ଫଳରେ ଏହାର ପ୍ରୋଫାଇଲ ଉପରେ ଏକ ବଡ଼ ଇମେଜ ଲଗାଇବାର ସୁବିଧା ପ୍ରଦାନ କରିବ। ସେହିପରି ବ୍ୟବହାରକାରୀ ଏହି କଭର ଫଟୋକୁ ପ୍ରାଇଭେସି ସେଟିଂ ଦ୍ୱାରା କଷ୍ଟମାଇଜ କରିପାରିବେ। ତେବେ ହ୍ୱାଟ୍ସଆପ୍ ବିଜନେସ୍ ପ୍ରୋଫାଇଲ ଫିଚରରେ ଏହା ପୂର୍ବରୁ ଅଛି। ହେଲେ କମ୍ପାନି ଏହାକୁ ସବୁ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛି।




## କେମିତି କହିବେ କଥା



କଥାବାର୍ତ୍ତା କରିବା ଏକ କଳା। କଥା ମାଧ୍ୟମରେ ଜଣକୁ ନିଜ ପ୍ରତି ଆକର୍ଷିତ କରି ହୁଏ। ତେବେ ଅନେକ ଲୋକ ନିଜ କଥାବାର୍ତ୍ତା ମାଧ୍ୟମରେ ଅନ୍ୟକୁ ଆକର୍ଷିତ କରିପାରନ୍ତି ନାହିଁ। ବିଶେଷକରି ବୃତ୍ତିଗତ ଉନ୍ନତି ପାଇଁ ନିଜ କଥାକୁ ପ୍ରଭାବୀ ଢଙ୍ଗରେ ରଖିବାର କଳାକୁ ଜାଣିବା ଖୁବ୍ ଜରୁରି। କଥାବାର୍ତ୍ତା କରିବା ବେଳେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ସେହିପରି ଦୃଷ୍ଟିଆକର୍ଷଣ କରିବା ପାଇଁ ଲମ୍ବା ବା ବଡ଼ ବଡ଼ କଥା କହିବାରୁ ଦୂରେଇ ରୁହନ୍ତୁ। ନିଜ କଥାକୁ ବୁଲେଇ ବଙ୍କେଇ ନ କହି ସିଧା ଓ ସଂକ୍ଷିପ୍ତରେ ପରିପ୍ରକାଶ କରନ୍ତୁ। ଏହାସହ ମିଛ କଥା ନ କହି ତଥ୍ୟଭିତ୍ତିକ କଥାବାର୍ତ୍ତା କରିବା ଭଲ। ସେହିପରି ସର୍ବଦା କଥା କହିବା ବେଳେ ନିଜ ବଡି ଲାଙ୍ଗୁଏଜକୁ ପଜିଟିଭ୍ ରଖିବା ଭଲ। କେବଳ ସେତିକି ନୁହେଁ, କଥାବାର୍ତ୍ତା କରିବା ବେଳେ ଆଖିରେ ଆଖି ମିଶାଇ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତୁ। କଥାରେ ନକାରାତ୍ମକ ପ୍ରଭାବ ଆଣିବାକୁ ଦିଅନ୍ତୁ ନାହିଁ।

## ୨୦୫୦ ସୁଦ୍ଧା ବଢ଼ିବ ଏହି ଟେକ୍ନୋଲୋଜିର ଚାହିଦା



**ଟେକ୍ନୋଲୋଜି ଦିନକୁ ଦିନ ଦ୍ରୁତ ବେଗରେ ବିକଶିତ ହେଉଛି। ଆଗାମୀ ବର୍ଷରେ ଏସବୁର ପ୍ରଭାବ ଲୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇବ। ତେବେ ୨୦୫୦ ସୁଦ୍ଧା ଦୁନିଆ ଯେଉଁ ଦିଗକୁ ଅଗ୍ରଗତି କରୁଛି, ମଣିଷର ଭୂମିକା ଅନେକ ସ୍ଥାନରେ କମ୍ ହେବା କୁହାଯାଉଛି। ବିଶେଷକରି ଏଆଇ, ରୋବଟିକ୍ସ ଭଳି ଅନ୍ୟ କେଉଁ ଟେକ୍ନୋଲୋଜି ପ୍ରଭାବ ବିସ୍ତାର କରିବ, ସେ ସମ୍ପର୍କରେ ଜାଣିବା।**

**ଏଆଇ:** ଏଆଇ ଅର୍ଥାତ୍ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଏବେ ଚାରିଆଡ଼େ ଦେଖିବାକୁ ମିଳୁଛି। ହେଲେ ୨୦୫୦ ସୁଦ୍ଧା ଏହା ଏତେ ଉନ୍ନତ ତଥା ବିକଶିତ ହେବ ଯେ, ଏହା ମଣିଷ ମସ୍ତିଷ୍କ ଭଳି ଚିନ୍ତା କରିବାର କ୍ଷମତା ହାସଲ କରିବ। ଡାକ୍ତର, ଶିକ୍ଷକ, ଡ୍ରାଇଭର, ଏପରିକି ଲେଖକ ଏବଂ କଳାକାରଙ୍କ କାମ ମଧ୍ୟ ଏଆଇ ସିଷ୍ଟମ କରିବ। ପୂର୍ବରୁ ଅନେକ କମ୍ପାନି ଏଭଳି ଏଆଇ ମଡେଲରେ କାମ କରୁଛନ୍ତି। ଯାହାକି ନିଜେ ନିର୍ଣ୍ଣୟ ନେବା, ଡାଟା ବିଶ୍ଳେଷଣ କରିବା ନୂଆ ଜିନିଷ ଶିଖିବାରେ ସକ୍ଷମ।

**ରୋବଟିକ୍ସ:** ଉଦ୍ୟୋଗ କ୍ଷେତ୍ରରେ ରୋବଟ୍‌ର ଉପଯୋଗ ପୂର୍ବରୁ ହେଉଛି। ହେଲେ ଆଗାମୀ ଦିନରେ ଏହା ପ୍ରତ୍ୟେକ କ୍ଷେତ୍ରରେ ନିଜ ସ୍ଥାନ ତିଆରି କରୁଛି। ୨୦୫୦ ସୁଦ୍ଧା ଘର ସଫା କରିବା, ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଚାଷ ଏବଂ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ରେବାଟିକ ଦ୍ୱାରା କରାଯାଇପାରିବ। ହ୍ୟୁମୋନଏଡ୍ ରୋବଟ ମଣିଷ ଭଳି ଦେଖାଯିବ, କଥାବାର୍ତ୍ତା କରିବ ଏବଂ ଲୋକଙ୍କ ଭାବନାକୁ ବୁଝିବ।

**କ୍ୱାଣ୍ଟମ କମ୍ପ୍ୟୁଟିଂ:** ସୁପର୍ କମ୍ପ୍ୟୁଟରଠାରୁ ଲକ୍ଷାଧିକ ଗୁଣ ଦ୍ରୁତ ହେବ କ୍ୱାଣ୍ଟମ କମ୍ପ୍ୟୁଟିଂ। ଏହାର ପ୍ରବେଶ ଦ୍ୱାରା ବିଜ୍ଞାନ, ଚିକିତ୍ସା, ପାଣିପାଗ ଭଳି କ୍ଷେତ୍ରରେ କାନ୍ତିକାରୀ ପରିବର୍ତ୍ତନ ଆସିବ। ଏହି ଟେକ୍ନିକ ଏତେ ଶକ୍ତିଶାଳୀ ହେବ ଯେ, କିଛି ସେକେଣ୍ଡରେ ଜଟିଳ ସମସ୍ୟାର ସମାଧାନ କରିବ।

**ବାୟୋଟେକ୍:** ବାୟୋଟେକ୍ନୋଲୋଜି ମଣିଷ ଓ ମେସିନ ମଧ୍ୟରେ ଥିବା ସୀମାକୁ ଦୂର କରିବ। ୨୦୫୦ ସୁଦ୍ଧା ଏଭଳି ମଣିଷ ହେବେ, ଯେଉଁମାନଙ୍କ ଶରୀରରେ କୃତ୍ରିମ ଅଙ୍ଗ ଓ ଚିପ୍ସ ଲାଗିଥିବ। ଏହା ଦ୍ୱାରା ଶକ୍ତି, ସ୍ମୃତି ଓ ଆୟୁ ବଢ଼ିବ। ଏହି ମଣିଷ ୨.୦ ଯୁଗର ହେବ। ସେହିପରି ମଣିଷ ନିଜ ଜୈବିକ ସୀମାଠାରୁ ଆଗକୁ ବଢ଼ିବ। ତେବେ ଏହି ଟେକ୍ନିକ୍‌ର ବଢ଼ିବା ପ୍ରଭାବ ଯୋଗୁଁ ମଣିଷର ଆବଶ୍ୟକତା ଅନେକ କ୍ଷେତ୍ରରେ କମିଯାଇପାରେ। ମେସିନ, ଦ୍ରୁତ ଓ ଥକ୍କା ରହିତ କାମ କରିବ। ଫଳରେ ବେରୋଜଗାରୀ ବଢ଼ିବ। ଅନ୍ୟପଟେ ଏହା ନୂଆ ଚାକିରି ଅବସର ବି ସୃଷ୍ଟି କରିବ।

## ଚାକିରିରେ ଏଇ ଭୁଲ୍ କରନ୍ତୁନି

**କର୍ମକ୍ଷେତ୍ରରେ କର୍ମଚାରୀଙ୍କୁ ଅନେକ ନୀତି ନିୟମ ମାନି ଚଳିବାକୁ ହୋଇଥାଏ। ସେହିପରି ଜାଣତରେ ହେଉ ବା ଅଜାଣତରେ ଅନେକ କିଛି ଭୁଲ୍ କରି ବସନ୍ତି। ଯାହାକି ଚାକିରି ଜୀବନ ଓ କାମକୁ ପ୍ରଭାବିତ କରେ।**



- ବେଳେ ବେଳେ କର୍ମଚାରୀ ମାଲିକଙ୍କୁ ଖୁସି କରିବା ପାଇଁ ଗୋଟିଏ ସମୟରେ ଅନେକ କାମ କରି ବସନ୍ତି। ଏଭଳି କରିବାରୁ ନିବୃତ୍ତ ରହିବା ଉଚିତ। ଏହା ଦ୍ୱାରା କାମ ଠିକ୍‌ରେ ପୂରା ହୁଏ ନାହିଁ।
- ଅଫିସ୍‌ରେ ଅନେକ ସମୟରେ କର୍ମଚାରୀ ନିଜ ହିସାବରେ କାମ କରନ୍ତି। ଅନ୍ୟମାନଙ୍କ ମତାମତ ନେବାକୁ ଭୁଲି ଯାଆନ୍ତି। ତେବେ କିଛି ନୂଆ ଶିଖିବା ଲାଗି ଫିଡ୍‌ବ୍ୟାକ୍ ନେବା ଜରୁରି।
- କୌଣସି ଭୁଲ ହୋଇଗଲେ ଝଗଡ଼ା ନ କରି ନିଜ ଭୁଲ୍ ସ୍ୱୀକାର କରନ୍ତୁ। ସେହି ଭୁଲ୍ ଯେଭଳି ପୁଣି ନ ହେବ, ସେ ଦିଗରେ ଯତ୍ନବାନ ହୁଅନ୍ତୁ।
- ଯୋଗ୍ୟତା ଓ ଉନ୍ନତି କାମର ଗୁଣବତ୍ତା ଉପରେ ନିର୍ଭର କରେ। ତେଣୁ ଅଫିସ୍‌ରେ ଧ୍ୟାନ ନିଜ କାମ ଉପରେ ଦେବା ଦରକାର।
- ଅନ୍ୟ ସହିତ ନିଜକୁ ତୁଳନା କଲେ କେବେ ବି ଖୁସିରେ ରହିପାରିବେ ନାହିଁ। ତେଣୁ ନିଜ ଉପରେ ଏବଂ ନିଜ କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଭଲ।
- ନୂଆ ଚାକିରିରେ କିଛି ନୂଆ ଶିଖିବା ଉପରେ ଧ୍ୟାନ ଦିଅନ୍ତୁ। କିଛି ସନ୍ଦେହ ଥିଲା ପ୍ରଶ୍ନ କରିବା ଭଲ। ଅବଶ୍ୟ ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରିବା ଅନୁଚିତ।
- ଅଫିସ୍ ପରିପାଟୀ ଉପରେ ଧ୍ୟାନ ଦିଅନ୍ତୁ। କାରଣ ଡ୍ରେସିଂ ପ୍ରଫେସନାଲ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏ।

## ମହିଳା ବିଶ୍ୱକପ୍ କ୍ରିକେଟ୍-୨୦୨୫

# ଆଇସିସି ଟିମ୍‌ରେ ଭାରତର ମନ୍ଧାନା, ଜେମିମା ଓ ଦୀପ୍ତି







ମୁମ୍ବଇ,୪।୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତ ନଭି ମୁମ୍ବାଇରେ ଶେଷ ହୋଇଥିବା ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଛି। ଏହି ଅବସରରେ ଆଇସିସି ପକ୍ଷରୁ ଟିମ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଚୟନ କରାଯାଇଛି। ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଥିବା ଟିମ୍‌ରେ ୫ଟି ଦେଶର ଖେଳାଳିଙ୍କୁ ସ୍ଥାନ ମିଳିଛି। ରନର୍ସ ଅପ୍ ଦକ୍ଷିଣ ଆଫ୍ରିକାର ଅଧିନାୟିକା ତଥା ଓପନର ଲୌରା ୱଲଭାର୍ଟଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ସେ ସର୍ବାଧିକ ୫୭୧ ରନ୍ କରିଥିଲେ। ଏହି ଦେଶର ଫାଷ୍ଟ ବୋଲିଂ ଅଲରାଉଣ୍ଡର ମାରିଜାନ କାପ୍ ଓ ନାଦିନ୍ ଡି କ୍ଲେର୍କଙ୍କୁ ସାମିଲ କରାଯାଇଛି। ଚାମ୍ପିଅନ ଭାରତୀୟ ଦଳର ମଧ୍ୟ ୩ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ୪୩୪ ରନ୍ କରିଥିବା ଓପନର ସ୍ମୃତି ମନ୍ଧାନା, ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଅଲରାଉଣ୍ଡର ଦୀପ୍ତି ଶର୍ମା ଏବଂ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ, ଆଶ୍‌ଲେ ଗାର୍ଡନର ଓ ଆଲାନା କିଙ୍ଗ୍, ପାକିସ୍ତାନର ୱିକେଟ ରକ୍ଷକ ସିଦ୍ରା ନୱାଜ, ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକ୍ଲେଷ୍ଟୋନଙ୍କୁ ୧୧ ଜଣିଆ ଦଳରେ ସ୍ଥାନ ମିଳିଛି। ଇଂଲଣ୍ଡର ନାଥାଲି ସିଭର-ବ୍ରଣ୍ଟ ଦ୍ୱାଦଶ ଖେଳାଳିରେ ରହିଛନ୍ତି।

### ମନୋନୀତ ଦଳ

ସ୍ମୃତି ମନ୍ଧାନା (ଓପନର): ରନ୍- ୪୩୪, ହାରାହାରି-୫୪.୨୫, ଶତକ-୧, ଅର୍ଦ୍ଧଶତକ-୨, ଲୌରା ୱଲଭାର୍ଟ (ଓପନର): ରନ୍- ୫୭୧, ହାରାହାରି-୭୧.୩୭, ଶତକ-୨, ଅର୍ଦ୍ଧଶତକ-୩, ଜେମିମା ରୋଡ୍ରିଗ୍ସେଜ୍ (ବ୍ୟାଟର ନଂ-୩): ରନ୍ ୨୯୨, ହାରାହାରି-୫୮.୪୦, ଶତକ-୧, ଅର୍ଦ୍ଧଶତକ-୧, ମାରିଜାନ କାପ୍ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୦୮, ହାରାହାରି-୨୯.୭୧, ଅର୍ଦ୍ଧଶତକ-୨, ୱିକେଟ-୧୨, ହାରାହାରି-୨୦.୨୫, ଆଶ୍‌ଲେ ଗାର୍ଡନର (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୩୨୮, ହାରାହାରି-୮୨, ଶତକ-୨, ଅର୍ଦ୍ଧଶତକ-୧, ୱିକେଟ-୭, ହାରାହାରି-୩୭.୮୫, ଦୀପ୍ତି ଶର୍ମା (ସ୍ପିନ୍ ବୋଲିଂ ଅଲରାଉଣ୍ଡର): ରନ୍-୨୧୫, ହାରାହାରି-୩୦.୭୧, ଅର୍ଦ୍ଧଶତକ-୩, ୱିକେଟ-୨୨, ହାରାହାରି-୨୦.୪୦, ୱିକେଟ-୨୨, ହାରାହାରି-୨୦.୪୦, ଆନାବେଲ ସଦରଲାଣ୍ଡ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୧୧୭, ହାରହାରି-୨୯.୨୫, ଅର୍ଦ୍ଧଶତକ-୧, ୱିକେଟ-୧୭, ହାରାହାରି-୧୫.୮୨ , ନାଦିନ୍ ଡି କ୍ଲେର୍କ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୨୦୮, ହାରାହାରି-୫୨, ଅର୍ଦ୍ଧଶତକ-୧, ୱିକେଟ-୯, ହାରାହାରି-୨୬.୧୧, ସିଦ୍ରା ନୱାଜ (ୱିକେଟ ରକ୍ଷକ): ଡିସ୍‌ମିସାଲ-୮, ୪ କ୍ୟାଚ୍, ୪ ଷ୍ଟମ୍ପିଂ, ରନ୍-୬୨, ହାରାହାରି-୨୦.୬୬, ଆଲାନା କିଙ୍ଗ୍ (ଲେଗସ୍ପିନର): ୱିକେଟ-୧୩, ହାରାହାରି- ୧୭.୩୮, ସୋଫି ଇକ୍ଲେଷ୍ଟୋନ୍ (ବାମହାତୀ ସ୍ପିନର): ୱିକେଟ-୧୬, ହାରାହାରି-୧୪.୨୫, ନାଥାଲି ସିଭର-ବ୍ରଣ୍ଟ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୬୨, ହାରାହାରି-୪୩.୬୬, ଶତକ-୧, ଅର୍ଦ୍ଧଶତକ-୧, ୱିକେଟ-୯, ହାରାହାରି-୨୯.୩୩।

### ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କଠାରୁ ଶୀର୍ଷ ମାନ୍ୟତା ଛଡ଼ାଇନେଲେ ଲୌରା

ଦୁବାଇ, ୪।୧୧ (ଏଜେନ୍ସି): ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନ ହରାଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକାର ଅଧିନାୟିକା ଲୌରା ୱଲଭାର୍ଟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ବିଶ୍ୱକପ୍‌ରେ ଟପ୍ ସ୍କୋରର୍ ରହିଥିବା ଲୌରା ୩ୟରୁ ପ୍ରଥମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଶେଷ ହୋଇଥିବା ମହିଳା ବିଶ୍ୱକପ୍‌ରେ ଲୌରା ୯ଟି ମ୍ୟାଚରୁ ୫୭୧ ରନ ସଂଗ୍ରହ କରିଥିଲେ। ଯାହାକି ତାଙ୍କୁ ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍‌ର ମାନ୍ୟତା ଦେଇଥିଲା। ସେହିଭଳି ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ଜେମିମା ରୋଡ୍ରିଗ୍ସେଜ ର୍‍ୟାଙ୍କିଙ୍ଗରେ ଏକାଥରକେ ୯ଟି ସ୍ଥାନ ଲମ୍ଫ ପ୍ରଦାନ କରି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ବର୍ତ୍ତମାନ ୧୦ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ୧୭ରୁ ୧୩ତମ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆର ଫୋଏବି ଲିଚଫିଲ୍ଡ ମଧ୍ୟ ୨୬ରୁ ୧୩ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମ ସ୍ଥାନରେ ସ୍ଥିର ରହିଛନ୍ତି। ବିଶ୍ୱକପ୍‌ରେ ଦୀପ୍ତି ସର୍ବାଧିକ ୨୨ଟି ୱିକେଟ୍ ନେଇଥିଲେ। ବୋଲିଂ ତାଲିକାରେ ସୋଫି ଇକଲେଷ୍ଟୋନ, ମାରିଜାନ କାପ୍ପ, ଆଲାନ କିଙ୍ଗ୍ ଓ ଆସଲେ ଗାର୍ଡନର ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

### ସିକେ ନାଇଡୁ ଟ୍ରଫି

## ପରାଜୟ ଆଶଙ୍କାରେ ଓଡ଼ିଶା

ଭୁବନେଶ୍ୱର,୪।୧୧(ସମିସ): କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡଉ ଟ୍ରଫିରେ ଭ୍ରମଣକାରୀ ବିଦର୍ଭ ଆୟୋଜକ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୯୨ ରନ୍‌ରେ ଟପ୍ ୪ଟି ୱିକେଟ ହରାଇ ପରାଜୟ ଆଶଙ୍କାରେ ରହିଛି। ଓପନର ଓମ୍‌ଟି ମୁଣ୍ଡେ ୫୦ ରନ୍ କରି ଓଡ଼ିଶାର ସଂଘର୍ଷ ଜାରି ରଖିଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ୧୭ ରନ୍ କରି ଆଉଟ ହୋଇଛନ୍ତି। ଦଳ ଶୀର୍ଷ ଖେଳାଳିଙ୍କୁ ସହଜରେ ହରାଇବା ଫଳରେ ଏହି ମ୍ୟାଚ ଉପରୁ ନିୟନ୍ତ୍ରଣ ହରାଇଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ଓଡ଼ିଶାକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୨୬୩ ରନ୍ ଆବଶ୍ୟକ କରୁଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଦର୍ଭର ୧୬୬ ରନ୍ ଜବାବରେ ଘରୋଇ ମାଟିରେ ଖେଳି ମଧ୍ୟ ଓଡ଼ିଶା ମାତ୍ର ୧୨୮ ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଭିଷେକ ଅଗରୱାଲଙ୍କ ୧୩୪ ଓ ଜଗଜୋତଙ୍କ ୫୪ ରନ୍ ବଳରେ ବିଦର୍ଭର ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆୟୁଷ ବାରିକ୍ ୩ଟି ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ୱିକେଟ ପାଇଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୩୮ ରନ୍‌ରେ ଆଗୁଆ ଥିବା ବିଦର୍ଭ ଘରୋଇ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

### ରାଜ୍ୟ ମହିଳା ଚେସ୍ ଉଦ୍‌ଯାପିତ

## ଯଶିତା ଚାମ୍ପିଅନ, ସ୍ମାରକୀ ରନର୍ସ ଅପ୍

ଭୁବନେଶ୍ୱର,୪।୧୧(ସମିସ) : କେନ୍ଦ୍ରାପଡ଼ାରେ ଚାଲିଥିବା ଫିଡେ ରେଟିଂ ରାଜ୍ୟ ମହିଳା ଚେସ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ଯଶିତା ରାଉତ ଚାମ୍ପିଅନ ଓ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସ ଅପ୍ ହୋଇଛନ୍ତି। କଟକର ଦୁଇ ଖେଳାଳି ଜୟଲକ୍ଷ୍ମୀ ସାହୁ ଓ ଜ୍ୟୋତିକା ସାହୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ୪ଜଣ ଓଡ଼ିଶାକୁ ଜାତୀୟ ମହିଳା ଚେସ୍ ଚାମ୍ପିଅନସିପ୍‌ରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତାମାସ ଦୁର୍ଗାପୁରରେ ଖେଳାଯିବ। ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଯଶିତା ଓ ସ୍ମାରକୀ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସ୍ମାରକୀଙ୍କୁ ପଛରେ ପକାଇ ଯଶିତା ପ୍ରଥମ ହୋଇଥିଲେ। କଟକର ଜୟଲକ୍ଷ୍ମୀ ୬ ପଏଣ୍ଟ ଓ ୧୩ ବର୍ଷରୁ କମ୍ ଖେଳାଳି ଜ୍ୟୋତିକା ୫.୫ ପଏଣ୍ଟ ପାଇ




ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ୫ମରୁ ଏକାଦଶ ସ୍ଥାନ ହାସଲ କରିଥିବା ଖେଳାଳିମାନେ ପ୍ରତ୍ୟେକ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ୧୩ ବର୍ଷରୁ କମ୍ ବୟସର ଆଉ ଦୁଇଜଣ ଖେଳାଳି କଟକର ନିଭ୍ରିତା ପଟ୍ଟନାୟକ ୫ମ, ଖୋର୍ଦ୍ଧାର ନୟନିକା ସାହୁ ୬ଷ୍ଠ ସ୍ଥାନରେ ରହିଥିଲେ। ଗଜପତିର ଦଳପତି ଉମା ୭ମ, କଟକର ୯ ବର୍ଷରୁ କମ୍ ଖେଳାଳି ସ୍ନେହସ୍ମିତା ରାମ ୮ମ, ତୃତୀୟ ସିଡ୍ କଟକର ଗୀତାଶ୍ରୀ ବିଶ୍ୱାଳ ୯ମ, ଆଉ ଦୁଇ ଜଣ ୯ ବର୍ଷରୁ କମ୍ ଖେଳାଳି କଟକର ଆର୍ଯ୍ୟା ମହାନ୍ତି ୧୦ମ ଓ ଖୋର୍ଦ୍ଧାର ଶ୍ରୁଜନୀ ଷଡଙ୍ଗୀ ଏକାଦଶ ସ୍ଥାନ ଅଧିକାର କରିଥିଲେ। ୩୧ଜଣ ଖେଳାଳିଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାରାହାରି ରେଟିଂ ଥିଲା ୧୪୪୪। ଆଇଏ ଭବେଶ ମହାନ୍ତି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଥିଲାବେଳେ ଆଇଏ ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର ରହିଥିଲେ। ଅଭିଷେକ ଆଚାର୍ଯ୍ୟ ଡେପୁଟି ଚିଫ୍ ଆର୍ବିଟର ଓ ଏସ୍‌ଏନ୍‌ଏ ରବି କୁମାର ଏନ୍ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ।

## ନଭେମ୍ବର ୨୩ରେ ଟାଟା ଷ୍ଟିଲ୍ ଯୋଡ଼ା ରନ-ଏ-ଥନ୍

ଭୁବନେଶ୍ୱର, ୪।୧୧ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୨୩ରେ ଅନୁଷ୍ଠିତ ହେବ। କେନ୍ଦୁଝରର ଯୋଡ଼ାଠାରେ ଆୟୋଜିତ ହେବାକୁ ଥିବା ଏହି ଦୌଡ଼ ପ୍ରତିଯୋଗିତାର ଚଳିତ ବର୍ଷର ବିଷୟ ବସ୍ତୁ 'ପ୍ରତି ପାଦ ଏକ ସବୁଜ ଭବିଷ୍ୟତ ଆଡ଼କୁ' ରହିଛି। ଟାଟା ଷ୍ଟିଲ୍ ଓ ମାଇନ୍ସ ଆଣ୍ଡ କ୍ୱାରିଜ (ଓଏମ୍‌କ୍ୟୁ) ଡିଭିଜନର ଏହି ସିଗ୍ନେଚର କାର୍ଯ୍ୟକ୍ରମ ନଭେମ୍ବର ୨୩ ସକାଳ ୬ଟାରୁ କେନ୍ଦ୍ରୀୟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏଥର ୧୦ କିମି (ପୁରୁଷ ଓ ମହିଳା), ୫ କିମି (ବାଳକ ଓ ବାଳିକା) ଏବଂ ଏକ ଅଣପ୍ରତିଯୋଗିତାମୂଳକ ୨ କିମି (ଦିବ୍ୟାଙ୍ଗ) ଭଳି ୩ଟି ପ୍ରତିଯୋଗିତାମୂଳକ ଦୌଡ଼ ରହିଛି। ଚଳିତ ସଂସ୍କରଣରେ ମୋଟ୍ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରହିଛି ବୋଲି ଓଏମ୍‌କ୍ୟୁର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଓ ଟାଟା ଷ୍ଟିଲ୍ ଯୋଡ଼ା ଚିଫ୍ ରାଜେଶ କୁମାର କହିଛନ୍ତି।

**ଏଥର ୫.୬୭ ଲକ୍ଷ ପୁରସ୍କାର ରାଶି**

## ପାକିସ୍ତାନର ହାରିସ ରୌଫ୍ ସସ୍‌ପେଣ୍ଡ

ଦୁବାଇ,୪।୧୧(ଏଜେନ୍ସି): ୟୁଏଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟରେ ଅଶୋଭନୀୟ ଆଚରଣ ଓ ଅଣଖେଳୱାଡ ମନୋଭାବ ପୋଷଣ କରିଥିବା ପାକିସ୍ତାନର ଫାଷ୍ଟ ବୋଲରଙ୍କୁ ଆଇସିସି ମ୍ୟାଚ୍ ରେଫରୀ ଏଲିଟ ପ୍ୟାନେଲ ଦୋଷୀ ସାବ୍ୟସ୍ତ କରିଛି। ଖେଳାଳିଙ୍କ ଲାଗି ଥିବା ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ରଫ୍‌ଙ୍କୁ ୪ଟି ଡିମେରିଟ ପଏଣ୍ଟ ଦିଆଯିବା ସହ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ସସ୍‌ପେଣ୍ଡ କରାଯାଇଛି। ଏହା ଫଳରେ ସେ ଦକ୍ଷିଣ ଆଫ୍ରିକା ସହ ନଭେମ୍ବର ୪ ବା ଆଜି ଓ ୬ରେ ଖେଳାଯିବାକୁ ଥିବା ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଭାରତ ବିପକ୍ଷ ସେପ୍ଟେମ୍ବର ୧୪ ଓ ୨୬ରେ ଖେଳାଯାଇଥିବା ମ୍ୟାଚ୍‌ରେ ରୌଫ୍‌ଙ୍କ କାରନାମା ଦେଖିବାକୁ ମିଳିଥିଲା। ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖେଳକୁ ରାଜନୈତିକ ରୂପ ଦେଇଥିବାରୁ ତାଙ୍କର ୩୦ ଶତକଡ଼ା ମ୍ୟାଚ୍ ଫି କାଟି ନିଆଯାଇଛି। ଅର୍ଦ୍ଧଶତକ ପରେ ବନ୍ଧୁକ ଫୁଟାଇବା ଷ୍ଟାଇଲରେ ସିଲେବ୍ରେସନ କରିଥିବା ସାହିବଜାଦା ଫରହାନ୍‌ଙ୍କୁ ଚେତାବନୀ ଦିଆଯିବା ସହ ଗୋଟିଏ ଡିମେରିଟ ପଏଣ୍ଟ ପାଇଛନ୍ତି। କିନ୍ତୁ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ଚେତାବନୀ ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦଣ୍ଡ ମିଳିବା ପରେ ତାହାକୁ ସେ ମାନି ନେଇଥିଲେ। ଫଳରେ ଏହାର ଆଉ ଶୁଣାଣି କରିବାକୁ ପଡ଼ି ନ ଥିଲା। ଅର୍ଶଦୀପ ସିଂହଙ୍କ ଆଚରଣ ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁ ନ ଥିବାରୁ ତାଙ୍କୁ କେବଳ ଚେତାବନୀ ଦେଇ ଛାଡିଦିଆଯାଇଛି।

### ରାଇଜିଂଷ୍ଟାର ଏସିଆ କପ୍

## ଜିତେଶଙ୍କୁ ଭାରତ-ଏ'ର ନେତୃତ୍ୱ

ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତ ପକ୍ଷରୁ ଟି-୨୦ ସିରିଜ୍ ଖେଳୁଥିବା ୱିକେଟରକ୍ଷକ ଜିତେଶ ଶର୍ମାଙ୍କୁ କତାରରେ ଖେଳାଯିବାକୁ ଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତ-ଏ' ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୮ଟି ଦଳକୁ ନେଇ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ। ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ଆଇପିଏଲ୍ ସେନସେସନ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ଓପନର ଭାବେ ସ୍ଥାନ ମିଳିଛି।

**ଭାରତୀୟ ଦଳ** : ଜିତେଶ ଶର୍ମା (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ନେହାଲ ୱାଧେରା, ନମନ ଧୀର, ସୂର୍ଯ୍ୟାଂଶ ଶେଦ୍‌ଜେ, ରମଣଦୀପ ସିଂହ, ଆଶୁତୋଷ ଶର୍ମା, ଅଭିଷେକ ପୋରେଲ, ଗୁରଜାପନୀତ୍ ସିଂହ, ଯଶ ଠାକୁର, ବିଜୟକୁମାର ବ୍ୟାସକ, ଯୁଦ୍ଧବୀର ସିଂହ ଚରକ, ସୂୟାଶ ଶର୍ମା ଓ ହର୍ଷ ଦୁବେ।

## କ୍ରୀଡ଼ାର ଉନ୍ନତି ପାଇଁ କାମ କରିବେ ଏସ୍‌ଏସ୍‌ଏ ଓ ଜିଏଏଫ୍



ଭୁବନେଶ୍ୱର, ୪।୧୧ (ସମିସ): ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ (ଏସ୍‌ଏସ୍‌ଏ) ବ୍ୟାନର ତଳେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କ୍ରୀଡ଼ାକ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ। ଟେନିସ କିମ୍ବଦନ୍ତୀ ତଥା ଖେଳରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗ୍ଲେନମାର୍କ ଆକ୍ୱାଟିକ ଫାଉଣ୍ଡେସନ (ଜିଏଏଫ୍)ର ପ୍ରତିଷ୍ଠାତା ନେହା ସାଲଡାନା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଏକ ଅନ୍ତର୍ଜାତୀୟ ପ୍ରଶିକ୍ଷକ ବିନିମୟ ଏବଂ ଆଥଲେଟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଜିଏଏଫ୍ ଏବଂ ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା କିଟ୍ ଓ କିସ୍‌ର ଖେଳାଳିମାନଙ୍କ ଗୁଣାତ୍ମକ ବିକାଶ ହେବା ସହିତ ସେମାନଙ୍କୁ ଏକ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷଣ ଦେବାରେ ସହାୟତା କରିବ। ଲିଆଣ୍ଡର ଏହି ସହଯୋଗରେ ଆନନ୍ଦ ପ୍ରକାଶ କରିବା ସହିତ ଆଗାମୀ ୧୫ ବର୍ଷ ମଧ୍ୟରେ ୨.୫ ଲକ୍ଷ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବାରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ସହୋଦୟ ଆନ୍ତଃସ୍କୁଲ ଖୋଖୋ ଉଦ୍‌ଯାପିତ

## ଟ୍ରଫି ଜିତିଲେ ବିକାଶ ଓ ସାଇ

ଭୁବନେଶ୍ୱର,୪।୧୧(ସମିସ) : ସହୋଦୟ ଆନ୍ତଃସ୍କୁଲ ଖୋ ଖୋ ଚାମ୍ପିଅନସିପ୍ ବିଜେଇଏମ୍-୨ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ଓ ୟୁନିଟ୍-୮ ଡିଏଭି ସ୍କୁଲ୍ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ ଓ ଆୟୋଜକ ବିଜେଇଏମ୍ ରନର୍ସ ଅପ୍ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସର ୨୦ଟି ସ୍କୁଲର ୩୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ବକ୍ସି ଜଗବନ୍ଧୁ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ ଜେନା ଓ ଉପସଭାପତି ଡ. ନିରଞ୍ଜନ ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜକ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଓ ଡାକ୍ତର ରଣଜିତ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ




ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ସମସ୍ତ ସମ୍ମାନିତ ବ୍ୟକ୍ତିବିଶେଷ, ସମସ୍ତ ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ରେଫରି, ଶିକ୍ଷକ, ପ୍ରଶିକ୍ଷକ, ଖେଳ ଶିକ୍ଷକ ଓ ଆୟୋଜକ ବିଦ୍ୟାଳୟର କର୍ମଚାରୀଙ୍କୁ ଆୟୋଜକଙ୍କ ପକ୍ଷରୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଓଡ଼ିଶା ଦଳରେ ପ୍ରଶାନ୍ତ, ଜାମଲା ସାମିଲ

କଟକ,୪।୧୧(ସମିସ): ବିଦର୍ଭ ସହ ନାଗପୁରରେ ଚତୁର୍ଥ ଲିଗ୍ ମ୍ୟାଚ୍ ଲାଗି ଫାଷ୍ଟ ବୋଲର ପ୍ରଶାନ୍ତ ରଣା ଓ ବାମହାତୀ ସ୍ପିନର ଜାମଲାଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ଆନ୍ଧ୍ରଠାରୁ ଇନିଂସ ପରାଜୟ ବରଣ କରିଥିବା ଦଳରୁ ସୁନୀଲ ରାଉଳଙ୍କୁ ବାଦ୍ ଦିଆଯାଇଛି। ଏହି ମ୍ୟାଚ୍‌ଟି ନଭେମ୍ବର ୮ରୁ ୧୧ ଯାଏ ଖେଳାଯିବ।

**ଓଡ଼ିଶା ଦଳ** : ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ସୌରଭ ଗୌଡ଼ା, ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତାରିଣୀ ସ,ତାପସ ଦାସ,ପ୍ରଶାନ୍ତ ରଣା ଓ ଜାମଲାଭଞ୍ଜନ ମହାପାତ୍ର।

### ରଣଜୀ ଟ୍ରଫି

## ଲଜ୍ଜା: ଓଡ଼ିଶାର ଇନିଂସ୍ ପରାଜୟ

କଟକ,୪।୧୧(ସମିସ)



ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଲଜ୍ଜାଜନକ ରହିଛି। ଘରୋଇ ପରିବେଶରୁ ଫାଇଦା ଉଠାଇବା ପରିବର୍ତ୍ତେ ଓଡ଼ିଶା କ୍ରମାଗତ ଭାବେ ବାରବାଟୀରେ ପରାଜୟ ତାଲିକା ବଢ଼ାଇ ଚାଲିଛି। ଏଠାରେ ମଙ୍ଗଳବାର ଶେଷ ହୋଇଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଇନିଂସ୍ ଓ ୫୦ରନରେ ଓଡ଼ିଶାକୁ ହରାଇଛି। ରାଜ୍ୟ ବରିଷ୍ଠ ଦଳର ଏଭଳି ପ୍ରଦର୍ଶନ ଚିନ୍ତାଜନକ ହୋଇଛି। ପ୍ରଥମ ୩ଟି ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଏ ଟେବଲର ୭ମ ସ୍ଥାନକୁ ଖସିଛି। ଆସନ୍ତା ୮ ତାରିଖରୁ ୪ର୍ଥ ମୁକାବିଲାରେ ଦଳ ନାଗପୁର ଗ୍ରାଉଣ୍ଡରେ ଶକ୍ତିଶାଳୀ ବିଦର୍ଭକୁ ଭେଟିବ। ଏହି ମ୍ୟାଚ୍‌ରେ ଆନ୍ଧ୍ରର ସୌରଭ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍‌ରେ ୧୨୩.୧ ଓଭର ଖେଳି ୭ ୱିକେଟ ହରାଇ ୪୭୫ରନ୍ ସଂଗ୍ରହ କରିଥିବା ବେଳେ ପାଳି ଘୋଷଣା କରିଥିଲା। ତେବେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୧୫୧ରନରେ ଅଲଆଉଟ ହୋଇ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ଡାକରା ପାଇଥିଲା। ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିବା ସହ ଦୃଢ଼ ସ୍ଥିତିରେ ରହିଥିଲା। ଗୌରବ ଚୌଧୁରୀ ୭୯ରନ ଏବଂ ଗୋବିନ୍ଦ ପୋଦ୍ଦାର ୪ରନରେ ଅପରାଜିତ ଥିଲେ। ଆଜି ଅନ୍ତିମ ଦିନରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ଅଭିମୁଖେ ଅଗ୍ରସର କରାଇବ ବୋଲି ଆଶା କରାଯାଉଥିଲା। ହେଲେ ଆଜି ଖେଳ ଆରମ୍ଭର ୩ୟ ଓଭରରେ ଓଡ଼ିଶାକୁ ୩ୟ ଝଟ୍‌କା ଲାଗିଥିଲା। ବ୍ୟକ୍ତିଗତ ସ୍କୋରରେ ଆଉ ୧ ରନ ଯୋଡିଥିବା ଗୌରବ ଆଉଟ ହୋଇଥିଲେ। ଓଡ଼ିଶାର ଦୁଇ ଅଭିଜ୍ଞ ବ୍ୟାଟର କୁହାଯାଉଥିବା ଗୋବିନ୍ଦ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ମଧ୍ୟ ଏଭଳି ପରିସ୍ଥିତିରେ ଦଳକୁ ନିରାଶ କରିଥିଲେ। ଗୋବିନ୍ଦ ୧୩ରନରେ ଏବଂ ଶୁଭ୍ରାଂଶୁ ୧୬ରନରେ ଆଉଟ ହୋଇଥିଲେ। ପରେ ରାଜେଶ ଧୂପର ୧୧୫ବଲ ସମ୍ମୁଖୀନ ହୋଇ ୩୮ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ ସୁଦ୍ଧା ଅପରପାର୍ଶ୍ୱରୁ କ୍ରମାଗତ ଭାବେ ୱିକେଟ ପତନ ଓଡ଼ିଶାକୁ ପରାଜୟ ଦ୍ୱାରରେ ପହଞ୍ଚାଇଥିଲା। ଶେଷ ଭାଗରେ କେହି ଦୁଇ ଅଙ୍କ ଛୁଇଁ ନ ଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS